# ଚକ୍ରଧର - ସ୍ମରଣିକା



ମୃତ୍ୟୁ—
୧୯୮୨, ଅକ୍ଟୋବର
୨୪, ଆଶ୍ୱିନ ଶୁକ୍ଳ
ସପ୍ତମୀ, ରବିବାର

ସ୍ୱର୍ଗତଃ ଚକ୍ରଧର ମହାପାତ୍ର

# *Souvenir*

**ON**

## Late **CHAKRADHARA MAHAPATRA**

Digitized by srujanika@gmail.com

# ଚକ୍ରଧର-ସ୍ମରଣିକା

(ପ୍ରଥମ ବାର୍ଷିକ-ଶ୍ରାଦ୍ଧ ଉପଲକ୍ଷେ)

# *Souvenir*

ON

# Late **Chakradhara Mahapatra**

**(On the occasion of first death anniversary)**

1983

*Published by*

Department of Tourism, Sports and Culture

GOVERNMENT OF ORISSA

BHUBANESWAR

Digitized by srujanika@gmail.com

କେହୁ ରହୁନାହୁଁ ରହୁବ ନାହୁଁଟି
ଭବରଙ୍ଗ ଭୂମି ତଳେ ।

ସବେଁ ନିଜ ନିଜ ଅଭିନୟ ସାରି
ବାହୁଡ଼ିବେ କାଳ ବଳେ ॥

(ରାଧାନାଥ)

× × × ×

ମଣିଷ ଜୀବନ ନୁହେଁ ଖାଲି ଏକା
ବର୍ଷ ମାସ ଦିନ ଦଣ୍ଡ ।

କର୍ମେ ଜୀଏ ନର କର୍ମ ଏକା ତା'ର
ଜୀବନର ମାନଦଣ୍ଡ ॥

(ଗୋପବନ୍ଧୁ)

Digitized by srujanika@gmail.com

सत्यमेव जयते

**ଜାନକୀ ବଲ୍ଲଭ ପଟ୍ଟନାୟକ**
ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର
୭ । ୮ । ୯ । ୧୯୮୩

ଉତ୍କଳ ଜନନୀଙ୍କର ବରପୁତ୍ର ଚକ୍ରଧର ମହାପାତ୍ର ଆଜ ଇହ ଜଗତରେ ନାହାନ୍ତି । ଔପନ୍ୟାସିକ, ଗାଳ୍ପିକ, ଐତିହାସିକ, ପ୍ରାବନ୍ଧିକ, ସମାଲୋଚକ ଓ ସାମ୍ବାଦିକ ଭାବରେ ସ୍ୱର୍ଗତ ମହାପାତ୍ର ଓଡ଼ିଶାରେ ପ୍ରଭୂତ ସୁଖ୍ୟାତି ଅର୍ଜନ କରିଥିଲେ । ତାଙ୍କ ଲିଖିତ 'ଉତ୍କଳ-ଗାଉଁଲି-ଗୀତ' ଓ 'ଗୋବର ଗୋଟେଇ' ଉପନ୍ୟାସ ପାଇଁ ସେ ଉତ୍କଳର ପୁରପଲ୍ଲୀରେ ସୁପରିଚିତ ଥିଲେ । ସେ 'ଭଦ୍ରଲୋକ' ଶୀର୍ଷକ ଖଣ୍ଡିଏ ସମାଲୋଚନାମୂଳକ ମାସିକ ପତ୍ରିକା ପ୍ରକାଶ କରି ନିର୍ଭୀକ ସାମ୍ବାଦିକତାର ପରିଚୟ ଦେଇଥିଲେ । ସେ ପ୍ରାୟ ଅଣାଅଶୀ ଖଣ୍ଡ ପୁସ୍ତକ ରଚନା କରିଥିଲେ । ସେଥିମଧ୍ୟରୁ ବତିଶ ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି । ତାଙ୍କ ଲିଖିତ **'The real birth place of Buddha'** ପୁସ୍ତକଟି ବୁଦ୍ଧଦେବଙ୍କ ଜନ୍ମସ୍ଥାନ ସମ୍ପର୍କରେ ନୂତନ ଦିଗ୍‌ଦର୍ଶନ ଦେଇଛି । ଏହି ପୁସ୍ତକର ପ୍ରଚାର ଫଳରେ ବିଶ୍ୱର ଐତିହାସିକମାନଙ୍କ ମଧ୍ୟରେ ଏକ ଆଲୋଡନ ସୃଷ୍ଟି ହୋଇଛି ।

ଉତ୍କଳୀୟ କବି ଜୟଦେବଙ୍କ ସମ୍ବନ୍ଧରେ ଚକ୍ରଧର ବାବୁଙ୍କ ଗବେଷଣା ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଅବ୍ୟାହତ ରହିଥିଲା । ସେ ବିଶ୍ୱବିଦ୍ୟାଳୟର ଡିଗ୍ରୀଧାରୀ ହୋଇ ନ ଥିଲେ ମଧ୍ୟ ଓଡ଼ିଶାର ବାଣୀଭଣ୍ଡାରକୁ ଯେଉଁ ଗ୍ରନ୍ଥସମୂହ ଦାନ କରିଯାଇଛନ୍ତି, ତାହା ତାଙ୍କୁ ଚିରଦିନ ସାରସ୍ୱତ ସାଧକମାନଙ୍କ ସମକ୍ଷରେ ଅମର କରି ରଖିବ ।

ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ମୁଁ ମୋର ଆନ୍ତରିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

Digitized by srujanika@gmail.com

ଶ୍ରୀ ଯୁଗଳ କଶୋର ପଟ୍ଟନାୟକ
ରାଷ୍ଟ୍ରମନ୍ତ୍ରୀ
ଶ୍ରମ, ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ, ଓଡ଼ିଶା


ଭୁବନେଶ୍ୱର
ତା ୫ । ୯ । ୧୯୮୩

ଉତ୍କଳ ଭାରତୀଙ୍କର ବରପୁତ୍ର ତଥା ସୁସାହିତ୍ୟିକ, ସମାଲୋଚକ ଚକ୍ରଧର ମହାପାତ୍ରଙ୍କ ବିୟୋଗ ଓଡ଼ିଶା ପକ୍ଷରେ ଏକ ଅପୂରଣୀୟ କ୍ଷତି । ତାଙ୍କର ଉପନ୍ୟାସ 'ଗୋବର ଗୋଟେଇ' ତଥା 'ଉତ୍କଳର ଗାଉଁଲି ଗୀତ' ପୁସ୍ତକ ପାଇଁ ଓଡ଼ିଶାର ପୁରପଲ୍ଲୀରେ ସେ ସୁପରିଚିତ । ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ଜ୍ଞାନ କୋଷ'ର ସଙ୍କଳନ କାର୍ଯ୍ୟ ସ୍ୱର୍ଗତ ମହାପାତ୍ରଙ୍କ ଯୋଗଦାନରେ ସମାହିତ ହୋଇଛି । ସେପରି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଫଳରେ ସେ ଦେଶବାସୀଙ୍କର ଚିର ସ୍ମରଣୀୟ ହୋଇ ରହିଛନ୍ତି ।

ଉତ୍କଳ ଗୌରବର ଅଭିବୃଦ୍ଧି ଲାଗି ସ୍ୱର୍ଗତ ଚକ୍ରଧର ମହାପାତ୍ର ଓଡ଼ିଶା ଇତିହାସର ଏକ ଅଜ୍ଞାତ ଅଧ୍ୟାୟ, 'ଜୟଦେବ' ଓ 'ବୁଦ୍ଧଦେବଙ୍କ ପ୍ରକୃତ ଜନ୍ମସ୍ଥାନ' ପ୍ରଭୃତି ପୁସ୍ତକ ଓଡ଼ିଆ ଓ ଇଂରେଜୀ ଭାଷାରେ ରଚନା କରିଛନ୍ତି । ବାଣୀଙ୍କର ବର-ପୁତ୍ର ଚକ୍ରଧରଙ୍କ ବିୟୋଗ ଫଳରେ ଓଡ଼ିଶାର ସୁଧୀମଣ୍ଡଳୀରେ ଶୂନ୍ୟସ୍ଥାନ ପୂରଣ ହେବା ସମ୍ଭବ ନୁହେଁ ।

ସ୍ୱର୍ଗତ ମହାପାତ୍ରଙ୍କ ଶ୍ରାଦ୍ଧବାସରରେ ମୁଁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

Digitized by srujanika@gmail.com

ଡକ୍ଟର ହରେକୃଷ୍ଣ ମହତାବ
ଏକାମ୍ର ନିବାସ

ଭୁବନେଶ୍ୱର
ତା ୧ । ୧୧ । ୧୯୮୩

ଶ୍ରୀ ଚକ୍ରଧର ମହାପାତ୍ରଙ୍କ ମୃତ୍ୟୁରେ ଓଡ଼ିଶା ଗବେଷଣା କ୍ଷେତ୍ରରେ ଜଣେ, ବିଶିଷ୍ଟ ବ୍ୟକ୍ତିଙ୍କୁ ହରାଇଲା । ମୁଁ ତାଙ୍କୁ ବହୁଦିନରୁ ଜାଣେ । ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରୁଛି ।

ହରେକୃଷ୍ଣ ମହତାବ

ଗଙ୍ଗାଧର ମହାପାତ୍ର
ମନ୍ତ୍ରୀ
ଶିକ୍ଷା ଓ ଯୁବ କଲ୍ୟାଣ ବିଭାଗ

ଭୁବନେଶ୍ୱର
ତା ୧୦ । ୯ । ୧୯୮୩

ଉତ୍କଳର କୃତୀସନ୍ତାନ ସ୍ୱର୍ଗତ ଚକ୍ରଧର ମହାପାତ୍ର ଏକାଧାରରେ ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ଐତିହାସିକ ଓ ବିଶିଷ୍ଟ ସମାଲୋଚକ । ତାଙ୍କର ସଂସ୍କାର ଭାବନା, ସ୍ୱଦେଶ ବାତ୍ସଲ୍ୟ, ସୌନ୍ଦର୍ଯ୍ୟ ଉପାସନା, ଦୂରଦର୍ଶିତା ତଥା ଉଦାର ବ୍ୟକ୍ତିତ୍ୱ ଅବିସ୍ମରଣୀୟ । ଜଣେ ଲବ୍ଧପ୍ରତିଷ୍ଠ ସାହିତ୍ୟିକ ଭାବେ ସେ ଓଡ଼ିଶାର ସୁଧୀ ସମାଜରେ ସୁପରିଚିତ । ତାଙ୍କର ଏକନିଷ୍ଠ ସାଧନାପ୍ରସୂତ କୃତି ସମୂହରେ ସମସାମୟିକ ଉତ୍କଳର ଅବସ୍ଥା, ଦରିଦ୍ର ପ୍ରଜାମଣ୍ଡଳୀ, ଦେଶଭକ୍ତ ବୀର ପାଇକମାନଙ୍କର ତ୍ୟାଗ ଓ ସାହସିକତା ସହିତ ସାମାଜିକ ଜୀବନର ବିଭିନ୍ନ ବିପ୍ଳବ, ରାଜନୈତିକ ତଥା ଐତିହାସିକ ଚିତ୍ରର ମନୋରମ ଆଲେଖ୍ୟ ରୂପାୟିତ ହୋଇଅଛି ।

ଚିରନମସ୍ୟ ସେହି ସାଧକଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ପ୍ରକାଶ ଲାଭ କରୁଥିବା ସ୍ମରଣିକାକୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ତାଙ୍କୁ ମୋର ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

Digitized by srujanika@gmail.com

**ଶ୍ରୀ ଅଓ୍ୱଧ ନାରାୟଣ ତଓ୍ୱାରୀ,** ଆଇ. ଏ. ଏସ୍.
କମିଶନର ତଥା ଶାସନ ସଚିବ, ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ
ଏବଂ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ

ଭୁବନେଶ୍ୱର
ତା ୫ । ୯ । ୧୯୮୩

ଉତ୍କଳ ଜନନୀଙ୍କର ସୁଯୋଗ୍ୟ ସନ୍ତାନ, ଔପନ୍ୟାସିକ, କବି ଓ ସମାଲୋଚକ ସ୍ୱର୍ଗତ ଚକ୍ରଧର ମହାପାତ୍ରଙ୍କ ବିୟୋଗ ଆମଦେଶ ପକ୍ଷରେ ଏକ ଅପୂରଣୀୟ କ୍ଷତି । ସେ ଓଡ଼ିଆ ଉପନ୍ୟାସ, କାବ୍ୟ, ରମ୍ୟରଚନା ତଥା ଓଡ଼ିଆ ସଂସ୍କୃତିର ମୂଲ୍ୟବାନ୍ ଗ୍ରନ୍ଥ—'ଓଡ଼ିଶା ଇତିହାସର ଏକ ଅଜ୍ଞାତ ଅଧ୍ୟାୟ ତଥା ବୁଦ୍ଧଦେବଙ୍କ ପ୍ରକୃତ ଜନ୍ମସ୍ଥାନ' ପ୍ରଭୃତି ପୁସ୍ତକମାନ ଲେଖି ଓଡ଼ିଆ ସାହିତ୍ୟିକ ସମାଜରେ ଏକ ଗୌରବମୟ ସ୍ଥାନ ଅଧିକାର କରିଛନ୍ତି । ଉତ୍କଳୀୟ କବି ଜୟଦେବଙ୍କ ସମ୍ବନ୍ଧରେ ସ୍ୱର୍ଗତ ମହାପାତ୍ର ମୂଲ୍ୟବାନ୍ ତଥ୍ୟମାନ ପରିବେଷଣ କରି ଖଣ୍ଡିଏ ଗବେଷଣା-ପୂର୍ଣ୍ଣ ପୁସ୍ତକ ରଚନା କରିଥଲେ । ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ଧାରୀ ହୋଇ ନଥିଲେ ମଧ୍ୟ ସ୍ୱର୍ଗତ ମହାପାତ୍ର ଇଂରାଜୀ, ଓଡ଼ିଆ, ହିନ୍ଦୀ ଓ ବଙ୍ଗଳା ଭାଷାରେ ପ୍ରଭୂତ ଜ୍ଞାନାର୍ଜନ କରିଥିଲେ । ତାଙ୍କପରି ନିଷ୍ଠାପର ସାଧକ, ଅଧ୍ୟବସାୟୀ ତଥା ସ୍ୱାଭିମାନୀ ବ୍ୟକ୍ତି ଅତ୍ୟନ୍ତ ବିରଳ ।

ରାଜ୍ୟ ପର୍ଯ୍ୟଟନ, କ୍ରୀଡ଼ା ଓ ସଂସ୍କୃତି ବିଭାଗ ପକ୍ଷରୁ ଜୟଦେବଙ୍କ ଗୀତଗୋବିନ୍ଦ ପୁସ୍ତକର ସଙ୍କଳନ କାର୍ଯ୍ୟରେ ସ୍ୱର୍ଗତ ଚକ୍ରଧର ମହାପାତ୍ର ଅନ୍ୟତମ ସମ୍ପାଦକ ଭାବରେ ଯୋଗଦେଇ ବହୁ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ ଏବଂ ଉତ୍କଳ ବିଶ୍ୱ-ବିଦ୍ୟାଳୟ ପକ୍ଷରୁ ଆୟୋଜିତ 'ଜ୍ଞାନକୋଷ' ସଙ୍କଳନରେ ଯୋଗଦାନ କରିଥିଲେ । ତାଙ୍କର ବିୟୋଗ ଫଳରେ ଓଡ଼ିଶା ଜଣେ ସୁଯୋଗ୍ୟ ଗୁଣୀ ବ୍ୟକ୍ତିଙ୍କୁ ହରାଇଲା, ଏଥିରେ ସନ୍ଦେହ ନାହିଁ ।

ତାଙ୍କର ଶ୍ରାଦ୍ଧବାସରରେ ମୁଁ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

Digitized by srujanika@gmail.com

ଶ୍ରୀମତୀ କୁମ୍‌କୁମ୍‌ ମହାନ୍ତି, ଆଇ. ପି. ଏସ୍.
ନିର୍ଦ୍ଦେଶିକା
ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ,

ଭୁବନେଶ୍ୱର
ତା ୫ । ୯ । ୧୯୮୩

ବରେଣ୍ୟ ମନୀଷୀ ସ୍ୱର୍ଗତ ଚକ୍ରଧର ମହାପାତ୍ର ଇହଜଗତରୁ ବିଦାୟ ନେଇଥିଲେ ମଧ୍ୟ ସାରସ୍ୱତ ସାଧନା, ଜାତି ନିର୍ମାଣ ଓ ସମାଜ ଗଠନ କ୍ଷେତ୍ରରେ ସେ ଅବିସ୍ମରଣୀୟ ହୋଇ ରହିବେ । ଏ ଦେଶବାସୀଙ୍କ ପ୍ରତି ତାଙ୍କର ଅବଦାନ ଯଥେଷ୍ଟ । ସାହିତ୍ୟ ସେବା ଥିଲା ତାଙ୍କ ଜୀବନର ବ୍ରତ । ସଂସ୍କୃତ ସାହିତ୍ୟ ଓ ଓଡ଼ିଆ ସାହିତ୍ୟରେ ବିଶେଷ ଦକ୍ଷତା ହାସଲ କରିବା ସଙ୍ଗେ ସଙ୍ଗେ ଲୋକ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ଅନୁରକ୍ତି ଥିଲା । ଗଳ୍ପ, ପ୍ରବନ୍ଧ, ଉପନ୍ୟାସ, ସମାଲୋଚନା, ଜୀବନୀ ତଥା ଗୀତିକାଦି ଆକାରରେ ତାଙ୍କ ଜୀବିତାବସ୍ଥାରେ ସେ ଅଣାଅଶି ଖଣ୍ଡ ପୁସ୍ତକ ପୁସ୍ତିକା ପ୍ରସ୍ତୁତ କରିଯାଇଛନ୍ତି । ତନ୍ମଧ୍ୟରେ ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ, The real birth place of Buddha, ଶ୍ରୀ ଜୟଦେବ, ଗୋବର ଗୋଟେଇ; ପ୍ରଜାମେଳ ଓ ଗୀତଗୋବିନ୍ଦ ପ୍ରଭୃତି ଓଡ଼ିଶାର ଇତିହାସ, ସାହିତ୍ୟ ତଥା ସଂସ୍କୃତିର ଏକ ଏକ ଉଜ୍ଜ୍ୱଳ ସ୍ତମ୍ଭ । ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରକାଶିତ 'ଓଡ଼ିଆ ଜ୍ଞାନକୋଷ'ର ସେ ଅନ୍ୟତମ ସଖା ସହାୟକ ଥିଲେ । ବହୁମୁଖୀ ପ୍ରତିଭାର ଅଧିକାରୀ ଚକ୍ରଧରଙ୍କର ବିୟୋଗଜନିତ କ୍ଷତି ଓଡ଼ିଶାବାସୀଙ୍କ ପକ୍ଷରେ ଅପୂରଣୀୟ ।

ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ସ୍ମରଣିକା ପ୍ରକାଶ ପାଉଥିବାଟି ଅତ୍ୟନ୍ତ ଆନନ୍ଦର ବିଷୟ । ମୁଁ ସେଥିପାଇଁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

କୁମ୍‌କୁମ୍‌ ମହାନ୍ତି ।

Digitized by srujanika@gmail.com

ଚକ୍ରଧର ବାବୁଙ୍କ ଲାଗି ସାରା ଓଡ଼ିଶା ଶୋକ କରୁଛି । ସାହିତ୍ୟ କ୍ଷେତ୍ରରେ ଉଜ୍ଜ୍ୱଳ ପ୍ରତିଭା ଲିଭିଗଲା । କ୍ଷତି ଅପୂରଣୀୟ । ସବୁ ବନ୍ଧୁ ଶୋକ କରୁଥିବା ହେତୁ ଆପଣମାନଙ୍କ ଶୋକ ଲାଘବ ହେବା ଉଚିତ ।

ସ୍ୱା-ସୁରେନ୍ଦ୍ର ନାଥ ଦ୍ୱିବେଦୀ
୨।୧୧।୧୯୮୨

ବନ୍ଧୁ ଚକ୍ରଧର ବାବୁଙ୍କ ବିୟୋଗ ସମ୍ବାଦ ପ୍ରଜାତନ୍ତ୍ରରୁ ପାଇ ଗଭୀର ମର୍ମାହତ ହେଲି । ଚକ୍ରଧର ବାବୁଙ୍କ ସାହିତ୍ୟିକ ପ୍ରତିଭା ଅତୁଳନୀୟ । ଓଡ଼ିଶା ବାହାରେ ଅନ୍ୟ କେଉଁଠି ଜନ୍ମ ନେଇଥିଲେ—ସେ କ'ଣ ନା କ'ଣ ହୋଇପାରିଥାନ୍ତେ । ଓଡ଼ିଶା ମାଟିରେ ତା ସମ୍ଭବ ହେଲା ନାହିଁ । ବରଂ ତାଙ୍କ 'ଗୋବର ଗୋଟେଇ'କୁ ଭଡ଼ା ଲଗାଇ ଦୁଇଟି ପ୍ରକାଶକ ଶେଠ ହେଲେ, ବିଚରା ବ୍ରାହ୍ମଣ ଚାଉଳ ମୁଠିଏ ବି ପାଇଲା ନାହିଁ । ଏ ଶୋକ ମୋତେ ବାଧିଛି । ଆପଣଙ୍କ ସହ ପିଲାମାନଙ୍କୁ ଭଗବାନ ଧୈର୍ଯ୍ୟ ଓ ସହନ-ଶକ୍ତି ଦିଅନ୍ତୁ, ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା ।

ସ୍ୱା-ଉମେଶ ଚନ୍ଦ୍ର ପାଣିଗ୍ରାହୀ
୨୫।୧୦।୧୯୮୨

ବିଶିଷ୍ଟ ସାହିତ୍ୟିକ ଗବେଷକ ଚକ୍ରଧର ମହାପାତ୍ରଙ୍କ ବିୟୋଗରେ ମୁଁ ଦୁଃଖର ଶରବ୍ୟ ହୋଇ ସପରିବାର ଆପଣଙ୍କୁ ଆନ୍ତରିକ ସହାନୁଭୂତି ଜଣାଉଅଛି । ଉତ୍କଳ ଗାଉଁଲି ଗୀତ ଗୁଡ଼ିକ ସଂଗ୍ରହ କରି ଟୀକା ଟିପ୍ପଣୀ ଓ ମୁଖବନ୍ଧ ସହିତ ପ୍ରକାଶିତ କରି ସେ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଉଚ୍ଚ ସ୍ଥାନ ଅଧିକାର କରିଛନ୍ତି । ତାଙ୍କ ମର ଶରୀର ତିରୋହିତ ହେଲେ ମଧ୍ୟ ତାଙ୍କର ବାଙ୍ମୟ ଶରୀର ଅମର । ଏହି ବାଙ୍ମୟ ଶରୀର ପ୍ରତି ମୁଁ ଆନ୍ତରିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ସ୍ୱା-କୁଞ୍ଜ ବିହାରୀ ତ୍ରିପାଠୀ
୫।୧୧।୧୯୮୨

ଆପଣ ଓ ଆପଣଙ୍କ ପରିବାର ପିତାଙ୍କୁ ହରାଇଛନ୍ତି । ମାତ୍ର ମୁଁ ହରାଇଛି ମୋ ଭାଷା ଓ ସାହିତ୍ୟର ଜଣେ ପ୍ରଥିତଯଶା ଲେଖକ ଅଭିଭାବକଙ୍କୁ ।

ସ୍ୱା-ଦଶରଥ ସାମଲ
୩।୧୧।୧୯୮୨



Digitized by srujanika@gmail.com

# ବିଭିନ୍ନ ସମ୍ବାଦପତ୍ରରେ ଶ୍ରଦ୍ଧାଞ୍ଜଳି

ଅନ୍ୟତମ ବନ୍ଧୁ ପୂର୍ବତନ ଓଡ଼ିଶା ଗଡ଼ଜାତର ନରସିଂହପୁର ନିବାସୀ ଏବଂ ଦିନେ ସେଠାରେ ଦେବୋତ୍ତର ବିଭାଗର କର୍ମଚାରୀ ଥିବା ଲୁକ୍‌କାୟିତ ରତ୍ନ ସ୍ୱରୂପ, ପ୍ରତିଭାସଂପନ୍ନ କବି, ସାହିତ୍ୟିକ, ଗବେଷକ, ଲେଖକ ଓ ଜନଶିକ୍ଷକ ସ୍ୱର୍ଗୀୟ ଚକ୍ରଧର ମହାପାତ୍ରଙ୍କ ବିୟୋଗ ଏକ ଶୋଚନୀୟ ସମ୍ବାଦ। ଓଡ଼ିଆ ସାହିତ୍ୟରତ୍ନ ଗାଉଁଲି ଗୀତର ସଂଚୟନ, ସଙ୍କଳନ ଓ ପ୍ରକାଶନ କ୍ଷେତ୍ରରେ ସେ ଅଗ୍ରଣୀ ଥିଲେ। ତାଙ୍କ ସାହିତ୍ୟିକ ପ୍ରତିଭା ତାଙ୍କ ସହଧର୍ମିଣୀଙ୍କୁ ପ୍ରଭାବିତ କରିଥିଲା। ସେ ମଧ୍ୟ ସୁଲେଖିକା। ବୁଦ୍ଧଦେବଙ୍କ ବିଷୟରେ ସେ ମୌଳିକ ଗବେଷଣା କରି ଇଂରାଜୀରେ ଯେଉଁ ଗ୍ରନ୍ଥ ପ୍ରଣୟନ କରିଥିଲେ, ତାହା ଦେଶ ବିଦେଶରେ ଆଲୋଚିତ ଓ ସମାଲୋଚିତ ହୋଇଛି। ପଙ୍କରୁ ପଦ୍ମ ଫୁଟିଲା ଭଳି ନରସିଂହପୁର ଭଳି ଗୋଟିଏ ଗଡ଼ଜାତରୁ ସେ ଏକ କବି ଓ ସାହିତ୍ୟିକ ରୂପେ ପ୍ରକାଶ ଲାଭ କରି-ପାରିଥିଲେ। ତାଙ୍କ ବିୟୋଗ ଆମ ରାଜ୍ୟ ପକ୍ଷରେ ଅପୂରଣୀୟ। ତାଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନଙ୍କୁ ସମବେଦନା ଜଣାଇ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ପାଇଁ ଏବଂ ଏ ପ୍ରକାର ଶୋକରେ ଭାଗୀ ହେବାପାଇଁ ଯେପରିକି ବିଧାତା ଆମ୍ଭମାନଙ୍କୁ ଏ ପର୍ଯ୍ୟନ୍ତ ଅଟକାଇ ରଖିଛି—ଏହା ହିଁ ମନେହୁଏ।

ସଂସାରର ବର୍ତ୍ତମାନ ତାଣ୍ଡବଲୀଳା ସଙ୍ଗେ ସଙ୍ଗେ ଏ ପ୍ରକାର ବିୟୋଗ ଯାହା ଦେଖିଲାବେଳେ କେବଳ କହିବାକୁ ହେବ—

ସର୍ବେ ଚଳିବେ କାଳ ବଳେ
କଥା ରହିବ ମହୀ ତଳେ।

ଦୈନିକ ସମାଜ
(ଝିଟିପିଟି କହେ)
୭ । ୧୧ । ୧୯୮୨

# ସାହିତ୍ୟ-ସାଧକଙ୍କ ବିୟୋଗ

ଓଡ଼ିଶାର ଆଜୀବନ ସାହିତ୍ୟ ସାଧକ ଓ ଗବେଷକ ଚକ୍ରଧର ମହାପାତ୍ରଙ୍କର ୭୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଅସହଯୋଗ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୨୮ ମସିହାରେ ସେ ଅସବର୍ଣ୍ଣ ବିବାହ ସଂପର୍କରେ ଲେଖିଥିବା 'ଗୋବର ଗୋଟଇ' ଉପନ୍ୟାସ ପାଇଁ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ସେ ଓଡ଼ିଶାର ଗାଉଁଲି ଗୀତ ଓ ଭଜନମାଳିର ସଂଗ୍ରହ ଆରମ୍ଭ କରିଥିଲେ। 'ଝଙ୍କାର'ରେ ସେ ବହୁ ପ୍ରବନ୍ଧ ଲେଖିଥିଲେ। ଯଦୁମଣି ଗ୍ରନ୍ଥାବଳୀ ସେ ସଂପାଦନା କରିଥିଲେ ଏବଂ ବିଶିଷ୍ଟ ନାରୀକବି କୁନ୍ତଳା କୁମାରୀ ସାବତଙ୍କ ଜୀବନ ଚରିତ ଲେଖିଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଜ୍ଞାନକୋଷ ସଂପାଦନା ଓ ପ୍ରକାଶନ ପାଇଁ ବହୁ ବର୍ଷ କାର୍ଯ୍ୟ କରିବା ପରେ ଅବସର ଗ୍ରହଣ କରିଥିଲେ। ସେ ସ୍ୱାଧୀନ-ଚେତା ଓ ସ୍ୱାଭିମାନୀ ଥିଲେ। ନିର୍ଭୀକଭାବେ ସେ ନିଜର ଗବେଷଣା ସମ୍ମତ ବିଚାର ପ୍ରକାଶ କରୁଥିଲେ।



Digitized by srujanika@gmail.com

ତାଙ୍କର ବିୟୋଗରେ ଓଡ଼ିଶା ଜଣେ ଅସାଧାରଣ ଗବେଷକ ଓ ସାହିତ୍ୟ ସାଧକଙ୍କୁ ହରାଇଲା । ଆମେ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ହାର୍ଦ୍ଦିକ୍ୟ ସମବେଦନା ଜ୍ଞାପନ କରୁଛୁ । ତାଙ୍କର ଆଜୀବନ ସାହିତ୍ୟ ସାଧନା ଓ ଗବେଷଣା ଯୁବକମାନଙ୍କୁ ପ୍ରଭାବିତ କରୁ ।

ଦୈନିକ ପ୍ରଜାତନ୍ତ୍ର
(ସମ୍ପାଦକୀୟ)
୨୮ । ୧୦ । ୧୯୮୨

## ସାହିତ୍ୟିକ ଚକ୍ରଧର ମହାପାତ୍ର

ଓଡ଼ିଶାର ଜଣେ ବିଶିଷ୍ଟ ସାହିତ୍ୟିକ, ସଂଗ୍ରାହକ, ସଙ୍କଳକ ଓ ଗବେଷକ ଚକ୍ରଧର ମହାପାତ୍ରଙ୍କ ବିୟୋଗ ଗଭୀର ଦୁଃଖ ଦାୟକ ଘଟଣା ।

ଅସବର୍ଣ୍ଣ ବିବାହ ସଂପର୍କୀୟ ସମାଜ-ସଂସ୍କାର-ମୂଳକ ତାଙ୍କର ଉପନ୍ୟାସ 'ଗୋବର ଗୋଟେଇ' ୧୯୨୮ ମସିହାରେ ପ୍ରକାଶିତ ହୋଇ ଖୁବ୍ ଆଲୋଡ଼ନ ସୃଷ୍ଟି କରିଥିଲା ଜନପ୍ରିୟ ହୋଇଥିଲା । ଓଡ଼ିଶାର ଗାଉଁଲୀ ଗୀତ, ଢଗଢମାଳି ଇତ୍ୟାଦି ସଂଗ୍ରହ କରି ପ୍ରକାଶ କରିବାରେ ସେ ଥିଲେ ଅଗ୍ରଣୀ । ବୁଦ୍ଧଙ୍କ ଜନ୍ମସ୍ଥାନ ସଂପର୍କରେ ଦୀର୍ଘକାଳ ଗବେଷଣା କରି ବୁଦ୍ଧଦେବ ଓଡ଼ିଶାର ଭୁବନେଶ୍ୱର ନିକଟ କପିଳେଶ୍ୱର ଗ୍ରାମରେ ଜନ୍ମିଥିଲେ ବୋଲି ଯୁକ୍ତି ପ୍ରମାଣ ଦର୍ଶାଇ ସେ ଓଡ଼ିଆ ଓ ଇଂରାଜୀରେ ପୁସ୍ତକ ପ୍ରକାଶ କରିଥିଲେ । 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' ତାଙ୍କର ଅନ୍ୟତମ ଗବେଷଣା ଗ୍ରନ୍ଥ । ବିଭିନ୍ନ ରଚନାରେ ସେ ଥିଲେ ସିଦ୍ଧହସ୍ତ ।

'ସହକାର', 'ଝଙ୍କାର' ପ୍ରଭୃତି ବିଭିନ୍ନ ସାହିତ୍ୟ ପତ୍ରିକାରେ ସେ ନିୟମିତ ଲେଖକ ଏବଂ ସ୍ୱର୍ଗତ ବାଳକୃଷ୍ଣ କର, ଲକ୍ଷ୍ମୀନାରାୟଣ ସାହୁ, କୁନ୍ତଳା କୁମାରୀ ସାବତ୍ ଡକ୍‌ଟର ହରେକୃଷ୍ଣ ମହତାବ, ଗୋଦାବରୀଶ ମହାପାତ୍ର, ମାୟାଧର ମାନସିଂହ, ବୈରାଗୀ ଚରଣ ମିଶ୍ର ପ୍ରମୁଖଙ୍କର ପରମ ବନ୍ଧୁ ଥିଲେ । କିଛିକାଳ ନିଜେ ଗୋଟିଏ ସାହିତ୍ୟ ପତ୍ରିକା ସମ୍ପାଦନା କରୁଥିଲେ । ଜଣେ ସ୍ୱାଧୀନଚେତା, ସ୍ୱାଭିମାନୀ ଏବଂ ନିର୍ଭୀକ ଆଲୋଚକ ଭାବରେ ସ୍ୱର୍ଗତ ମହାପାତ୍ର ପରିଚିତ ଥିଲେ । ସାହିତ୍ୟ ଏକାଡେମୀ ପୁରସ୍କାରକୁ ସେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ।

ତାଙ୍କ ବିୟୋଗରେ ଓଡ଼ିଶା ଜଣେ ବିଶିଷ୍ଟ ଗବେଷକ ଓ ପ୍ରବୀଣ ସାହିତ୍ୟିକଙ୍କୁ ହରାଇଲା । ଆମେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

ଦୈନିକ ମାତୃଭୂମି
ସମ୍ପାଦକୀୟ
ତା ୨୫।୧୦।୧୯୮୨



Digitized by srujanika@gmail.com

# ସୂଚୀପତ୍ର


| ବିଷୟ | | ପୃଷ୍ଠାଙ୍କ |
|---|---|---|
| ସ୍ୱର୍ଗତଃ ଚକ୍ରଧର ମହାପାତ୍ର | | ୧ |
| ଗଲ କି ଗଲି (କବିତା) | ଶ୍ରୀ କିଶୋର ଚନ୍ଦ୍ର ମିଶ୍ର | ୫ |
| ଗୁଣୀ | ଶ୍ରୀ ହରିହର ମହାପାତ୍ର | ୬ |
| କୃତବିଦ୍ୟ ଚକ୍ରଧର ମହାପାତ୍ର | ଡଃ ସଦାଶିବ ମିଶ୍ର | ୭ |
| ନୀରବ ସାଧକ | ଡଃ କାଳିନ୍ଦୀ ଚରଣ ପାଣିଗ୍ରାହୀ | ୮ |
| ସମୁଦ୍ର ସନ୍ତାନ (କବିତା) | ସୁଜାତା ପ୍ରିୟମଦା | ୧୦ |
| ସାରସ୍ୱତ ସାଧନାର ନୀରବ ପ୍ରତୀକ | ଡଃ ମନ୍ମଥ ନାଥ ଦାସ | ୧୧ |
| ଲୋକସାହିତ୍ୟର କୀର୍ତ୍ତିପୁରୁଷ ଚକ୍ରଧର | ଡଃ କୃଷ୍ଣବିହାରୀ ଦାଶ | ୧୪ |
| ଧନ୍ୟ ହେ କରିତ୍କର୍ମା (କବିତା) | ଶ୍ରୀ ବଂଶୀଧର ମିଶ୍ର | ୧୫ |
| ବନ୍ଧୁ ଚକ୍ରଧର ବାବୁ | ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ | ୧୭ |
| ମୋର ବରାବର ଇଛା ହୁଏ | ଶ୍ରୀ ବିନୋଦ କାନୁନଗୋ | ୧୯ |
| ବରେଣ୍ୟ ଗବେଷକ ବନ୍ଧୁ ଚକ୍ରଧର ବାବୁ | ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା | ୨୦ |
| ମୋର ପରିଚୟ | ଡଃ ଯଦୁନାଥ ପ୍ରସାଦ ଦାସ | ୨୨ |
| ବାପାଙ୍କ ପାଇଁ (କବିତା) | ଶ୍ରୀ ଲଲଟେନ୍ଦୁ ସୁନ୍ଦର ମହାପାତ୍ର .. | ୨୩ |
| ସ୍ମରଣେ (କବିତା) | ଶ୍ରୀ ଅକ୍ଷୟ କୁମାର ମହାପାତ୍ର | ୨୪ |
| ଚକ୍ରଧର ସ୍ମୃତି-ଚାରଣ | ଶ୍ରୀ ମୁରାରି ମୋହନ ଜେନା | ୨୫ |
| ଜଣେ ସାଧୁ ସାଧକ | ଶ୍ରୀ ଶ୍ରୀଧର ମହାପାତ୍ର | ୨୭ |
| ନିର୍ଲିପ୍ତ ଏକ ବନ୍ଧୁ | ଆଚାର୍ଯ୍ୟ ଶାନ୍ତିଭଦ୍ର | ୨୯ |
| ଯନ୍ତ୍ରଣା ବନାମ (କବିତା) | ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ | ୩୧ |
| ଚକ୍ରଧର ଓ କନକ ମଞ୍ଜରୀ | ଅଧ୍ୟାପିକା ଶ୍ରୀମତୀ ବୀଣାପାଣି ସିଂହ | ୩୨ |
| ଅଲିଭା ସ୍ମୃତି | କନକ ମଞ୍ଜରୀ ମହାପାତ୍ର | ୩୫ |
| ସାହିତ୍ୟସାଧକ ଚକ୍ରଧର ମହାପାତ୍ର | ଶ୍ରୀମତୀ ମଞ୍ଜୁବାଳା ମହାପାତ୍ର | ୩୭ |
| ସଙ୍ଗେ ଯଦି ନ ଆସେ କେଉ ଏକଲା ଚଲ୍‌ରେ | ଶ୍ରୀ ସୁର ସୁନ୍ଦର ମହାପାତ୍ର | ୩୯ |
| ଅମର ଆତ୍ମାକୁ (କବିତା) | ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱାଇଁ | ୪୧ |
| ଚକ୍ରଧର ସ୍ମରଣେ (କବିତା) | ଶ୍ରୀ ରୁକ୍ମଣି ମହାରଣା | ୪୨ |
| ହେ ସ୍ୱାଭିମାନୀ ଆତ୍ମା | ଡାକ୍ତର ପି. ପରିଜା | ୪୩ |
| ସ୍ମୃତି ଏକ ମହାନ୍ ଆତ୍ମାର | ମନୋଜ ମଞ୍ଜରୀ ମିଶ୍ର | ୪୪ |
| ମୁଁ ଅଜାଙ୍କୁ ଯେପରି ଜାଣେ | କୁମାରୀ ମଧୁମିତା ମିଶ୍ର | ୪୬ |
| ବାପାଙ୍କ ବାହୁଡ଼ା | ଡଃ ଭାରତେନ୍ଦୁ ସୁନ୍ଦର ରାଜଗୁରୁ ମହାପାତ୍ର । | ୪୭ |
| ଚକ୍ରଧର ମହାପାତ୍ର (କବିତା) .. | ଡା. ସରସ୍ୱତୀ ଦେବୀ | ୪୮ |
| ଲେଖକଙ୍କର ଶେଷଲେଖା—ବୁଦ୍ଧ ଓଡ଼ିଶାରେ ଜନ୍ମ ନେଇଥିଲେ କି ? | | ୫୦ |
| ଚକ୍ରଧର ମହାପାତ୍ରଙ୍କର ପ୍ରକାଶିତ ରଚନାବଳୀ .. | | ୫୨ |
| ଚକ୍ରଧର ମହାପାତ୍ରଙ୍କର ଅପ୍ରକାଶିତ ରଚନାବଳୀ .. | .. | ୫୩ |


Digitized by srujanika@gmail.com



ସ୍ତ୍ରୀ କନକ ମଞ୍ଜରୀଙ୍କ ସହିତ ୧୯୪୨ ମସିହାରେ

୧୯୪୭ ମସିହା ସ୍ୱର୍ଗତ ବଡ଼ପୁଅ ପ୍ରେମସୁନ୍ଦର ସହିତ ସ୍ତ୍ରୀଙ୍କ ନବକୋଳାଶ୍ରିତ ଶିଶୁ

୧୯୫୫ ମସିହାରେ ସ୍ତ୍ରୀ କନକ ମଞ୍ଜରୀଙ୍କ ସହିତ

Digitized by srujanika@gmail.com

# ସ୍ୱର୍ଗତଃ ଚକ୍ରଧର ମହାପାତ୍ର

ଓଡ଼ିଆ ସାହିତ୍ୟର ସ୍ୱନାମଧନ୍ୟ ଲେଖକ, ଗବେଷକ, ଔପନ୍ୟାସିକ, କବି, ପ୍ରାବନ୍ଧିକ ଚକ୍ରଧର ମହାପାତ୍ରଙ୍କର ଜନ୍ମ କଟକ ଜିଲ୍ଲାର ନରସିଂହପୁର ରାଜ୍ୟର ହରିଚନ୍ଦନପୁର ଶାସନରେ ତା ୧୮-୩-୧୯୦୮ ମସିହାରେ ହୋଇଥିଲା । ତାଙ୍କର ପିତାଙ୍କ ନାମ ଲୋକନାଥ ରାଜଗୁରୁ ଓ ମାତାଙ୍କ ନାମ ଶୌରୀ ଦେବୀ । ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜଗୁରୁ କବିଡ଼ିଣ୍ଡିମ ଜୀବଦେବଙ୍କର ସେ ଦ୍ୱାଦଶ ଅନ୍ୱୟ ଥିଲେ । ତାଙ୍କର ପିତୃ-ପୁରୁଷମାନେ ଖୋର୍ଦ୍ଧା ରାଜବଂଶ (ଗଜପତି) ମାନଙ୍କର ପ୍ରଧାନ ମନ୍ତ୍ରୀ ବା ରାଜଗୁରୁ ଥିଲେ । ସେହି ବଂଶର ରାଜଗୁରୁ ପରମ ଲକ୍ଷ୍ମୀ ତତ୍କାଳୀନ ଗଜପତିଙ୍କ ସହ ଅମେଳ ହେତୁ ନରସିଂହପୁର ଚାଲି ଆସିଥିଲେ । ନରସିଂହପୁରର ତତ୍କାଳୀନ ରାଜା ତାଙ୍କୁ ଆଶ୍ରୟ ଦେଇ ବିରାଟ ଭୂସଂପତ୍ତି ଦାନ କରିଥିଲେ । ସେହିଦିନଠାରୁ ସେମାନେ ନରସିଂହପୁରରେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିଥିଲେ ଓ ନରସିଂହପୁର ବ୍ରାହ୍ମଣ ଶାସନର ସର୍ବୋଚ୍ଚବ୍ୟକ୍ତି ଓ ରାଜାଙ୍କର ରାଜଗୁରୁ ଭାବରେ ଗଣ୍ୟ ହେଉଥିଲେ । ଏହି ବଂଶରେ ଚକ୍ରଧର ଜନ୍ମିଥିଲେ । ତାଙ୍କର ପିତା ଲୋକନାଥ ଗୀତିକାବ୍ୟ 'ମାର ସମ୍ଭବ'ର ରଚୟିତା ଥିଲେ । ତାଙ୍କର ଅକାଳରେ ପେଟ ରୋଗରେ ମୃତ୍ୟୁ ହେବା ବେଳକୁ ଚକ୍ରଧର ଏକ ବର୍ଷର ଶିଶୁ । ତାଙ୍କର ଜନନୀ ଶୌରୀ ଦେବୀ ମଧ୍ୟ ଜଣେ ସର୍ବଗୁଣ ସଂପନ୍ନା ବିଦୁଷୀ ମହିଳା ଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ଅନ୍ୟ କେତୋଟି ପୁତ୍ର କନ୍ୟାଙ୍କର ମୃତ୍ୟୁ ଘଟିବାରୁ ତାଙ୍କର ମନୋବଳ ଭାଙ୍ଗି ପଡ଼ିଥିଲା । ବିଶେଷ କରି ଚକ୍ରଧରଙ୍କର ଅଗ୍ରଜ ଅନନ୍ତ ମହାପାତ୍ର ବିଂଶ ବର୍ଷ ବୟସରେ କଟକରେ ମୃତ୍ୟୁ ବରଣ କରିବା ପରେ ସେ ଚକ୍ରଧରଙ୍କୁ ଦଣ୍ଡକ ପାଇଁ ପାଖରୁ ଅନ୍ତର କରୁ ନ ଥିଲେ । ନାନା ଲୋକସଂଗୀତ ଗାନ କରି ସେ ଶିଶୁ ଚକ୍ରଧରଙ୍କ ମନକୁ ଭୁଲଉଥିଲେ । ପରବର୍ତ୍ତୀ କାଳରେ ଚକ୍ରଧର ଜନନୀଙ୍କ ଠାରୁ ଏହି ଲୋକ ସଂଗୀତ ଗୁଡ଼ିକ ଉଦ୍ଧାର କରିଥିଲେ ଓ ତାଙ୍କରି ପ୍ରେରଣା ବଳରେ ଗାଉଁଲି ଗୀତର ପ୍ରଥମ ସଂଗ୍ରାହକ ହୋଇ ପାରିଥିଲେ ।

ଚକ୍ରଧର ଥିଲେ ଅତ୍ୟନ୍ତ ମେଧାବୀ । ନରସିଂହପୁରରୁ ସେ ଭର୍ଣ୍ଣାକୁଲର ପାଶ୍ କରିଥିଲେ । ଥରେ କଟକ ବୁଲିବାକୁ ଆସି ସେ ଉତ୍କଳ-ଭାରତୀ କୁନ୍ତଳା କୁମାରୀଙ୍କ ଆଖିରେ ପଡ଼ିଥିଲେ । କୁନ୍ତଳା କୁମାରୀ ତାଙ୍କୁ ପୁତ୍ର ପରି ସ୍ନେହ ଆଦର ଦେଇ ବଢ଼ାଇବାକୁ ଇଚ୍ଛା କରିଥିଲେ । କୁନ୍ତଳା କୁମାରୀ କହୁଥିଲେ, ଚକ୍ରଧର ତାଙ୍କର ପୂର୍ବ ଜନ୍ମର ପୁତ୍ର । ତେଣୁ ସେ ତାଙ୍କର ମାଆ । ମାତ୍ର କୁନ୍ତଳା କୁମାରୀ ଖ୍ରୀଷ୍ଟିୟାନ ଥିବା ହେତୁ ନୈଷ୍ଠିକ ଚକ୍ରଧର ତାଙ୍କ ଘରେ ରହୁ ନ ଥିଲେ କିମ୍ବା କୌଣସି ପଦାର୍ଥ ଭୋଜନ କରୁ ନ ଥିଲେ । ତଥାପି ଏଇ ମାତୃ-ପୁତ୍ର ସମ୍ପର୍କ ତାଙ୍କର କୁନ୍ତଳା କୁମାରୀଙ୍କ ମୃତ୍ୟୁ ଯାଏଁ ରହିଥିଲା । କୁନ୍ତଳା ତାଙ୍କୁ ଉଚ୍ଚ ଶିକ୍ଷା ଦେବା ନିମନ୍ତେ ସମସ୍ତ ଚେଷ୍ଟା କରିଥିଲେ ଓ କଟକର ଭକ୍ତମଧୁ ବିଦ୍ୟାପୀଠରେ ନାଁ ଲେଖାଇ ଥିଲେ । ମାତ୍ର ଚକ୍ରଧର ଅଳ୍ପ କିଛି ମାସ ପଢ଼ିବା ପରେ ତାହା ବର୍ଜ୍ଜନ କରି ନିଜ ଜନନୀଙ୍କ ନିକଟକୁ ଚାଲି ଯାଇଥିଲେ ।

ପୁନର୍ବାର ସେ ନିଜେ ଇଚ୍ଛାକରି ପୁରୀ ସଂସ୍କୃତ ମହାବିଦ୍ୟାଳୟରେ ନାମ ଲେଖାଇ ଦୁଇବର୍ଷ ଅଧ୍ୟୟନ କରିଥିଲେ । କିନ୍ତୁ ଶେଷରେ ପରୀକ୍ଷା ବର୍ଜ୍ଜନ କରି ସ୍ୱାଧୀନତା—ଆନ୍ଦୋଳନରେ ଯୋଗ ଦେଇଥିଲେ । ସ୍ୱାଧୀନତା ଆନ୍ଦୋଳନର ସେ ଜଣେ ଟାଣୁଆ ବୀର ଥିଲେ । କଲିକତା ଓ କରାଚୀ କଂଗ୍ରେସ ଅଧିବେଶନରେ ସେ ଯୋଗ ଦେଇଥିଲେ । କରାଚୀ କଂଗ୍ରେସ ଅଧିବେଶନରେ ସେ ମହାତ୍ମାଗାନ୍ଧୀଙ୍କ ସହ ଆଳାପ କରିବାର ସୁଯୋଗ ପାଇଥିଲେ । ଗଡ଼ଜାତର ଜଣେ କିଶୋର ଏପରି ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ଦେଖି ଅନେକ ମନସ୍ୱୀ ଲୋକ ମଧ୍ୟ ଉନ୍ମାଦିତ ହୋଇ ଯାଇଥିଲେ । ଶହିଦ ଭଗତ ସିଂହଙ୍କ ଫାଶି ସମୟରେ ସେ ଲାହୋରରେ ଥିଲେ । କୌଣସି ଜେଲରେ ବନ୍ଦୀ ଭାବରେ ନ ରହିବାରୁ ସେ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ବୋଲି ତାଙ୍କୁ ଅନେକ ଚିହ୍ନି ନାହାନ୍ତି ।

କିଶୋର ଅବସ୍ଥାରୁ ସେ ଜଣେ ଜନସେବକ ଓ ସମାଜ ସଂସ୍କାରକ ଭାବେ ଖ୍ୟାତି ଅର୍ଜ୍ଜନ କରିଥିଲେ । ତାଙ୍କର ପ୍ରଥମ ଉପନ୍ୟାସ 'ଗୋବର ଗୋଟେଇ' ୧୯୨୮ ମସିହାରେ ରଚିତ ହୋଇଥିଲା । ତାଙ୍କର ଏହି ପୁସ୍ତକ ସେତେବେଳେ ଅତ୍ୟନ୍ତ ଲୋକପ୍ରିୟ ହୋଇଥିଲା । ଏହା ଅସବର୍ଣ୍ଣ ବିବାହ ଉପରେ ଲିଖିତ । ଏହାର ନକଲରେ ଦୁଇଜଣ ଅସାଧୁ ପୁସ୍ତକ ବ୍ୟବସାୟୀ 'ଦୁଃଖିନୀ ଗୋବର ଗୋଟେଇ', 'ସଚିତ୍ର ଗୋବର ଗୋଟେଇ' ନାମରେ ପୁସ୍ତକ ଛାପି ଯଥେଷ୍ଟ ଲାଭବାନ ହୋଇଥିଲେ ହେଁ ଲେଖକ ଏ ସବୁ ଜାଣି ସୁଦ୍ଧା ନୀରବ ରହିଥିଲେ । ଏହି ପୁସ୍ତକ ଲେଖିବା ସମୟରେ ତାଙ୍କର ବୟସ ମାତ୍ର କୋଡ଼ିଏ ବର୍ଷ ହୋଇଥିଲା । ତଥାପି ଏହା ଏତେ ଲୋକପ୍ରିୟ ହୋଇଥିଲା ଯେ ଯାହାର ସୂଚନା ଆମେ ଏହି ପୁସ୍ତକର ତୃତୀୟ ସଂସ୍କରଣରୁ ଜାଣି ପାରି ଥାଉଁ ।

୧୯୨୯ ମସିହାରେ ସେ କନକମଞ୍ଜରୀଙ୍କୁ ବିବାହ କରିଥିଲେ । କନକମଞ୍ଜରୀ ଥିଲେ ତିଗିରିଆ ରାଜ୍ୟର ଜଣେ ପଣ୍ଡିତ ଜ୍ଞାନୀ ଶ୍ରୀଯୁକ୍ତ କପିଳେଶ୍ୱର ବଡ଼ପଣ୍ଡା ମିଶ୍ରଙ୍କ କନିଷ୍ଠା

Digitized by srujanika@gmail.com

କନ୍ୟା । ବିବାହ ସମୟରେ ତାଙ୍କର ବୟସ ମାତ୍ର ଏଗାର ଓ ଏହାର ତିନିବର୍ଷ ପରେ ୧୪ ବର୍ଷରେ ସେ ଶାଶୁଘରକୁ ଆସି ବିଧବା ଶାଶୁ ଓ ଚକ୍ରଧରଙ୍କ ସମସ୍ତ ଦାୟିତ୍ୱ ମୁଣ୍ଡାଇଥିଲେ । କନକମଞ୍ଜରୀ ଥିଲେ ଜଣେ ସୁନ୍ଦରୀ ଓ ବିଦୁଷୀ ମହିଳା । ସେ ଚକ୍ରଧରଙ୍କର ପ୍ରକୃତ ସହଧର୍ମିଣୀ ହୋଇ ପାରିଥିଲେ । ଅଧିକ ପଢି ନଥିଲେ ମଧ୍ୟ ସ୍ୱାମୀଙ୍କ ସଂସ୍ପର୍ଶରେ ଆସି ସେ ମଧ୍ୟ ଜଣେ ସୁଲେଖିକା ହୋଇ ପାରିଛନ୍ତି ଓ 'ଉତ୍କଳ ଗାଉଁଲି କାହାଣୀ' ଓ 'କଳିଙ୍ଗ କାହାଣୀ' ନାମକ ଦୁଇଟି ପୁସ୍ତକ ରଚନା କରିଛନ୍ତି । ସେଥିମଧ୍ୟରୁ କଳିଙ୍ଗ କାହାଣୀ ପୁସ୍ତକ ନିମନ୍ତେ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି । କନକମଞ୍ଜରୀ ଅତ୍ୟନ୍ତ ଧୈର୍ଯ୍ୟଶୀଳା ଏବଂ ସାହସିନୀ ହେତୁ ଚକ୍ରଧରଙ୍କୁ ନାନା ଆପଦ ବିପଦରୁ ରକ୍ଷା କରୁଥିଲେ । ଏହି କନକମଞ୍ଜରୀଙ୍କ ସହାୟତାରେ ସେ ଓଡ଼ିଶାର ଲୁପ୍ତପ୍ରାୟ ଲୋକଗୀତଗୁଡ଼ିକ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ । ୧୯୩୯ ମସିହାରେ ଚକ୍ରଧର ଓ କନକ ମଞ୍ଜରୀ ଉତ୍କଳ ସଂଗୀତ ସମାଜ ଆନୁକୂଲ୍ୟରେ କେତେଗୁଡ଼ିଏ ଲୋକଗୀତ ପାଠକରି ଗୁଣୀଜନଙ୍କ ଦୃଷ୍ଟି ଆକର୍ଷଣ କରାଇ ପାରିଥିଲେ । କାୟା ସହ ଛାୟାଭଳି କନକମଞ୍ଜରୀଙ୍କୁ ଚକ୍ରଧର ନିମିଷେ ଅନ୍ତର କରୁ ନଥିଲେ । ସ୍ୱାମୀଙ୍କର ଶେଷ ମୁହୂର୍ତ୍ତଯାଏ ସେ ଉପଯୁକ୍ତ ସହଧର୍ମିଣୀର ସମ୍ମାନ ବଜାୟ ରଖିଛନ୍ତି ।

୧୯୩୭ରୁ ୧୯୬୦ ଯାଏ ସେ ନରସିଂହପୁରର ଦେବୋତ୍ତର ମ୍ୟାନେଜର ଥାଇ ବାଣେଶ୍ୱର ମନ୍ଦିର ସହିତ ବହୁ ମନ୍ଦିର ନିର୍ମାଣ ଓ ସଂସ୍କାର କରିଥିଲେ । ବହୁ ବନ୍ଧ ବାଡ଼ ନିର୍ମାଣ କରିବା ସଙ୍ଗେ ସଙ୍ଗେ ଅନେକ ଛାତ୍ରଙ୍କୁ ଉଚ୍ଚ ଶିକ୍ଷା ଲାଭ ପାଇଁ ବୃତ୍ତି ପ୍ରଦାନ କରିଥିଲେ । ସେ ମଧ୍ୟ ନିଜେ ଅନେକ ଗରୀବ ଛାତ୍ରଙ୍କୁ ସ୍ୱଉପାର୍ଜନରେ ଶିକ୍ଷିତ କରାଇଥିଲେ । ରାଜ୍ୟର ଶତାଧିକ ରୁଗ୍‌ଣ, ଅନାଥ ବିଧବାଙ୍କ ପ୍ରତିପୋଷଣ ପାଇଁ ଦେବୋତ୍ତର ବୃତ୍ତି ପ୍ରଦାନ କରିଥିଲେ ।

୧୯୩୮ ମସିହାରେ କୁନ୍ତଳାକୁମାରୀଙ୍କର ସୂତିକା ଗୃହରେ ଆକସ୍ମିକ ମୃତ୍ୟୁ ଘଟିଲା । ତାହାର କିଛି ମାସ ପରେ ନିଜ ଜନନୀ ଶୌରୀ ଦେବୀଙ୍କର ମଧ୍ୟ ପରଲୋକ ହେଲା । ଏହି ଦୁଇ ମହନୀୟ ଜନନୀଙ୍କ ଅଭାବରେ ଚକ୍ରଧର ଶୋକରେ ମୂହ୍ୟମାନ ହୋଇ ପଡ଼ିବାରୁ ତାଙ୍କର ହୃଦ୍‌ରୋଗ ହୋଇଥିଲା । ତାଙ୍କର ପତ୍ନୀ କନକମଞ୍ଜରୀ ସେତେବେଳେ ୧୯ ବର୍ଷର ତରୁଣୀ । ତଥାପି ସ୍ୱାମୀଙ୍କୁ କଟକ ଆଣି ସେ ଚିକିତ୍ସା କରାଇଥିଲେ । କଟକର ଜଣେ ଖ୍ୟାତନାମା ହୋମିଓ ପ୍ୟାଥିକ ଡ଼ାକ୍ତର ରାମପଦ ଭଟ୍ଟାଚାର୍ଯ୍ୟଙ୍କ ଚିକିତ୍ସାରେ ରହି ଏହି ବେମାରୀ ତାଙ୍କର ଦୂର ହୋଇଥିଲା । କୁନ୍ତଳାକୁମାରୀ ଅକାଳରେ ମରିନଥିଲେ ଚକ୍ରଧରଙ୍କ ଜୀବନର ପଟ ପରିବର୍ତ୍ତନ ଘଟିଥାନ୍ତା, କାରଣ କୁନ୍ତଳାକୁମାରୀ ତାଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ ଓ ଦିଲ୍ଲୀରେ ସପରିବାର ରହିବା ପାଇଁ ବାରମ୍ବାର ଅନୁରୋଧ କରି ପତ୍ରମାନ ଦେଉଥିଲେ । ଚକ୍ରଧର ନିଜର ବୃଦ୍ଧା ଜନନୀଙ୍କୁ ଛାଡ଼ି ମୁହୂର୍ତ୍ତେ କେଉଁଆଡ଼କୁ ଯିବାକୁ ଇଚ୍ଛା କରୁନଥିଲେ । ଆଉ ଯେତେବେଳେ ତାଙ୍କ ନିଜ ଜନନୀଙ୍କର ମୃତ୍ୟୁ ଘଟିଲା ଓ ସେ ଦିଲ୍ଲୀ ଯିବାରେ ଆଉ କୌଣସି ପ୍ରତିବନ୍ଧକ ନଥିଲା, ସେତେବେଳେକୁ ତାଙ୍କର ଧର୍ମର ଜନନୀଙ୍କର ମଧ୍ୟ ପରଲୋକ ହୋଇ ଯାଇଥିଲା । ଏଣିକି ନରସିଂହପୁରର ସର୍ବାଙ୍ଗୀନ ଉନ୍ନତିରେ ସେ ମନ ଦେଇଥିଲେ । ତାଙ୍କର ପ୍ରଥମ ସନ୍ତାନ ପୁତ୍ର ପ୍ରେମସୁନ୍ଦର ଅତ୍ୟନ୍ତ ମେଧାବୀ ଓ ଗୁଣବାନ୍ ଥିଲା । ମାତ୍ର କୋଡ଼ିଏ ବର୍ଷ ବୟସରେ କଲିକତାରେ ଅଧ୍ୟୟନ କରୁଥିବା ସମୟରେ ଗଙ୍ଗାନଦୀରେ ନୌକାବୁଡ଼ିରେ ତାର ପ୍ରାଣତ୍ୟାଗ ଖବର ପାଇବା ପରେ ଚକ୍ରଧର ଶୋକରେ ଭାଙ୍ଗି ପଡ଼ିଥିଲେ । ସେତେବେଳେ ତାଙ୍କର ଉଚ୍ଚ ରକ୍ତଚାପ ବେମାରୀ ବାହାରି ଥିଲା । ଏହି ଦୁଃଖରେ ସେ ତାଙ୍କର ଅନ୍ୟାନ୍ୟ ସନ୍ତାନ ମାନଙ୍କର ଉଚ୍ଚଶିକ୍ଷା ନିମନ୍ତେ ନରସିଂହପୁରରୁ ଆଂଶିକ ସଂପର୍କ ତ୍ୟାଗକରି ମହାନଗରୀ କଟକରେ ବସତି ସ୍ଥାପନ କରିଥିଲେ। ୧୯୬୦ ମସିହାରେ ସେ ସବୁଦିନ ପାଇଁ ନରସିଂହପୁର ତ୍ୟାଗ କରି କଟକ ପରିବାର ସହ ଚାଲି ଆସିଥିଲେ । ନରସିଂହପୁରରେ ଥିବା ତାଙ୍କର ୩ଟି ଗୃହ ଓ ଅନେକ ଜମିବାଡ଼ି ସେ ଖୁବ୍ କମ୍ ଦାମରେ ବିକ୍ରୟ କରି ଦେଇ ସବୁଦିନ ପାଇଁ ନରସିଂହପୁର ତ୍ୟାଗ କରିଥିଲେ । ଏବେବି ତାଙ୍କର ଅନେକ ଜମି ବାଡ଼ି ନରସିଂହପୁରରେ ରହିଛି ଓ ତାହା ତାଙ୍କର ପୁରୁଣା ରଇତମାନେ ଭୋଗ କରୁଛନ୍ତି ।

୧୯୬୦ରୁ ୧୯୭୨ ଯାଏଁ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଜ୍ଞାନକୋଷ ବିଭାଗରେ ଭାଷା ସହାୟକ ଥାଇ ୧୯୬୭ରୁ ସଂପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କର ଅସମ୍ଭବ ମେଧାଶକ୍ତି ଓ ରଚନା ପ୍ରକାଶ ଭଙ୍ଗୀରେ ଜ୍ଞାନକୋଷ ବିଭାଗର କର୍ମକର୍ତ୍ତା ମାନେ ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ ।

ନରସିଂହ ପୁରରେ ଥିବା ବେଳେ ତାଙ୍କର 'ବଳାଙ୍ଗୀ' 'ଗୋବର ଗୋଟେଇ', ରଣମାଧୁରୀ', ଅପୂର୍ଣ୍ଣପ୍ରେମ', ସିନେମା ରାଇଜ, ସରୋଜନଳିନୀ, ମିଶନ ବାଳିକା, ସାନଙ୍କ ରାମାୟଣ, ଗଡଜାତ କୃଷକ, କିଶୋରୀ, ସାବିତ୍ରୀ, ବୋହୂଙ୍କ ଦୁଃଖସୁଖ ଗୀତିକା, ପାଇକଭାଇ, କଳାକାଇଞ୍ଚ, 'ବାଳରବି' ଇତ୍ୟାଦି ପୁସ୍ତକ ପ୍ରକାଶିତ ହୋଇଥିଲା । 'ଭଦ୍ରଲୋକ' ନାମରେ ଏକ ସାପ୍ତାହିକ ସମାଲୋଚନା ପତ୍ରିକା ମଧ୍ୟ ସେ କିଛିଦିନ ପ୍ରକାଶ କରିଥିଲେ ।

୧୯୬୦ ପରେ କଟକ ଆସିବା ପରେ ତାଙ୍କର ଅନ୍ୟାନ୍ୟ ପୁସ୍ତକ ସବୁ ରଚିତ ଓ ପ୍ରକାଶିତ ହୋଇଥିଲା । ସେ ନିଜେ 'ପ୍ରେମସୁନ୍ଦର ପ୍ରକାଶନୀ' ନାମରେ ଗୋଟିଏ ସଂସ୍ଥା ଗଢି କେତେ ଗୁଡ଼ିଏ ପୁସ୍ତକ ପ୍ରକାଶ କରିଥିଲେ । ତା ମଧ୍ୟରେ



Digitized by srujanika@gmail.com

ବାଣେଶ୍ୱର କାବ୍ୟ, ରୋତଙ୍ଗ ବକ୍ସ ନାଟକ, ଅନ୍ଧାରି ମଲକ ଇତ୍ୟାଦି ଅନ୍ତର୍ଭୁକ୍ତ । ଏହା ପରେ ପରେ ନାଟକ ପ୍ରଜାମେଳି ଓ ଉତ୍କଳ ଗାଉଁଲି ଗୀତ ପ୍ରଥମଭାଗ ପ୍ରକାଶ ପାଇଥିଲା । ଆଉ ଦୁଇଟି ଉପନ୍ୟାସ 'ଖଞ୍ଜେଇ ନାହାକାଣୀ' ଓ 'ହସିଲା ଜହ୍ନ' ମଧ୍ୟ ଏ ମଧ୍ୟରେ ପ୍ରକାଶିତ ହୋଇଥିଲା । କିନ୍ତୁ ତାଙ୍କର ଶ୍ରେଷ୍ଠ ପୁସ୍ତକ ଗୁଡ଼ିକ 'ଯଦୁମଣି ଗ୍ରନ୍ଥାବଳୀ' 'କୁନ୍ତଳା କୁମାରୀଙ୍କ ଜୀବନ ଚରିତ' ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ, ଓ ଦି ରିଅଲ୍ ବାର୍ଥ ପ୍ଲେସ୍ ଅଫ୍ ବୁଦ୍ଧ' ଇତ୍ୟାଦି ପ୍ରକାଶ ପାଇବା ପରେ ତାଙ୍କର ଖ୍ୟାତି ଚରମ ସୀମା ଲଙ୍ଘିଥିଲା । କୁନ୍ତଳାକୁମାରୀ ଜୀବନଚରିତ ପୁସ୍ତକ ନିମିତ୍ତ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ହେଁ ତାହା ଗ୍ରହଣ କରି ନଥିଲେ । କାରଣ ସେ କୌଣସି ପଦମର୍ଯ୍ୟାଦା ଲୋଭୁ ନଥିଲେ । ସେ ଥିଲେ ନିଃସ୍ୱାର୍ଥପର ସାହିତ୍ୟସେବୀ । ବୁଦ୍ଧଙ୍କ ଜନ୍ମସ୍ଥାନ ନେଇ ସେ ଦୀର୍ଘଦିନ ଗବେଷଣା କରି ଭୁବନେଶ୍ୱର ନିକଟବର୍ତ୍ତୀ କପିଳେଶ୍ୱର ଯେ ବୁଦ୍ଧଙ୍କ ପ୍ରକୃତ ଜନ୍ମସ୍ଥାନ, ଏହା ପ୍ରମାଣ କରି ଯାଇଛନ୍ତି । ମାତ୍ର ଏହା ସ୍ୱୀକୃତି ଲାଭ କରିବାକୁ ସମୟ ଓ ସୁଯୋଗ ଦରକାର । 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' ମଧ୍ୟ ତାଙ୍କର ଏକ ବହୁ ଆୟାସ-ସାଧ୍ୟ ଗବେଷଣା ପ୍ରସୂତ ଐତିହାସିକ ଗ୍ରନ୍ଥ । 'ଶ୍ରୀ ଜୟଦେବ' (ଜୟଦେବଙ୍କ ଜୀବନୀ ଉପରେ ରଚିତ) ପୁସ୍ତକ ତାଙ୍କ ଜୀବନର ଶେଷ ପ୍ରକାଶିତ ପୁସ୍ତକ ।

ଯେତିକି ପୁସ୍ତକ ତାଙ୍କର ପ୍ରକାଶିତ ହୋଇଛି, ତାହା ଅପେକ୍ଷା ଆହୁରି ଅନେକ ଅପ୍ରକାଶିତ ପାଣ୍ଡୁଲିପି ରହିଛି । ତନ୍ମଧ୍ୟରେ 'ଉତ୍କଳ ଗାଉଁଲିଗୀତ'ର ଦ୍ୱିତୀୟ ଭାଗ 'ଓଡ଼ିଶାର ପର୍ବପର୍ବାଣୀ', ଓଡ଼ିଶାର ରୋଷେଇ' ଇତ୍ୟାଦି ଗବେଷଣା ମୂଳକ ଗ୍ରନ୍ଥ, 'ମାଳବିକା', 'ଶକୁନ୍ତଳା', 'ଶବର ଜେମା' ଇତ୍ୟାଦି ନାଟକ ଓ ଗୀତଗୋବିନ୍ଦ ପ୍ରଭୃତି ଅନେକ କାବ୍ୟ ତଥା ଉପନ୍ୟାସ ଏହାର ଅନ୍ତର୍ଭୁକ୍ତ ।

ସେ ଥିଲେ ଜଣେ ସ୍ୱାଭିମାନୀ ନୀରବ ସାଧକ । ବିଭିନ୍ନ ସଭା ସମିତିକୁ ଯିବା, ବା ନିଜ ନାଁରେ ଡ଼ିଣ୍ଡିମ ପିଟି-ବାକୁ ସେ ଭଲ ପାଉନଥିଲେ । ଯଦ୍ୟପି ତାଙ୍କୁ ଅନୁରୋଧ କରି ଶହ ଶହ ନିମନ୍ତ୍ରଣ ପତ୍ର ଆସୁଥିଲା, ସେ ସମସ୍ତଙ୍କୁ ବିନୀତଭାବେ ସେଥିରୁ ନିବର୍ତ୍ତାଇ ଥିଲେ । ତାଙ୍କର ହେତୁ ହେବା ଦିନୁ ମୃତ୍ୟୁଯାଏଁ ସେ ସାହିତ୍ୟର ସାଧନା କରି ଯାଇଛନ୍ତି ।

ତାଙ୍କର କୌଣସି ବିଶ୍ୱବିଦ୍ୟାଳୟ ଡ଼ିଗ୍ରୀ ନଥିଲେ ହେଁ ସେ ଜଣେ ମହାନ୍ ବିଜ୍ଞ ଓ ଜ୍ଞାନୀ ବ୍ୟକ୍ତି ଥିଲେ । ଇଂରାଜୀ ହିନ୍ଦୀ, ବଙ୍ଗଳା, ସଂସ୍କୃତ ଓ ଓଡ଼ିଆ ଭାଷାରେ ତାଙ୍କର ଅଗାଧ ଜ୍ଞାନ ଥିଲା । ସଂସ୍କୃତ ଭାଷାରେ ତାଙ୍କର ଅସାଧାରଣ ଜ୍ଞାନ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହୋଇ ଯାଉଥିଲେ । କାଳିଦାସଙ୍କ କୁମାର ସମ୍ଭବ, ରଘୁବଂଶ, ଉପେନ୍ଦ୍ରଭଞ୍ଜଙ୍କ ଲାବଣ୍ୟବତୀ, ବୈଦେହୀଶବିଳାସ' ଓ ରାଧାନାଥ, ଗଙ୍ଗାଧରଙ୍କ କାବ୍ୟ ସମୂହ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ତାଙ୍କର ସ୍ୱର ଅତ୍ୟନ୍ତ ଲଳିତ ଓ ମଧୁର ଥିଲା । ସଂସ୍କୃତ ଶ୍ଳୋକ ଗୁଡ଼ିକ ସେ ଏତେ ସୁନ୍ଦର ଆବୃତ୍ତି କରୁଥିଲେ ଯେ, ଶ୍ରୋତା ମାନେ ମୁଗଧ ହୋଇ ଯାଉଥିଲେ ।

ଭାରତୀୟ ପୁରାଣ ଓ ଇତିହାସ ଉପରେ ତାଙ୍କର ଅସାଧାରଣ ଜ୍ଞାନ ଥିଲା । ମହାଭାରତ ଓ ରାମାୟଣ କୁ ସେ ପୁରାଣ ନ କହି ଇତିହାସ ଭାବରେ ଏପରି ଚିତ୍ରଣ କରୁଥିଲେ ଯେ ଶ୍ରୋତାମାନେ ବିସ୍ମିତ ହୋଇ ଯାଉଥିଲେ । ରାମସୀତା ତାଙ୍କ ଜୀବନର ଆଦର୍ଶ ସ୍ତ୍ରୀ-ପୁରୁଷ ଥିଲେ । ରାମାୟଣ ପଢ଼ିଲେ ତାଙ୍କ ଚକ୍ଷୁ ଅଶ୍ରୁପ୍ଲାବିତ ହୋଇ ଉଠୁଥିଲା ।

ସେ ଅତ୍ୟନ୍ତ ଦେବତା ଭକ୍ତ ଥିଲେ । ଜଗନ୍ନାଥ ତାଙ୍କର ପରମ ଆରାଧ୍ୟ ଦେବ ଥିଲେ । ଜଗନ୍ନାଥଙ୍କୁ ସେ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି କରୁଥିଲେ । ମହାପ୍ରସାଦ ତାଙ୍କର ଅତ୍ୟନ୍ତ ପ୍ରିୟ ଥିଲା । ଜଗନ୍ନାଥଙ୍କ ସମ୍ବନ୍ଧରେ ଏକ ଗବେଷଣାତ୍ମକ ପୁସ୍ତକ ସେ ରଚନା କରିବାକୁ ସ୍ଥିର କରିଥିଲେ; ମାତ୍ର ବିଧିର ବିଧାନରେ ତାହା ପୂରଣ ହୋଇପାରିଲା ନାହିଁ । ଅତ୍ୟନ୍ତ ସ୍ନେହୀ, କୋମଳହୃଦୟ, ସରଳ, ଦୟାବାନ ଥିବାରୁ ତାଙ୍କର ମନ ବଡ଼ ଦୁର୍ବଳ ଥିଲା । କାହାରି ଦୁଃଖ ସେ ସହ୍ୟ କରିପାରୁ ନଥିଲେ । ଅତ୍ୟନ୍ତ ମିଷ୍ଟଭାଷୀ ଓ ବନ୍ଧୁବତ୍ସଳ ଥିବାରୁ ତାଙ୍କର ମିତ୍ର-ମାନଙ୍କର ସଂଖ୍ୟା ଅଧିକ ଥିଲା ।

ତାଙ୍କର ୧୨ଟି ସନ୍ତାନ ଜନ୍ମିଥିଲେ । ପ୍ରଥମ ପୁତ୍ର ପ୍ରେମସୁନ୍ଦରର ଗଙ୍ଗାଗର୍ଭରେ ଆକସ୍ମିକ ମୃତ୍ୟୁ ଘଟିଥିଲା । ଗୋଟିଏ କନ୍ୟା ମଧ୍ୟ ମୃତ ଭାବରେ ଜନ୍ମ ନେଇଥିଲା । ଆଉ ୬ଟି ପୁତ୍ର ଓ ୪ଟି କନ୍ୟା ତାଙ୍କର ଅଛନ୍ତି । ତାଙ୍କର ପୁତ୍ରକନ୍ୟା ମାନେ ଉଚ୍ଚ ଶିକ୍ଷିତ ଓ ପୁତ୍ର ମାନେ ସରକାରୀ ଚାକିରୀରେ ନିଯୁକ୍ତ । କନ୍ୟାମାନେ ମଧ୍ୟ ବିବାହିତା ଓ ଜାମାତା ମାନେ ଉଚ୍ଚ ପଦବୀରେ ଅଧିଷ୍ଠିତ । କେବଳ ତାଙ୍କର କନିଷ୍ଠ ପୁତ୍ର ଲଲାଟେନ୍ଦୁ ଛଡ଼ା ଅନ୍ୟ ସମସ୍ତଙ୍କର ବିବାହ ମଧ୍ୟ ସେ କରାଇଛନ୍ତି । ସେ ନାରୀ ଶିକ୍ଷାକୁ ଅଗ୍ରାଧିକାର ଦେଉଥିବା ସ୍ଥଳେ ନାରୀମାନଙ୍କ ଚାକିରୀ କରିବାରେ ଅମତ ଥିଲେ । ସେଥିପାଇଁ ସେ କୌଣସି ଚାକିରିଆ ବୋହୂ ଆଣି ନାହାନ୍ତି କି ଝିଅମାନଙ୍କୁ ଚାକିରୀ କରାଇ ଦେଇ ନାହାନ୍ତି । ନାରୀମାନଙ୍କୁ ଗୃହଲକ୍ଷ୍ମୀ ଭାବରେ ସେ ସର୍ବଦା ଦେଖି ଆସୁଥିଲେ । ତାଙ୍କ ନିକଟରେ କନ୍ୟା ଓ ବଧୂମାନଙ୍କର ସ୍ଥାନ ସମାନ ଥିଲା ।

ଚକ୍ରଧର ଥିଲେ ନାନା ରୋଗରେ ଆକ୍ରାନ୍ତ । ଯୁବା ବୟସରେ ତାଙ୍କର ହୃଦରୋଗ ବାହାରିଥିଲା । ପ୍ରଥମ ପୁତ୍ରର ମୃତ୍ୟୁପରେ ତାଙ୍କର ରକ୍ତଚାପ ବୃଦ୍ଧି ହୋଇଥିଲା । ପୁନର୍ବାର ପରିଣତ ବୟସରେ ରକ୍ତଚାପ ବୃଦ୍ଧି ଯୋଗୁ ସେ ହାର୍ଟ ଆଟାକ୍‌ର ଶୀକାର ହୋଇଥିଲେ । ମଝିରେ ଥରେ ତାଙ୍କୁ ଭୟାବହ ବସନ୍ତ



Digitized by srujanika@gmail.com

ମଧ୍ୟ ହୋଇଥିଲା । ମାତ୍ର ସବୁଥିରୁ ସେ ରୋଗମୁକ୍ତ ହୋଇଥିଲେ ହେଁ ଶେଷରେ କାମଳ ରୋଗରେ ଇହଧାମ ତ୍ୟାଗ କଲେ । ମୃତ୍ୟୁର ୧୫ ଦିନ ପର୍ବରୁ ସେ ସ୍ୱାଭାବିକ ଚଲବୁଲ, ଖିଆପିଆ ସବୁ କରୁଥିଲେ । ମୃତ୍ୟୁର ୫।୧୦ ମିନିଟ ପୂର୍ବରୁ ସେ 'ବୋଉ,ବୋଉ' ଉଚ୍ଚାରଣ କରିଥିଲେ । ତାଙ୍କର ଜନନୀଙ୍କୁ ସେ ଅତ୍ୟନ୍ତ ସ୍ନେହ କରୁଥିବାରୁ ସେହି ଜନନୀର ସତି ମନେ ପକାଇ ସେ ଇହଧାମ ତ୍ୟାଗକଲେ । ପବିତ୍ର ମହା ସପ୍ତମୀ ପ୍ରତ୍ୟୁଷରେ ଚଣ୍ଡୀପାଠ ହେଉଥିବା ବେଳେ ତାଙ୍କର ଅମର ଆତ୍ମା ନଶ୍ୱର ଶରୀର ଛାଡ଼ି ଗ୍ଲିଗଲା । ମୃତ୍ୟୁ ସମୟରେ ତାଙ୍କର ସମସ୍ତ ପୁତ୍ର, କନ୍ୟା, ବୋହୁ, ଜାମାତା ଓ ନାତିନାତୁଣୀ ମାନେ ଉପସ୍ଥିତ ଥିଲେ । ସେ ତାଙ୍କର ପତ୍ନୀ କନକମଂଜରୀଙ୍କୁ ଅତ୍ୟନ୍ତ ଭଲ ପାଉଥିଲେ, ତେଣୁ ମୃତ୍ୟୁ ଆସନ୍ନ ଜାଣି ଗୋପନରେ କନକମଂଜରୀଙ୍କୁ ନାନା କଥା କହି ଆଶ୍ୱାସନା ଦେଇ ଯାଇଛନ୍ତି ।

ତାଙ୍କ ଜୀବନର ଗୋଟିଏ କଥା ଅପୂର୍ଣ୍ଣ ରହିଗଲା; ଯାହା କେହି ପୂରଣ କରି ପାରିବେ ନାହିଁ, ତାହା ହେଲା ତାଙ୍କ ଲେଖିଥିବା ଅସଂପୂର୍ଣ୍ଣ ଜୀବନ ଚରିତ । ଏହି ଜୀବନ ଚରିତଟିର ଲେଖା ପୂର୍ଣ୍ଣ ହୋଇ ପାରିଥିଲେ ଦେଶର ଜନ-ସମାଜ ତାଙ୍କ ବିଷୟରେ ଅନେକ କଥା ଜାଣି ପାରିଥାନ୍ତେ । ମାତ୍ର ବିଧିର ବିଧାନରେ ତାହା ଅସଂପୂର୍ଣ୍ଣ ରହିଗଲା ।

ତାଙ୍କର ମୃତ୍ୟୁ ତାଙ୍କ ପରିବାର ପାଇଁ ଯେତିକି ଦୁଃଖପ୍ରଦ, ଓଡ଼ିଶା ପ୍ରତି ତତୋଧିକ । ତାଙ୍କ ସ୍ଥାନ ଅପୂରଣୀୟ ରହିଲା । ଲୋକମାନେ ତାଙ୍କ ଗୁଣରାଶି ମନେ ପକାଇ ତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ବାଢ଼ିଛନ୍ତି, ସେଇଥିରୁ କେତୋଟି ଏ ସ୍ମରଣିକାରେ ସନ୍ନିବେଶ କରାଯାଇଛି । ପାଠକ ବୃନ୍ଦ ଜାଣିବେ ଏଇଥିରୁ ସେ କେଡ଼େ ମହାନ୍ ଥିଲେ ।

ଜୀବନ ଥିଲେ ହୁଏ ସବୁ ପ୍ରାପତ
ହୁଅଇ ସମ୍ଭାବିତ ଅସମ୍ଭାବିତ ।
ଆରତ ହେଲେ କାର୍ଯ୍ୟ ନୁହଇ ବେଗ
କାଳକୁ ଗ୍ରହି ଭୋଗ ହୁଅଇ ଯୋଗ ॥

(ତାଙ୍କ ମନ କଥା)



Digitized by srujanika@gmail.com

# ଗଲ କି ଗୁଲି ?

ଶ୍ରୀ କିଶୋର ଚନ୍ଦ୍ର ମିଶ୍ର

xxxxxxxxxxxxxxxxxxxxxxxxxxxxxx

ଆହେ ଚକ୍ରଧର ଗଲ କି ଗୁଲି
ସରଗ ବୁଲି,
ଶୋକ-ସାଗରରେ ଆମକୁ ଠେଲି
ଏ ଦେଶ ଭୁଲି । ୧ ।

ଡ଼ାକରା ଆସିଲା ସରଗ ପୁରୁ
କାମ ନ ସରୁ
ଗୁଲିଗଲ କିଆଁ, ଆମେ ପଗୁରୁ
ସାହିତ୍ୟ-ଗୁରୁ । ୨ ।

କିଏ ଜାଣିଥିଲା ହେବ ଏପରି
ଜୀବନ-ତରୀ,
ଲୁଚିଯିବ ଏଡ଼େ ବେଗେ ସେପାରି
ଦୁଃଖରେ ଘାରି । ୩ ।

ତଳ ଦିନୁ ତୁମେ ହୋଇଲ ଦୁଃଖୀ
ଆଖିରେ ଦେଖି,
ଅତି ଅନାଗ୍ରହ ଘଟେ ଯାହା କି
କି ଅବିବେକୀ । ୪ ।

କି ଥିଲା ଏ ଦେଶ କି ହେଲା ଆଜ
ବୁଡ଼େ ସମାଜ,
ଉନ୍ନତିର ଖାଲି ଫାଙ୍କା ଆବାଜ
କି ସଜବାଜ । ୫ ।

ନାରୀ ଜୀବନର ଥିଲା ମହତ
ଆଜି ତା ହତ,
ଦିନୁ ଦିନ ବଢ଼େ ଅତି ଉତ୍‌ପାତ
ଘଟେ ବ୍ୟତ୍ପାତ । ୬ ।

ଏ ସମାଜ ଆଉ ରହିବଟିକି
ରହନ୍ତି ଟାକି
ଜ୍ଞାନ ଥାଇ ଲୋକେ କି ଅବିବେକୀ
ଆଉ କି ବାକି । ୭ ।

ଭୀରୁ ପାଲଟିଛି ଓଡ଼ିଆ ଜାତି
ବଢ଼େ ଦୁର୍ଗତି
ଓଲଟ ପାଲଟ ସମାଜ ଗତି
ତା ଅମା-ରାତି । ୮ ।

କେବେ କି ପାଇବ, ନାହିଁ ବିଶ୍ୱାସ
କାହିଁଛି ଆଶ,
ରାଜନୀତି କରେ ସରବନାଶ
କି ହା' ହତାଶ । ୯ ।

ପରମ୍ପରା ଲୋକେ ଦେଲେ ପାଶୋରି
ଐତିହ ଭୁଲି,
ନିହିତ ସ୍ୱାର୍ଥରେ ରହିଲେ ବୁଡ଼ି
ମହତ ଛାଡ଼ି । ୧୦ ।

ଏଇ ଅଘଟଣ ମନରେ ଚିନ୍ତି
ଲଭି ଅଶାନ୍ତି
ମହା ସପତମୀ ରାତି ପାହାନ୍ତି
ଗଲ କି ବିତି । ୧୧ ।

ସାହିତ୍ୟ ଆକାଶେ କେତେ ଯେ ଠକ
ଦେଖାନ୍ତି ଟେକ
ପାଲଟି ଗଲେଣି ସେ ଧର୍ମବକ
ହେ ସାହିତ୍ୟିକ । ୧୨ ।

ଆହେ ପୂଜ୍ୟ ଉଗ୍ର ଜାତୀୟବାଦୀ
ମାନବ-ବାଦୀ,
ହେ ଐତିହାସିକ, ପ୍ରଗତିବାଦୀ
ଜନ-ଦରଦୀ । ୧୩ ।

ତୁମ କୃତି କେତେ କରିଲେ ଗ୍ରେରୀ
ମହତ ସାରି,
ଆହେ ସ୍ୱାଭିମାନୀ ବାଦ ନ କରି
ଗଲ କି ଗୁଲି । ୧୪ ।

ଅମର କୃତିର ହେଲୁ ସେବକ
ଆମେ ପାଠକ,
କିଆଁ ଗୁଲିଯିବା କରିଲ ଠିକ
ହେ ଗବେଷକ । ୧୫ ।

ତୁମ ଶୂନ୍ୟସ୍ଥାନ ରହିଲା ପଡ଼ି
ଯାଇଛ ଛାଡ଼ି,
ଅମୂଲ୍ୟ ସାହିତ୍ୟ –ଅଛି ମୁଁ ପଢ଼ି
ଦ୍ୱିକର ଯୋଡ଼ି । ୧୬ ।



Digitized by srujanika@gmail.com

# ଗୁଣୀ

**ଶ୍ରୀଯୁକ୍ତ ହରିହର ମହାପାତ୍ର**

ଗତ ଅଭିମାନରେ ଗଲେ ଚକ୍ରଧର ମହାପାତ୍ରେ । ତାଙ୍କପରି ଗୁଣୀ, ଗୁଣଗ୍ରାହୀ ଲୋକ ବିରଳ । ସ୍ନେହାତୁର ଯେପରି, ସ୍ନେହୀ ସେପରି, ପାଠ ନପଢ଼ି, ପାଣ୍ଡିତ୍ୟଲାଭର ଦୁର୍ଲଭ ସୌଭାଗ୍ୟ ତାଙ୍କର ଥିଲା । ସର୍ବଦା ଜ୍ଞାନ ମୁଖର । ଯେତେବେଳେ ଦୟାକରି ଆସୁଥିଲେ, ବହୁ ସମୟ ଧରି ଏକ ଏକ ବିଷୟରେ ଦୀର୍ଘ ଆଲୋଚନାର ସୂତ୍ରପାତ ହେଉଥିଲା । ସବୁବେଳେ ଲକ୍ଷ୍ୟ କରିଛି, ତାଙ୍କ ଅନ୍ତରରେ ଦୂରି ରହିଥିଲା ଏକ କ୍ଷୋଭ: ତାଙ୍କୁ ତାଙ୍କ ଉପଯୋଗୀ ପଗ୍ଭରିଲେ ନାହିଁ କେହି; ତାଙ୍କ ସାଧନାରେ ସାହାଯ୍ୟ ମିଳିବାତ ଦୂରର କଥା । ମୋ ସହିତ ପରିଚୟ ହେଲା ଦିନୁ ଶେଷପର୍ଯ୍ୟନ୍ତ ଏହି ଅଭିମାନ ତାଙ୍କ ମନକୁ ଘାଣ୍ଟୁଥିବାର ବହୁ ସ୍ଥିର ସୂଚନା ପାଇ ଆସିଛି । ପତ୍ର ଓ ଆଳାପରେ ସେ ବ୍ୟର୍ଥତା ଦୂର କରିବାର ଚେଷ୍ଟା ମୁଁ କଲାବେଳେ ସେ କୃତାର୍ଥ ବୋଧକରି ଆନନ୍ଦ ବିହ୍ୱଳ ହୋଇ ଯାଆନ୍ତି ।

ଭାଷାର ଶୁଦ୍ଧତା ତାଙ୍କ ରଚନାର ମୌଳିକ ଭିତ୍ତି । ଅଜ୍ଞାତ ବିଷୟରେ ଜ୍ଞାତ ହେବାର ପ୍ରଲୋଭନରେ ବହୁ ଶ୍ରମ ସ୍ୱୀକାର କରି ଜ୍ଞାନବହୁଳ ଗବେଷଣା ପ୍ରସୂତ ସନ୍ଦର୍ଭ ସେ ରଖିଯାଇଛନ୍ତି, ଯଥା ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ । ବୁଦ୍ଧଦେବଙ୍କ ଜନ୍ମସ୍ଥାନ ସମ୍ବନ୍ଧରେ ତାଙ୍କର ଅନୁସନ୍ଧିତ୍ସୁ ପ୍ରତିଭା ହିମାଳୟ ପାଦଦେଶରୁ ବଙ୍ଗୋପସାଗର ଉପକୂଳ ପର୍ଯ୍ୟନ୍ତ ତଥ୍ୟ ଓ ତତ୍ତ୍ୱର ଅନୁଧାବନ କରି ଭୁବନେଶ୍ୱର ନିକଟରେ ସତ୍ୟର ଆବିଷ୍କାର କରିବା ଏକ ମହନୀୟ ଅବଦାନ । ତାଙ୍କ ସିଦ୍ଧାନ୍ତ ପରବର୍ତ୍ତୀ କାଳର ଗବେଷକମାନଙ୍କର ସମର୍ଥନ ଲାଭକଲେ, ଭାରତ ଇତିହାସରେ ଏକ ଭ୍ରମ-ମୂଳକ ଜ୍ଞାତ ଅଧ୍ୟାୟ ଅଜ୍ଞାତ ହେବ ଏବଂ ଚକ୍ରଧରଙ୍କର ଯଶଃଚକ୍ର କାଳକାଳକୁ ଘୂରୁଥିବ । ଜ୍ଞାନକୋଷର ପ୍ରଣୟନ, ଲୋକଗୀତର ସଙ୍କଳନ ତାଙ୍କ ଅଧ୍ୟବସାୟର ଅନ୍ୟ ସଙ୍କେତ । ତାଙ୍କ ସାହିତ୍ୟ-କୃତିର ମୂଲ୍ୟାୟନର ଚେଷ୍ଟା ଆଦୌ ହୋଇନାହିଁ । ସେ ଅଧ୍ୟାୟ ଆରମ୍ଭ ହେବ ଏବେ ତାଙ୍କର ବିୟୋଗ ପରେ । ସେଥିରେ ହେବ ତାଙ୍କର ପୁନର୍ଜନ୍ମ ।

ଗଡଜାତର ରାଜୁତା ଚଳଣିରେ ସାଂସ୍କୃତିକ ଉପଗ୍ରହ କିପରି କ୍ରମଶଃ ଅପଗ୍ରହ ଓ ବ୍ୟଭିଗ୍ରହ ରୂପ ଗ୍ରହଣ କଲା, ତାହାର କ୍ଷୁଦ୍ର, କ୍ଷୁଦ୍ର କାରଣ ଓ ପ୍ରତିକ୍ରିୟାର ଘଟଣାବଳୀର ବହୁ ସନ୍ଧାନ ତାଙ୍କ ପାଖରେ ଥିଲା । ଆଜି କାଲିର ରାଜନୈତିକ ଉଚ୍ଚସ୍ତରୀୟ ଚଳଣି ସେ ସବୁର କିପରି ରୂପାନ୍ତର, ତାହା କୌତୁକପ୍ରଦ ଭାବରେ ସେ ବର୍ଣ୍ଣନା କଲାବେଳେ, ତାଙ୍କ ଦୂରପ୍ରସାରୀ ଦୃଷ୍ଟି, ଅନ୍ତର୍ମୁଖୀ ମନର କୁଶଳୀ ସଂଯୋଗ ଏକ ଐତିହାସିକ କଳ୍ପନା ବିଳାସ ସୃଷ୍ଟି କରୁଥିଲା । ବୌଦ୍ଧିକ ଓ ଆର୍ଥିକ ପରିସ୍ଥିତିର ଅନୁକୂଳ ଓ ପ୍ରତିକୂଳ ଅବସ୍ଥାରେ ତାଙ୍କର ଜୀବନତରଣୀ ଏବେ ଘାଟରେ ଲାଗିଲା । ସେ ନୂତନ ସନ୍ଧାନରେ ଗ୍ଭଲିଲେ, ତାଙ୍କ ସହଯାତ୍ରୀମାନେ ଅପେକ୍ଷା ରଖିଛନ୍ତି ତାଙ୍କ ଜ୍ଞାନ ପ୍ରତ୍ୟାବର୍ତ୍ତନକୁ ।

ମାଟି ଦେହ ଦିନେ ନିଶ୍ଚେ ହେବ ମାଟି
ସେ ସୁଖେ କି ଅଛି ଫଳ ।
ତପତ ନିଦାଘେ ତୃଷାତୁରେ ଯେବେ
ନ ଦେଲି ମୁଁ ବିନ୍ଦୁ ଜଳ ।

ମୋ ପଡ଼ୋଶୀ ଶିଶୁ ଆଖି ଛଳଛଳ
ହେଉଥିବ ହାହାକାର ।
ମୋ ଶିଶୁ ଗଳାରେ ପଡ଼ିଥିବ ଯେବେ
ପୋଡୁ ସେ ରତନ ହାର ।

(ଚକ୍ରଧର ମହାପାତ୍ର-କିଶୋରୀ କବିତାରୁ)



Digitized by srujanika@gmail.com

# କୃତବିଦ୍ୟ ଚକ୍ରଧର ମହାପାତ୍ର

ଡଃ ସଦାଶିବ ମିଶ୍ର

ଓଡ଼ିଶାର ଜଣେ ପ୍ରବୀଣ ଭାଷାବିତ୍ ଏବଂ ଗବେଷକ ଚକ୍ରଧର ମହାପାତ୍ରଙ୍କର ପରଲୋକ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ଉପାଧିରେ ଭୂଷିତ ନହୋଇ, ସମାଜର ପ୍ରତିଷ୍ଠିତ ପଦବୀରେ ଆରୂଢ଼ ନ ହୋଇ, ନିଷ୍ଠା ଏବଂ ଅଧ୍ୟବସାୟ ଦ୍ୱାରା ଜଣେ କିପରି ସାଫଲ୍ୟ ଅର୍ଜନ କରିପାରେ, ସେ ଥିଲେ ତାହାର ଏକ ନିଦର୍ଶନ ।

ଓଡ଼ିଆ ଓ ସଂସ୍କୃତ ଉଭୟ ଭାଷାରେ ତାଙ୍କର ଗଭୀର ଅଭିନିବେଶ ଥିଲା । ଓଡ଼ିଶାର ସଂସ୍କୃତି ଏବଂ ଇତିହାସରେ ସେ ନିବିଡ଼ ଅନୁଧ୍ୟାନ କରିଥିଲେ । ସାରା ଜୀବନ ଏଥିରେ ମନପ୍ରାଣ ଦେଇ ଲାଗିଥିଲେ । ତାଙ୍କ ସଂସ୍ପର୍ଶରେ ଯେ ଆସିଛି, ସେ ତାଙ୍କର ବ୍ୟୁତ୍ପତ୍ତିରେ ମୁଗ୍ଧ ହୋଇଛି । ତାଙ୍କ ସହିତ ମୋର ବହୁଦିନର ବନ୍ଧୁତା । ମଝିରେ ମଝିରେ ବସି ଗଳ୍ପ କରୁ । ସେତେବେଳେ ସେ ଓଡ଼ିଆ ଏବଂ ସଂସ୍କୃତରୁ ଏତେ ପଦ୍ୟ ଏବଂ ଶ୍ଳୋକ ଏଭଳି ଭାବରେ ଉଦ୍ଧାର କରନ୍ତି ଯେ ଆପେ ଆପେ ତାଙ୍କ ପ୍ରତି ଶ୍ରଦ୍ଧା ଆସିଯାଏ । ତାଙ୍କର ସଂସ୍କୃତ ଉଚ୍ଚାରଣ ନିର୍ଖୁଣ । ଶ୍ଳୋକଟିଏ ଆବୃତ୍ତି କଲେ ଶ୍ରୋତା ମୁଗ୍ଧ ହୋଇଯାଏ । ଏ ସୁଯୋଗ ମୁଁ ବହୁବାର ଲାଭ କରିଛି ।

ଓଡ଼ିଶା ସଂସ୍କୃତିର ବହୁ ତଥ୍ୟ ଏବେ ମଧ୍ୟ ଲୋକଲୋଚନର ଅଗୋଚରରେ ରହିଛି । ସେ "ଇତିହାସର ଏକ ଅଜ୍ଞାତ ଅଧ୍ୟାୟ" ଉନ୍ମୋଚନ କରିଛନ୍ତି । ଏ ଅଧ୍ୟୟନରେ ସେ ବହୁତଥ୍ୟ ସଂଗ୍ରହ କରିଛନ୍ତି ଏବଂ ସେଗୁଡ଼ିକ ଅତି ସୁନ୍ଦର ଏବଂ ସଂଯତ ଭାବରେ ପରିବେଷଣ କରିଛନ୍ତି । ଇତିହାସର ଏଇ ଗୋଟିକ ଅଧ୍ୟାୟରେ ସେ ସଂସ୍କୃତିର ପରିବେଶ ମଧ୍ୟରେ ରାଜନୈତିକ ଷଡଯନ୍ତ୍ର ପ୍ରକଟ କରିଛନ୍ତି । ଗୋଟିଏ ବିରାଟ ଜାତିର ଗର୍ଭରେ କିପରି ଏକ କ୍ଷୁଦ୍ରକୀଟର ଦଂଶନ ହୁଏ ତାର ଆଲୋଚନା କରିଛନ୍ତି । ଲେଖକଙ୍କ ଏ ପୁସ୍ତକରେ ଅଛି ନିମଣ ଐତିହାସିକ ଗବେଷଣା ଆଉ ସାହିତ୍ୟିକ ଶୈଳୀର ପରିପ୍ରକାଶ ।

୧୯୫୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଗୋଟିଏ ଜ୍ଞାନକୋଷ ପ୍ରଣୟନ କରିବା ଲାଗି ନିଷ୍ପତ୍ତି ଗ୍ରହଣ କରାଗଲା । ଏହାର ଉଦ୍ୟୋକ୍ତା ଡକ୍ଟର ମାୟାଧର ମାନସିଂହ । ତାଙ୍କରି ପରାମର୍ଶ ଅନୁସାରେ କାର୍ଯ୍ୟ ଆରମ୍ଭ ହେଲା । ସେ ହେଲେ ଏ ସଂସ୍ଥାର ଅଧ୍ୟକ୍ଷ । ଚକ୍ରଧର ମହାପାତ୍ର ଏ ସଂସ୍ଥାର ଭାଷା ସହାୟକ ଭାବରେ ନିଯୁକ୍ତ ହେଲେ । ସେଥିରେ ବିଭିନ୍ନ ବିଷୟରେ ତଥ୍ୟମୂଳକ ପ୍ରବନ୍ଧ ପ୍ରକାଶିତ ହେବାର କଳ୍ପନା କରାଯାଇଥିଲା । ଏ ବୃହତ୍ ଜ୍ଞାନକୋଷର ସଂକଳନ ବହୁ ସମୟ ସାପେକ୍ଷ । ତେଣୁ ଦୁଇବର୍ଷ ପରେ ସ୍ଥିର ହେଲା ଯେ ବୃହତ୍ ଜ୍ଞାନକୋଷର କାର୍ଯ୍ୟକ୍ରମ ଅବ୍ୟାହତ ରହିବ । ମାତ୍ର ପ୍ରଥମେ ଗୋଟିଏ ସଂକ୍ଷିପ୍ତ ଜ୍ଞାନକୋଷ ପ୍ରକାଶ କରାଯିବ । ତଦନୁଯାୟୀ ୧୯୬୫ ବେଳକୁ ଗ୍ରୀଖଣ୍ଡ ପୁସ୍ତକରେ ଏ ସଂକ୍ଷିପ୍ତ ଜ୍ଞାନକୋଷ ପ୍ରକାଶିତ ହୋଇଗଲା । ବୃହତ୍ ଜ୍ଞାନକୋଷର ସଂକଳନ ଲାଗି ପ୍ରସ୍ତୁତି ଚାଲିଥାଏ । ମାତ୍ର ତା'ର ଗତି ମନ୍ଥର ହୋଇ ପଡ଼ିଲା । ଶେଷରେ ନାନା କାରଣରୁ ସେ ସଂସ୍ଥା ବନ୍ଦ ହୋଇଗଲା ।

ଚକ୍ରଧର ମହାପାତ୍ର ଏ ସଂସ୍ଥାରେ ପ୍ରାୟ ଦଶବର୍ଷ କାର୍ଯ୍ୟ କରିଥିଲେ । ସଂକ୍ଷିପ୍ତ ଏବଂ ପ୍ରସ୍ତାବିତ ବୃହତ୍ ଜ୍ଞାନକୋଷ ପାଇଁ ସେ ବହୁତ ପରିଶ୍ରମ କରିଥିଲେ । ଖାଲି ଭାଷା ସହାୟକ ନୁହନ୍ତି, ତଥ୍ୟସଂଗ୍ରହ ଏବଂ ପ୍ରବନ୍ଧ ଲିଖନରେ ସେ ନୈପୁଣ୍ୟ ପ୍ରଦର୍ଶନ କରିଥିଲେ । ଏ ଲେଖକ ଜ୍ଞାନକୋଷ ସଂସ୍ଥା ସହିତ ସଂପୃକ୍ତ ଥିଲା ଏବଂ ଚକ୍ରଧର ମହାପାତ୍ରଙ୍କୁ ବିଶେଷ ଭାବରେ ଜାଣିବାର ସୁଯୋଗ ପାଇଥିଲା । ସେ ଏ ସଂସ୍ଥାରୁ ଅବ୍ୟାହତି ନେବାପରେ ମଧ୍ୟ ସେ ବନ୍ଧୁତା ଅତୁଟ ରହିଥିଲା । ମଝିରେ ମଝିରେ ପୂର୍ବଭଳି ବସି ଆଲୋଚନା କରିବାରେ ଅବ୍ୟାହତି ଆସି ନଥିଲା । ସେ ଶଯ୍ୟାଗତ ହେବାର କେତେଦିନ ପୂର୍ବରୁ ତାଙ୍କ ସହିତ ଗୋଟିଏ ଫଟୋ ନେବାର ସ୍ଥିର ହୋଇଥିଲା । ତାହା ଅପୂରଣୀୟ ରହିଗଲା । ସେ ଚାଲିଗଲେ ।

ସେ ଥିଲେ ଜଣେ ସ୍ନେହୀ ବନ୍ଧୁ । ତାଙ୍କର ସାହିତ୍ୟ ଏବଂ ଗବେଷଣା ମୋ ପରି ଅନେକଙ୍କୁ ମୁଗ୍ଧ କରିଥିବ । ତାଙ୍କର ଅବଦାନ ଓଡ଼ିଶାର ପ୍ରାଚୀନ ସଂସ୍କୃତିକୁ ପରିପୁଷ୍ଟ କରିବାରେ ଏକ ସାର୍ଥକ ଉଦ୍ୟମ ।



Digitized by srujanika@gmail.com

# ନୀରବ ସାଧକ

## ପଦ୍ମଭୂଷଣ ଡ଼କ୍ଟର ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ସାହିତ୍ୟ–ସାଧନା ଅପେକ୍ଷା କରେ ନିରାଟ ନୀରବତାକୁ । ସଭାସମିତି–ଭାଷଣଠାରୁ ବହୁଦୂରରେ ଏହାର ସ୍ଥାନ ସୁନିର୍ଦ୍ଦିଷ୍ଟ । ଅସିଠାରୁ ମସି ଅଧିକ ଶକ୍ତିଶାଳୀ ବୋଲି ଇଂରାଜୀରେ ମଧ୍ୟ ଗୋଟିଏ ପ୍ରବଚନ ଅଛି–ପେନ୍ ଇଜ୍ ମାଇଟିଏର ଦାନ୍ ଦ ସୋର୍ଡ୍ ।

ଆଧୁନିକ ସାହିତ୍ୟ–ଆକାଶରୁ ଆଉ ଗୋଟିଏ ଉଜ୍ଜ୍ୱଳ ତାରକା ଅନ୍ତର୍ଦ୍ଧାନ ହୋଇଗଲା । ଔପନ୍ୟାସିକ, ପ୍ରାବନ୍ଧିକ ଓ ଗବେଷକ ଚକ୍ରଧର ମହାପାତ୍ର ଆଜି ଆଉ ନାହାନ୍ତି, କିନ୍ତୁ ପ୍ରତିଭାର ଜ୍ୟୋତି ଧ୍ରୁବତାରା ଭଳି ଚିର ଅମ୍ଳାନ ଉଜ୍ଜ୍ୱଳ ହୋଇ ଫୁଟି ଉଠିଛି ।

ସାହିତ୍ୟ ସ୍ରଷ୍ଟା ଭାବରେ ଚକ୍ରଧରଙ୍କ "ଗୋବର ଗୋଟେଇ" ଉପନ୍ୟାସ ଏକ ଅନବଦ୍ୟ ସୃଷ୍ଟି । କବିସମ୍ରାଟ୍ ଉପେନ୍ଦ୍ରଭଞ୍ଜଙ୍କ "ଲାବଣ୍ୟବତୀ" କିମ୍ବା "କୋଟି ବ୍ରହ୍ମାଣ୍ଡସୁନ୍ଦରୀ"ର ଲାବଣ୍ୟ ବା ସୁଷମାକୁ "ଗୋବର ଗୋଟେଇ" ଭିତରେ ଫୁଟାଇବା ପ୍ରୟାସ ତାଙ୍କ ସୃଷ୍ଟିର ବିଶେଷତ୍ୱ । ଅତି ସାଧାରଣ ମଣିଷ ଭିତରେ ହିଁ ଅସାଧାରଣ ମହତ୍ୱର ସନ୍ଧାନ ଯଥାର୍ଥ ସାହିତ୍ୟ–ସ୍ରଷ୍ଟାର ପରିଚୟ ଦିଏ ।

ଗବେଷକ ଭାବରେ ମଧ୍ୟ ସେ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି । ବୁଦ୍ଧଦେବଙ୍କ ଜନ୍ମସ୍ଥାନକୁ ଓଡ଼ିଶାର ବୁଦ୍ଧେଶ୍ୱର –କପିଳେଶ୍ୱର– ଭୁବନେଶ୍ୱର କିମ୍ବା "ଦେବାନାଂ ପ୍ରିୟ ପ୍ରିୟଦର୍ଶୀ" ଅଶୋକଙ୍କ ଧବଳେଶ୍ୱର ବା ଧଉଳି ପର୍ବତର କୀର୍ତ୍ତି ସହିତ ସେ ସଂପର୍କ ପ୍ରତିଷ୍ଠା କରିଛନ୍ତି । ସେଇ "ଧଉଳି–ପାହାଡ" ଆଜି ଉତ୍କଳର ନୂଆ ରାଜଧାନୀ ଭୁବନେଶ୍ୱର ନିକଟରେ ବୌଦ୍ଧଯାପନ ଦ୍ୱାରା ନବରୂପ ଧାରଣ କରିଛି ।

"ଗୋବର ଗୋଟେଇ" ଉପନ୍ୟାସର ତୃତୀୟ ସଂସ୍କରଣ ଭିତରେ କିଞ୍ଚିତ୍ ସୂଚନା ଦେଇ ଚକ୍ରଧର ଲେଖିଛନ୍ତି–ବହିଟି ୧୯୨୮ ମସିହା ମଇ ମାସର ଶେଷ ସପ୍ତାହରେ ଘାଟଶୀଳା (ସିଂହଭୂମି) ଡାକ୍ତରଖାନାରେ ଠିକ୍ ତିନିଦିନ ମଧ୍ୟରେ ଲେଖିଥିଲି । ଗୋପବନ୍ଧୁ ବାବୁଙ୍କ ମୃତ୍ୟୁ ସମ୍ବାଦ ପହଞ୍ଚିବାକୁ ମାସେ ଦୁଇମାସ ଥାଏ । ଆଇ. ସି. ଏସ୍ ହେବା ଫଳରେ ଏକାବେଳକେ ଉତ୍କଳରୁ ଲୁଚି ଯାଇଛନ୍ତି ଯେଉଁମାନେ, ତନ୍ମଧ୍ୟରୁ ଖାଣ୍ଟି ଓଡ଼ିଆ କୃପାସିନ୍ଧୁ ମିଶ୍ର ଅସବର୍ଣ୍ଣ ବିବାହ କରିଥାନ୍ତି । ସମାଜରେ ଦେଶରେ ଟିକିଏ ହୁଲୁସ୍ଥୁଲୁ ପଡ଼ିଥାଏ । ପ୍ରଗ୍ରରକ ଅନନ୍ତ ମିଶ୍ର ସେହି ସମୟରେ ତାଙ୍କ କାଗଜ ଚଳାଇବାକୁ ସୁଯୋଗ ନପାଇ ବିହାରୀଙ୍କ ଅପମାନରେ ଚକ୍ରଧରପୁରରେ ଆତ୍ମହତ୍ୟା କରିବାକୁ ଯାଉଥାନ୍ତି । ଜଣେ ଯୁବକ ଚକ୍ରଧରପୁରରେ କେମିତି ଗୋପବନ୍ଧୁ, ଗୋଦାବରୀଶ ମାନେ ଥିଲେ ବୋଲି ଅନ୍ୱେଷଣ କରୁଥିବା ବେଳେ, ଆତ୍ମହତ୍ୟା କରିବା ପାଇଁ ଉଦ୍ୟୋଗ କରୁଥିବା ଅନନ୍ତ ମିଶ୍ରଙ୍କୁ ଦେଖେ ।

ବହିଟି ପଢି ସେତେବେଳର ଉଦୀୟମାନ ଲେଖକ ଓ କବି ଅନ୍ନଦାଶଙ୍କର ରାୟ ଏହି ମର୍ମରେ ଲେଖନ୍ତି–"ମନର ଚିରାଚରିତ ଆକାଙ୍କ୍ଷା ସଦ୍ଭାବରେ ପୂରଣ କରିବାକୁ ଆମେ ଯେଉଁ ଶିଳ୍ପ ରଚନା କରୁଁ ତାହାହିଁ ସ୍ତୁତି ଯୋଗ୍ୟ । ଆପଣଙ୍କ "ଗୋବର ଗୋଟେଇ" କୋଣାର୍କର ଶିଳ୍ପପରି ଚମକପ୍ରଦ ଓ ଆନନ୍ଦ ଦାୟକ, ଏପରିକି ନୈତିକତା ଦୃଷ୍ଟିରୁ ନିଶ୍ଚିତଭାବେ ଭାବପ୍ରବଣ ।"

ଲକ୍ଷ୍ମୀନାରାୟଣ ସାହୁ ଲେଖନ୍ତି–"ତମେ ବହି ଦେଲାବେଳେ ଉପନ୍ୟାସ ବୋଲି ମୁଁ ଲୁଚାଇ ରଖିଥିଲି । କାରଣ ମୁଁ ଉପନ୍ୟାସ କେବେ ପଢେନାହିଁ । କିନ୍ତୁ ତୁମକୁ ଯାହା ଦେଖିଛି, ଉପନ୍ୟାସ ସଂପର୍କରେ କିପରି ଅନ୍ୟକିଛି ଭାବିବି ଭାବି ହଠାତ୍ ସମଗ୍ର ପରିବାର ମଧ୍ୟରେ ପଢିଗଲି । ଭାବିଥିଲି ପାଖରେ ଯୁବତୀଝିଅ, ପୃଷ୍ଠା ଲେଉଟାଇ ଦେଖିବାକୁ ପଡ଼ିବ । କିନ୍ତୁ ପଢିଲା ବେଳେ ଆମୂଳଚୂଳ କେଉଁଠି ମତେ ସତର୍କ ହେବାକୁ ହୋଇନାହିଁ ।"

କୁନ୍ତଳା କୁମାରୀ ଲେଖିଲେ–"ଉପନ୍ୟାସକୁ ଅନେକ ସମୟରେ ସମୟ ଅତିବାହିତ ପାଇଁ ପଢିବାକୁ ହୁଏ । କିନ୍ତୁ ତମ ଉପନ୍ୟାସ ସମୟ କଟାଏ ଓ ତାହା ସଙ୍ଗେ ସଙ୍ଗେ ଜୀବନ ପାଇଁ ଅମୂଲ୍ୟ ଶିକ୍ଷା ମଧ୍ୟ ଦେଇଥାଏ ।"

୧୧୨ ପୃଷ୍ଠାର ଉପନ୍ୟାସଟିକୁ ଲେଖକ ଚକ୍ରଧର ୩ଦିନ ମଧ୍ୟରେ ସଂପୂର୍ଣ୍ଣ କରିଥିଲେ । ଏହାହିଁ ତାଙ୍କ ଆଶ୍ଚର୍ଯ୍ୟ ପ୍ରତିଭାର ସାକ୍ଷ୍ୟ ଦେଇଥାଏ ।

ସମୟ ଓ ସୁଯୋଗ ପାଇଥିଲେ ତାଙ୍କ ଲେଖନୀର ସୃଷ୍ଟି ସଂଖ୍ୟା ବହୁଗୁଣିତ ହୋଇ ପାରିଥାନ୍ତା । ତଥାପି ସେ ଯେତିକି ଲେଖିଛନ୍ତି ତାହାରି ଭିତରେ ହିଁ ତାଙ୍କ ଅପୂର୍ବ ପ୍ରତିଭାର ପ୍ରମାଣ ସୁସ୍ପଷ୍ଟ ଭାବରେ ଅଙ୍କିତ ଓ ଉଦ୍ଭାସିତ ।

ଉପନ୍ୟାସ ସୃଷ୍ଟିରେ ଯେପରି ସେ ସିଦ୍ଧହସ୍ତ "କୁନ୍ତଳା କୁମାରୀ ଜୀବନ ଚରିତ 'ରଚନାରେ ମଧ୍ୟ ସେହିପରି କିମ୍ବା



Digitized by srujanika@gmail.com

ତତୋଧିକ । ତାତ୍‌କାଳିକ ସମାଜରେ ଧର୍ମାନ୍ତର ଗ୍ରହଣ କରିବାର ଏକାଧିକ ଦୃଷ୍ଟାନ୍ତ ସେ ଦେଇଛନ୍ତି । ଏଠାରେ ଗୋଟିଏ ଦୃଷ୍ଟାନ୍ତ ଉଲ୍ଲେଖନୀୟ ।

ସ୍ୱର୍ଗତଃ ଚକ୍ରଧର ମହାପାତ୍ରଙ୍କ ଗ୍ରନ୍ଥପ୍ରକାଶକ "ଗ୍ରନ୍ଥମନ୍ଦିର" ପ୍ରତିଷ୍ଠାତା ଶ୍ରୀଯୁକ୍ତ ଛୋଟରାୟ(?) ମହାପାତ୍ରଙ୍କ ପ୍ରଚ୍ଛନ୍ନ ଉତ୍ସାହ ଉଦ୍ୟମହିଁ ଏଥିଲାଗି ବହୁଳାଂଶରେ ଦାୟୀ ବୋଲି ପ୍ରକଟିତ ହୁଏ ।

ଏହି ଲେଖକର ମରମୀବନ୍ଧୁ ଥିଲେ ଚକ୍ରଧର । ତାଙ୍କ ସ୍ୱଳ୍ପ ମଧୁରଭାଷା ଓ ବ୍ୟବହାରରେ ପୂରି ରହିଥିଲା ଗଭୀର ସ୍ନେହର ଆନ୍ତରିକତା । ଅତି ସହଜରେ ତାହା ଆତ୍ମୀୟତାରେ ପରିଣତ ହୁଏ ।

ଭାବୁକ, ପ୍ରେମିକ, ସାଧକ ଚକ୍ରଧର ଆଜି ଆଉ ସ୍ୱଦେହରେ ନାହାନ୍ତି ସତ, ମାତ୍ର କାଳକାଳକୁ ସେ ଓଡ଼ିଆ ସାହିତ୍ୟରେ ରହିଗଲେ ଏକ ସମୁଜ୍ଜ୍ୱଳ ଜ୍ୟୋତି ରୂପରେ ଉଦ୍ଭାସିତ ହୋଇ ।

ପର ଲାଗି ସିନା ଜନମ ଆମେ ଗୋ
ପରଲାଗି ଆମ ମାନ ।
ପର ହୃଦ ଯେହୁ ନ ବୁଝିଲା ଦିନେ
ମଣିଷ ସେ ସବୁଠୁ ସାନ ।

ଚକ୍ରଧର ମହାପାତ୍ର (କିଶୋରୀ କବିତାରୁ)



Digitized by srujanika@gmail.com

# ସମୁଦ୍ର ସନ୍ତାନ

(ଜଣେ ପିତୃବନ୍ଧୁଙ୍କ ବିୟୋଗରେ)

ସୁଜାତା ପ୍ରିୟମ୍ବଦା

କ୍ଷୁଦ୍ର ଯେତେ ନଦୀ ନାଳ ପୋଖରୀ ଗଡ଼ିଆ
ଆଉ ଏକ ସଂକୀର୍ଣ୍ଣ ଆକାଶ
ତା'ଠାରୁ ସଂକୀର୍ଣ୍ଣ ଏକ ସମାଜର
ବଁଷ ନୀଳ ପରିଧି ଭିତରେ
ତତୋଧିକ ସଂକୀର୍ଣ୍ଣ ମନର ଛୋଟ ଗହଣରେ
ବିତିଗଲା ତାର
ଯେତେ ସବୁ ମୂଲ୍ୟବାନ ଦିନ.........................
କେବଳ ଖଣ୍ଡ ଖଣ୍ଡ ସଂକୀର୍ଣ୍ଣ ଅଭିନୟରେ !

× × ×

ମଦମତ୍ତ ଯୌବନର
ପ୍ରଗଲ୍‌ଭ ଉଚ୍ଛ୍ୱାସ ଯେବେ ହେଲା ଶେଷ
ବସି ବସି ଗଣିବ ସେ
ଯେତେ ସବୁ ସଞ୍ଚିତ ପାଥେୟ !
ସବୁ ଶୂନ, ସଞ୍ଚୟ ତ କିଛି ନାହିଁ.......................
କେବଳ ମୁଠା ମୁଠା ଧୂଳି, ଆଉ
ଜ୍ୱଳନ୍ତ ଅଙ୍ଗାର !

× × ×

ଜ୍ୟୋତ୍ସ୍ନାର ମଦିର ରଶ୍ମି ଧରିବାକୁ ଯାଇ
ଉପେକ୍ଷା ସେ କରିଥିଲା
ସୂର୍ଯ୍ୟରଅବିନାଶୀ ଉପହାର,
ସମୁଦ୍ର ସନ୍ତାନ ସେ ଯେ
ଆଶ୍ଚର୍ଯ୍ୟ ଏକ ମାୟାବୀ ମାୟାରେ
ମୃତ୍ୟୁ ସମ ମାତାଲ ନିଦ୍ରାରେ
ବିତିଗଲା ତାର
ଉଜ୍ଜ୍ୱଳ ଗତିର ଅମୂଲ୍ୟ ପ୍ରହର !

× × ×

ସମୁଦ୍ର ଡାକିଲା ତାକୁ,
ହେଲା ସେ ଯେ ସମୁଦ୍ର-ପଥିକ !
ଯେତେ ସବୁ କ୍ଷୁଦ୍ର ଓ ସଂକୀର୍ଣ୍ଣ
ଯେତେ ସବୁ ନୀଚ ଆଉ ଘୃଣ୍ୟ
ସବୁ ଛାଡ଼ି ଚାଲିଲା ସେ
                    ସମୁଦ୍ର ସନ୍ଧାନେ ।
ବିଧାତାର ନିୟମରେ
ଫେରିବ ସେ ପୁଣ, ଆଉ
ଯଦି ପାରେ
ଆସିବ ସେ ସ୍ୱର୍ଣ୍ଣକୁମ୍ଭ ଭରି
ଆଣିବ ସେ ସାଗର ତୀର୍ଥର ବାରି
ସିଞ୍ଚିବ ସଭିଙ୍କ ଦ୍ୱାରେ !
                    ଅନ୍ୟ ପ୍ରାଣ
                    ଅନ୍ୟ କଥା
                    ଅନ୍ୟ ଗୀତ
                    ଅନ୍ୟ ଏଷଣାରୁ

ଜରାଜୀର୍ଣ୍ଣ ହେ ପୃଥିବୀ,
          ଆଜି ସେ ତ ନେଇଚି ବିଦାୟ !

Digitized by srujanika@gmail.com

# ସାରସ୍ୱତ ସାଧନାର ନୀରବ ପ୍ରତୀକ

**ଡଃ ମନ୍ମଥନାଥ ଦାସ**
କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

ଜୀବନ ଓ ମୃତ୍ୟୁ, ଏ ଦୁଇ ମଧ୍ୟରେ ରହିଥିବା ବ୍ୟବଧାନ ଯେ କେତେଦୂର ସଂକୀର୍ଣ୍ଣ ତାହା କୌଣସି ମନୁଷ୍ୟର ଅଜ୍ଞାତ ନୁହେଁ । ତଥାପି ଏହି ବ୍ୟବଧାନ ବିଷୟ ଅନେକ ସମୟରେ ବିଶ୍ୱାସ କରିବା କଷ୍ଟକର ହୋଇଥାଏ । ଗତ ସେପ୍ଟେମ୍ବର ଆରମ୍ଭରେ, ମାତ୍ର ଦୁଇଟି ମାସ ବିଦେଶ ଚାଲି ଯାଇଥିଲି । ତାହାର ମାତ୍ର କେତୋଟି ସପ୍ତାହ ପୂର୍ବେ ପୂଜ୍ୟ ଚକ୍ରଧର ବାବୁଙ୍କୁ ବାଣୀବିହାର ଇତିହାସ ବିଭାଗରେ ଓଡ଼ିଶାର କେତେକ ପ୍ରଚଳିତ ପର୍ବ ଓ ଉତ୍ସବର ଉତ୍ପତ୍ତି ଓ ତାତ୍ପର୍ଯ୍ୟ ଉପରେ ଏକ ଭାଷଣ ଦେବାକୁ ନିମନ୍ତ୍ରଣ କରିଥିଲି । ସେ ଆସିଥିଲେ । ମୌଳିକ ତଥ୍ୟ ସମ୍ବଳିତ ଏକ ସୁଦୀର୍ଘ, ସୁଚିନ୍ତିତ ଭାଷଣ ଦ୍ୱାରା ସେ ଛାତ୍ର, ଅଧ୍ୟାପକ ଓ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଚମତ୍କୃତ କରି ପାରିଲେ । ବାଣୀବିହାରରେ ସେ ପୂର୍ବ ବର୍ଷ ମାନଙ୍କରେ କେତେଥର ଭାଷଣ ଦେଇ ଆସିଛନ୍ତି । ଏଥର ମଧ୍ୟ ସେ ଆସିଲେ ଏବଂ ବିଦାୟ ନେଲେ । ସେତେବେଳେ କିଏ ଅନୁମାନ କରିଥାନ୍ତା ଯେ ତାଙ୍କର ଦିନକାଳ ଅକାଳରେ ଶେଷ ହୋଇ ଆସିଲାଣି ଏବଂ ସେ ମହାପଥର ଯାତ୍ରୀ ରୂପେ ବିଦାୟ ନେବାକୁ ବାହାରି ବସିଲେଣି ?

ନଭେମ୍ବର ପ୍ରଥମ ସପ୍ତାହରେ ଦେଶକୁ ଫେରିଆସିଲି । ଘରେ ପହଞ୍ଚି ଶୁଣିଲି, ଚକ୍ରଧର ବାବୁ ଆଉ ଇହଧାମରେ ନାହାନ୍ତି । ତାଙ୍କର ପବିତ୍ର ରୂପ ଆଖିଆଗରେ ଭାସିଗଲା । ଦୀର୍ଘଦିନର ସ୍ମୃତି ନାନା ପ୍ରକାରରେ ମନ ବିଚଳିତ କରିବାକୁ ଲାଗିଲା । କିଛି ସମୟପାଇଁ ସ୍ତମ୍ଭିତ ହୋଇ ରହିଲି । କିନ୍ତୁ ଆଶ୍ଚର୍ଯ୍ୟ ହେବାର ଅବକାଶ ବୋଧହୁଏ ନଥିଲା । କାରଣ, ନିଶ୍ଚିତ ମୃତ୍ୟୁର ଅନିର୍ଦ୍ଦିଷ୍ଟ ଆବିର୍ଭାବ ଏହା ହିଁ ତ ସୃଷ୍ଟିର ପ୍ରହେଳିକା । ମୃତ୍ୟୁ ସମ୍ମୁଖରେ ଅସମ୍ଭବ କିମ୍ବା ଅସଂଲଗ୍ନ ବୋଲି କିଛି ନାହିଁ । ଚକ୍ରଧରବାବୁ ଆକସ୍ମିକ ଭାବେ ଚାଲିଗଲେ । ପ୍ରତ୍ୟାଶିତ ବା ଅପ୍ରତ୍ୟାଶିତ ଭାବେ ସମସ୍ତଙ୍କୁ ଯିବାକୁ ହେବ । ଯେ କୌଣସି ସମୟରେ ଯେ କୌଣସି ବୟସରେ ଏବଂ ଯେ କୌଣସି ଅବସ୍ଥାରେ ମୃତ୍ୟୁର ଆହ୍ୱାନ ଆସିଯିବ । ଯେ ଚାଲିଗଲେ, ତାଙ୍କପାଇଁ ସଂସାରର ସ୍ମୃତି ଚିରଦିନ ପାଇଁ ହଜିଗଲା । କିନ୍ତୁ ଯେଉଁମାନେ ରହିଲେ ସେମାନଙ୍କ ମନରେ ବିଦାୟ ନେଇଥିବା ବ୍ୟକ୍ତିଙ୍କର ରୂପଗୁଣ ଅଭିଭା ହୋଇ ରହିବ । ମୃତ୍ୟୁର ବ୍ୟବଧାନ ସ୍ମୃତିର ପରିସର ମଧ୍ୟରେ ସୀମାରେଖା ଟାଣି ପାରେନାହିଁ । କାରଣ ଜୀବିତ ଓ ମୃତ ମଧ୍ୟରେ ସ୍ମୃତି ହିଁ ଶାଶ୍ୱତ ସମ୍ପର୍କ ।

ଚକ୍ରଧର ବାବୁଙ୍କର ନିଷ୍ଠାପର ପବିତ୍ର ଜୀବନ, ତାଙ୍କର ପ୍ରଗାଢ଼ ପାଣ୍ଡିତ୍ୟ, ଏକାଗ୍ରତା ପୂର୍ଣ୍ଣ ଗବେଷଣା ଏବଂ ତାତ୍ତ୍ୱିକ ସାଧନା ତାଙ୍କ ସଂସର୍ଗରେ ଆସିଥିବା ବ୍ୟକ୍ତିମାନଙ୍କୁ ତାଙ୍କ ପ୍ରତି ଗଭୀର ରୂପେ ଆକର୍ଷିତ କରିପାରିଥିଲା । ଜୀବନର ଘାତ ପ୍ରତିଘାତ ଓ ପାରି-ପାର୍ଶ୍ୱିକ ପରିସ୍ଥିତି ତାଙ୍କର ନିଜସ୍ୱ ପ୍ରତିଭା ବିକାରଣ ପାଇଁ ତାଙ୍କୁ ଯଥେଷ୍ଟ ସୁଯୋଗ ଦେଇ ପାରିନାହିଁ । ଯଦି ଆବଶ୍ୟକୀୟ ସୁଯୋଗ ଓ ସୁବିଧା ତାଙ୍କୁ ମିଳିଥାନ୍ତା ଓଡ଼ିଶା ତାଙ୍କ ପାଖରୁ ଅନେକ କିଛି ପାଇପାରିଥାନ୍ତା, ଏହା ମୋର ଅନେକ ଦିନର ବିଶ୍ୱାସ । କାରଣ, ଯେତେବେଳେ ତାଙ୍କ ସହିତ ଓଡ଼ିଶାର ଇତିହାସ, ସାହିତ୍ୟ, ଧର୍ମ ଓ ସଂସ୍କୃତି ଉପରେ ଆଲୋଚନା କରିବାର ଅବକାଶ ଘଟିଛି, ତାଙ୍କର ଦୀର୍ଘଶ୍ୱାସ ମଧ୍ୟରେ ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କର ଅସହାୟ ଅବସ୍ଥାର ଆଭାସ ମୁଁ ପାଇଛି । ସୁବିଧା ଓ ସୁଯୋଗ ବିନା ଏ କାଳରେ ପ୍ରତିଭା ବିକାଶ ଅସମ୍ଭବ । କିନ୍ତୁ ଜଣେ ନୀରବ ସାଧକ ରୂପେ ସେ କୌଣସି ପ୍ରକାର ସୁବିଧାସୁଯୋଗ ପାଇଁ କୌଣସି ଅନୁଷ୍ଠାନ ବା ବ୍ୟକ୍ତିବିଶେଷ ନିକଟରେ ଅନୁ-ଗ୍ରହ ପ୍ରାର୍ଥୀ ହେବାକୁ କେବେହେଲେ ଚେଷ୍ଟା କରିନାହାନ୍ତି । ନିଜସ୍ୱ ରୀତିରେ ଏବଂ ନିଜ ପ୍ରୟାସରେ ସେ ଜ୍ଞାନଚର୍ଚ୍ଚା ଓ ଜ୍ଞାନଦାନ ପାଇଁ ଆତ୍ମ ବିନିଯୋଗ କରିଯାଇଛନ୍ତି । ଏହା ତାଙ୍କର ଚାରିତ୍ରିକ ବିଶେଷତ୍ୱ । ଉଚ୍ଚତର ଗବେ-ଷଣା ପାଇଁ ସେ ଯଦି ଆବଶ୍ୟକୀୟ ସମ୍ବଳ ପାଇଥାନ୍ତେ, ତାଙ୍କ ସାମର୍ଥ୍ୟର ପ୍ରକୃତ ପରିଚୟ ଦେଶବାସୀ ପାଇ ପାରିଥାନ୍ତେ । କିନ୍ତୁ ଅନେକ କ୍ଷେତ୍ରରେ ପ୍ରକୃତ ଗୁଣବାନ୍ ବିଦ୍ୱାନ୍ ଓ ଜ୍ଞାନୀ ବ୍ୟକ୍ତିମାନଙ୍କ ପ୍ରତି ଭାଗ୍ୟ ଅନେକ ସମୟରେ ସୁପ୍ରସନ୍ନ ଥିବା ଦେଖାଯାଏନାହିଁ । ଅରଣ୍ୟ କୁସୁମର ସୁଗନ୍ଧ ପରି ଅନେକ ଚିନ୍ତାଶୀଳ ବ୍ୟକ୍ତିଙ୍କ ମହତ୍ତ୍ୱ ଉପଯୁକ୍ତ କ୍ଷେତ୍ରରେ ବିନିଯୋଗ ହୋଇ ପାରେନାହିଁ, ଏହାହିଁ ଭାଗ୍ୟର ବିଡ଼ମ୍ବନା ।

ଏହି ପରିପ୍ରେକ୍ଷୀରେ ଚକ୍ରଧରବାବୁଙ୍କ ଜୀବନୀରୁ ଗୋଟିଏ ଉଦାହରଣ ଦେବାକୁ ଇଚ୍ଛା ହେଉଛି । ଭଗବାନ ବୁଦ୍ଧଙ୍କର ଜନ୍ମସ୍ଥାନ ହେଉଛି ଇତିହାସ ପ୍ରସିଦ୍ଧ ଏବଂ ଶତ ଶତ ବର୍ଷ ବ୍ୟାପୀ ବିଶ୍ୱବାସୀଙ୍କର ଜ୍ଞାନଦ୍ୱାରା ସତ୍ୟରୂପେ ଗୃହୀତ ଏକ ତଥ୍ୟ । ବୁଦ୍ଧ ଜନ୍ମିଥିଲେ ଆଧୁନିକ ନେପାଳର ତରାଇ ଅଞ୍ଚଳରେ ଅବସ୍ଥିତ ଥିବା କ୍ଷୁଦ୍ର କପିଳବାସ୍ତୁ ନାମକ ରାଜ୍ୟରେ । ଚକ୍ରଧରବାବୁ ଭୁବନେଶ୍ୱର ଅଦୂରସ୍ଥ କପିଳେଶ୍ୱର ନାମକ ସ୍ଥାନରୁ ଆବିଷ୍କୃତ ଏକ ଶିଳାଲିପି ଅନୁଧ୍ୟାନ କଲାପରେ ତାଙ୍କର ଦୀର୍ଘ ପ୍ରୟାସ ଆରମ୍ଭ କଲେ । ବୁଦ୍ଧଙ୍କ ଜନ୍ମସ୍ଥାନ



Digitized by srujanika@gmail.com

କ'ଣ କପିଳବାସ୍ତୁ ପରିବର୍ତ୍ତେ କପିଳେଶ୍ୱର ହେବା ସମ୍ଭବ ? ପ୍ରାଚୀନ ବୌଦ୍ଧ ଜାତକ ଓ ନାନାବିଧ ଐତିହାସିକ ଉପାଦାନମାନଙ୍କରୁ ବୁଦ୍ଧଙ୍କର ଜନ୍ମ ବୃତ୍ତାନ୍ତ ତଥା ଜୀବନୀ ଉପରେ କଷ୍ଟସାଧ୍ୟ ଗବେଷଣା ବଳରେ ଚକ୍ରଧରବାବୁ ନିଜର ବଦ୍ଧମୂଳ ବିଶ୍ୱାସ ସୃଷ୍ଟିକଲେ— ବୁଦ୍ଧଙ୍କର ଜନ୍ମସ୍ଥାନ ଓଡ଼ିଶା ଭୂମିରେ । ତଥ୍ୟମୂଳକ ଦୀର୍ଘ ସନ୍ଦର୍ଭ ଲେଖିଲେ । ପତ୍ରପତ୍ରିକାରେ ନିଜର ଆବିଷ୍କାର ପ୍ରକାଶ କଲେ । କେତେକ ସାଧାରଣସଭା ଏବଂ ବିଶେଷଜ୍ଞ ସମ୍ମିଳନୀରେ ନିଜର ସନ୍ଦର୍ଭ ଉପସ୍ଥାପିତ କଲେ । ତାଙ୍କ ପ୍ରବନ୍ଧ ନିହିତ କେତେଗୁଡ଼ିଏ ଯୁକ୍ତି ଏତେଦୂର ବଳିଷ୍ଠ ଥାଏ ଯେ ସେ ସବୁ ଖଣ୍ଡନ କରିବା ସହଜ ନଥାଏ । ବିଖ୍ୟାତ ପ୍ରାଚ୍ୟ ବିଦ୍ୟାବିତ୍ ଇଂରେଜ ପଣ୍ଡିତ ଅଧ୍ୟାପକ ଏ, ଏଲ୍, ବାସାମ ସନ୍ଦର୍ଭ ପାଠକରି ଆଶ୍ଚର୍ଯ୍ୟାନ୍ୱିତ ହେଲେ ଏବଂ ନିଜର ସୁଚିନ୍ତିତ ମତଦ୍ୱାରା ଆଶାପ୍ରକାଶ କଲେ ଯେ ନୂତନଭାବେ ଆବିଷ୍କୃତ ତଥ୍ୟମାନ ବିଶ୍ୱ ଇତିହାସ ମଣ୍ଡଳୀ ଆଗରେ ଉପସ୍ଥାପିତ ହେବା ଉଚିତ । କାରଣ, ବୁଦ୍ଧଙ୍କ ଜୀବନୀ ଉପରେ ସଂଖ୍ୟାତୀତ ଗ୍ରନ୍ଥମାନ ରଚିତ ହୋଇଥିବା ସତ୍ତ୍ୱେ ଏବଂ ତାଙ୍କ ଜୀବନୀ ସଂପର୍କରେ ପୁଂଖାନୁପୁଂଖ ଭାବେ ସମସ୍ତ ବିଷୟ ଗୃହୀତ ହୋଇଥିବା ସ୍ଥଳେ, ନୂତନ ଆବିଷ୍କାର ପାଇଁ ରାସ୍ତା ଚିରଦିନ ମୁକ୍ତ ରହିଛି । ଚକ୍ରଧରବାବୁଙ୍କର ଯୁକ୍ତିମାନ ଯଦି ପ୍ରାଚ୍ୟବିଦ୍ୟାବିତ୍, ବୌଦ୍ଧ ପଣ୍ଡିତ ଏବଂ ବିଶ୍ୱର ଐତିହାସିକମାନଙ୍କ ସମ୍ମୁଖରେ ଯଥାଯୋଗ୍ୟ ଭାବେ ଆଲୋଚିତ ହୋଇପାରିବ, ତେବେ ପ୍ରକୃତ ସତ୍ୟାସତ୍ୟ ପାଇଁ ସାମୂହିକ ପ୍ରଚେଷ୍ଟା ଚାଲିବ ଏବଂ କିଏ କହିପାରେ, ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଅନ୍ଧକାରାଚ୍ଛନ୍ନ ଇତିହାସ ଉପରେ ନୂତନ ଆଲୋକପାତ ହୋଇ ନପାରେ ?

ଚକ୍ରଧରବାବୁ ଆଶା କରିଥିଲେ, ସେ ତାଙ୍କର ସନ୍ଦର୍ଭ ଏବଂ ତଥ୍ୟମାନ ଓଡ଼ିଶାର ସୀମିତ ପରିସର ମଧ୍ୟରୁ ବାହାରକୁ ନେଇଯିବେ ଏବଂ ଭାରତୀୟ ଇତିହାସ କଂଗ୍ରେସ ତଥା ବିଶ୍ୱ ପ୍ରାଚ୍ୟ ବିଦ୍ୟାବିଦ୍ ସମ୍ମିଳନୀ ପ୍ରଭୃତି ବୃହତ୍ତର ଅନୁଷ୍ଠାନ ଆଗରେ ନିଜର ମତାମତ ପ୍ରତିପାଦନ କରିବେ । କିନ୍ତୁ ତାଙ୍କର ଏ ଆଶା ସଫଳ ହୋଇ ପାରିଲା ନାହିଁ । ଆନୁଷ୍ଠାନିକ ଭାବରେ କୌଣସି ସଂସ୍ଥା ବା ବିଶ୍ୱବିଦ୍ୟାଳୟ ଇତ୍ୟାଦିର ପ୍ରତିନିଧିତ୍ୱ କରିବା ପାଇଁ ତାଙ୍କୁ କେବେହେଲେ ସୁଯୋଗ ମିଳିଲା ନାହିଁ । ତେଣୁ ତାଙ୍କ ଦୀର୍ଘଦିନର ଗବେଷଣା ଉପଯୁକ୍ତ ସ୍ଥାନମାନଙ୍କରେ ବିଚାରପାଇଁ ଗୃହୀତ ହୋଇ ପାରିଲା ନାହିଁ । ଯଦି ତାଙ୍କର ଆବିଷ୍କାର ମୂଳକ ନୂତନ ତଥ୍ୟମାନ ଜଣେ ପାଶ୍ଚାତ୍ୟ ପଣ୍ଡିତଙ୍କ ଦ୍ୱାରା ଆବିଷ୍କୃତ ହୋଇଥାନ୍ତା ତେବେ ସେ ମତମାନ ଭୁଲ ହେଉ ବା ଠିକ୍ ହେଉ ଅବିଳମ୍ବେ ବିଶ୍ୱ ଐତିହାସିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥାନ୍ତା ଏବଂ ସେ ସବୁ ଉପରେ ଅନେକ ବିଶେଷଜ୍ଞ ଅନେକଦୂର ପର୍ଯ୍ୟନ୍ତ ଆଲୋଚନା କରିଥାନ୍ତେ । ସେଥିସଙ୍ଗେ ବିଭିନ୍ନ ଦୃଷ୍ଟିରୁ ବହୁପ୍ରକାର ଅନୁସନ୍ଧାନ ମଧ୍ୟ ଚାଲନ୍ତା । ଏପରିକି, ଯେ କୌଣସି ଭାରତୀୟ ବିଶ୍ୱବିଦ୍ୟାଳୟର ଜଣେ ଅଧ୍ୟାପକ ଯଦି ସେପରି ଆବିଷ୍କାର କରିଥାନ୍ତେ, ତାଙ୍କପାଇଁ ଅନେକ ଆନୁଷ୍ଠାନିକ ସୁଯୋଗ ମିଳିଥାନ୍ତା, ଯାହାଦ୍ୱାରା ସେ ନିଜର ସନ୍ଦର୍ଭ ବୃହତ୍ତର ପରିସର ମଧ୍ୟକୁ ନେଇ ପାରିଥାନ୍ତେ ।

ଚକ୍ରଧରବାବୁ ହତାଶ ହୋଇଥିଲେ ଯେ ତାଙ୍କର ମତାମତ ବାହାରକୁ ତ ଯାଇ ପାରିଲା ନାହିଁ, ଭାରତ କିମ୍ବା ଓଡ଼ିଶାରେ ମଧ୍ୟ ଚିନ୍ତାଶୀଳ ବ୍ୟକ୍ତିମାନେ ତାହା ଜାଣିପାରିଲେ ନାହିଁ । ଅପରନ୍ତୁ, ତାଙ୍କ ସନ୍ଦର୍ଭ ବା ନିବନ୍ଧ ନ ପଢ଼ି ଓ ନ ଦେଖି ମଧ୍ୟ କେହି କେହି ସମାଲୋଚନା କରିବାକୁ ପଶ୍ଚାତ୍‌ପଦ ହେଲେନାହିଁ । ବର୍ଦ୍ଧକ ତଳେ ଥରେ ଅତି ଦୁଃଖରେ ସେ ମୋତେ ଏ ସବୁ କଥା କହିଲା ବେଳେ ମୁଁ ତାଙ୍କୁ ମୋ ନିଜ ଅଭିଜ୍ଞତାରୁ ଗୋଟିଏ ଉଦାହରଣ ଦେଇ ସାନ୍ତ୍ୱନା ଦେବାକୁ ଚେଷ୍ଟା କରିଥିଲି । ସଟଲ୍ୟାଣ୍ଡର କୌଣସି ଏକ ସ୍ଥାନରେ ସଂପୂର୍ଣ୍ଣ ଅପ୍ରତ୍ୟାଶିତ ଭାବେ ମୁଁ ମହାବୀର ନେପୋଲିୟନଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ କିଛି ନୂତନ ତଥ୍ୟ ପାଇଥିଲି । ନେପୋଲିୟନ ସେଣ୍ଟ ହେଲେନା ଦ୍ୱୀପରେ ବନ୍ଦୀ ଅବସ୍ଥାରେ ଥିବାବେଳେ ତାଙ୍କର କେତେକ ଗୋପନୀୟ କାର୍ଯ୍ୟକଳାପ ଉପରେ ଜଣେ ସମସାମୟିକ ବ୍ୟକ୍ତି ଯାହାସବୁ ବ୍ୟକ୍ତିଗତ ଗୋପନ ଚିଠି ଆକାରରେ ଲେଖିଥିଲେ ତାହା କୌଣସି ଜଣେ ଇଂରେଜ ରାଜନୀତିଜ୍ଞଙ୍କ ବ୍ୟକ୍ତିଗତ ସଂପତ୍ତି ରୂପେ ରହିଯାଇଥିଲା । ମୁଁ ସେ ସବୁ ଦେଖି ଏକ କ୍ଷୁଦ୍ର ପ୍ରବନ୍ଧ ଲେଖି ଇଂଲଣ୍ଡ ଓ ଇଉରୋପର କେତେକ ରିସାର୍ଚ୍ଚ ଅନୁଷ୍ଠାନ ଓ ରିସାର୍ଚ୍ଚ ପତ୍ରପତ୍ରିକା ପାଇଁ ପଠାଇଲି କିନ୍ତୁ ନେପୋଲିୟନଙ୍କ ଜୀବନୀ ଉପରେ ମୋପରି ଜଣେ ଅଖ୍ୟାତ ଓ ଅଜ୍ଞାତ ବ୍ୟକ୍ତି କିଛି ନୂତନ ତଥ୍ୟ ଦେଇପାରିବେ ଏ କଥା କାହାର ହୃଦ୍‌ବୋଧ ହେଲାନାହିଁ । ତେଣୁ କେହି ପ୍ରକାଶ କଲେ ନାହିଁ । ଚକ୍ରଧର ବାବୁଙ୍କୁ ମୁଁ ବୁଝାଇଥିଲି, ବୁଦ୍ଧଙ୍କ ଜୀବନୀ ଉପରେ ଧାରଣା ମାନ ଏପରି ପ୍ରତିଷ୍ଠିତ ହୋଇ ଯାଇଛି, ଯା' ଉପରେ କୌଣସି ପରିବର୍ତ୍ତନର ଚିନ୍ତା କାହାରି ମନରେ ପ୍ରବେଶ କରିପାରିବ ନାହିଁ । ନୂତନ ବିଷୟ ଆଲୋଚନା କରିବାପାଇଁ ମଧ୍ୟ କେହି ସାହସ କରିପାରିବେ ନାହିଁ । ଯେଉଁ ଐତିହାସିକ ମହାପୁରୁଷ ମାନେ ମନୁଷ୍ୟ ଜାତିର ଶୀର୍ଷସ୍ଥାନ ଅଧିକାର କରିଛନ୍ତି, ସେମାନଙ୍କ ବିଷୟରେ ମତାମତ ଦେବା ଆମମାନଙ୍କ ପରି କ୍ଷୁଦ୍ରାଦପି କ୍ଷୁଦ୍ର ବ୍ୟକ୍ତିମାନଙ୍କ ପକ୍ଷରେ ଏକ ଦୁଃସାହସ ମାତ୍ର । ବୁଦ୍ଧ ହେଉଛନ୍ତି ବିଶ୍ୱ-ଇତିହାସର ଏକମାତ୍ର ବ୍ୟକ୍ତି ଯାହାଙ୍କୁ କୋଟି କୋଟି ମନୁଷ୍ୟ ଶତ ଶତ ବର୍ଷପାଇଁ ଭଗବାନ ରୂପେ ଆରାଧନା କରି ଆସିଛନ୍ତି । ତାଙ୍କ ସମ୍ବନ୍ଧରେ ନୀରବ ରହିବା ହିଁ ଉତ୍ତମ ପନ୍ଥା ।

ମୋର ସାନ୍ତ୍ୱନା ସତ୍ତ୍ୱେ, ସତେ ଯେପରି ସେ ଅସନ୍ତୁଷ୍ଟ ରହିଗଲେ ଯେ ତାଙ୍କ ମତ ଅନ୍ତତଃ ପକ୍ଷେ ବିଶ୍ୱ ବିଦ୍ୱାନ ଦରବାରରେ ଆଲୋଚିତ ହୋଇଥାନ୍ତା ।



Digitized by srujanika@gmail.com

ଯୁକ୍ତି ଭୁଲ ହୋଇପାରେ, କିଂତୁ ସତ୍ୟାସତ୍ୟ ନିରୂପଣ ପାଇଁ ଉଦ୍ୟମ ହେଲନାହିଁ, ଏହାହିଁ ରହିଲା ତାଙ୍କ ଜୀବନର ଦୁଃଖ ।

ସମସ୍ତ ପ୍ରକାର କର୍ମଗ୍ରରୀଙ୍କ ପରି ଚକ୍ରଧରବାବୁ ମଧ୍ୟ ନିଜ କର୍ମ କ୍ଷେତ୍ରରୁ ଅବସର ଗ୍ରହଣ କରିଥିଲେ । କିନ୍ତୁ ତାଙ୍କ ପାଣ୍ଡତ୍ୟର ସଦୁପଯୋଗ ପାଇଁ ବିଶ୍ୱବିଦ୍ୟାଳୟର କୌଣସି କୌଣସି ଗବେଷଣା କାର୍ଯ୍ୟରେ ତାଙ୍କୁ ନିଯୁକ୍ତି ଦେବାପାଇଁ ମୁଁ ଥରେ ଦୁଇଥର କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା କରିଥିଲି । କିନ୍ତୁ ଗୋଟିଏ ବୟସ ପରେ କୌଣସି ପ୍ରକାର ନିଯୁକ୍ତି ପାଇଁ ବ୍ୟବସ୍ଥା ନ ଥାଏ । ଯେଉଁମାନେ ଜ୍ଞାନୀ ବ୍ୟକ୍ତି, ସେମାନଙ୍କ କାର୍ଯ୍ୟ ଯଦି ବୟସ ଦୃଷ୍ଟିରୁ ବିଗ୍ଭର କରାଯାଏ, ତାହା ଜ୍ଞାନ ପ୍ରତି ଏକ ଅବମାନନା । ତଥାପି , ଏହାହିଁ ହେଉଛି ନୟମ, ଯଦିଚ ସବୁ ନିୟମ ବା ଆଇନ୍ କାନୁନ୍ ବିବେକ ସମ୍ମତ ହୋଇ ନ ପାରେ । ଯାହା ହେଉ , ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ନିଜକୁ ଜ୍ଞାନଚର୍ଚ୍ଚାରେ ନିଯୁକ୍ତ କରି ରଖିଥିଲେ, ଏହାହିଁ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ।

ଚକ୍ରଧର ବାବୁଙ୍କ ପୂର୍ବପୁରୁଷମାନେ ଥିଲେ ଓଡ଼ିଶାର ଏକ ଐତିହାସିକ ବଂଶର ଦାୟାଦ । ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଏହାଥିଲା ତାଙ୍କର ନିଜସ୍ୱ ଗର୍ବ । ଅଥଚ ବ୍ୟକ୍ତିଗତ ଭାବରେ ସେ ଥିଲେ ଅହଂଭାବ ଓ ଅହମିକା ପାଖରୁ ଅନେକ ଦୂରରେ । ଅତୀତର ଲୁପ୍ତଗର୍ଭରୁ ନିଜ ପୂର୍ବ ପୁରୁଷ ମାନଙ୍କ ଇତିହାସ ଆବିଷ୍କାର କରିବାପାଇଁ ସେ ଅନେକ ଚେଷ୍ଟା କରିଥିଲେ । ସେଥିସଙ୍ଗେ ଓଡ଼ିଶାର ଅନ୍ୟ ଇତିହାସପ୍ରସିଦ୍ଧ ବଂଶମାନଙ୍କର ମଧ୍ୟ । ନିଜ ଚେଷ୍ଟାରେ ଏବଂ ବହୁ କଷ୍ଟରେ ସେ ଅନେକ ଐତିହାସିକ ଉପାଦାନ ସଂଗ୍ରହ କରିପାରିଥିଲେ ।

ଓଡ଼ିଶାର ଧର୍ମ, ଦର୍ଶନ ଓ ସଂସ୍କୃତି ଉପରେ ତାଙ୍କର ଯେଉଁ ଅଗାଧ ଜ୍ଞାନ ଥିଲା, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଛି । ସଂସ୍କୃତ ସାହିତ୍ୟ ଓ ଭାଷା ଉପରେ ସେ ବିଚକ୍ଷଣ ଦକ୍ଷତା ଅର୍ଜନ କରିଥିଲେ । ଓଡ଼ିଶାର ବିଭିନ୍ନ ପ୍ରକାର ପର୍ବପର୍ବାଣି, ଧର୍ମଗତ ଓ ସାମାଜିକ ଉତ୍ସବମାନଙ୍କର ଉତ୍ପତ୍ତି, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ଓ ବିଶେଷତ୍ୱ ଉପରେ ତାଙ୍କର ଗବେଷଣା ଶେଷ ପର୍ଯ୍ୟନ୍ତ ଗ୍ଭଲିଥିଲା । ତାଙ୍କ ମୃତ୍ୟୁର ମାତ୍ର ଅଳ୍ପ କେତେମାସ ପୂର୍ବେ ମୁଁ ଏବଂ ମୋର ସହକର୍ମୀମାନେ ତାଙ୍କୁ ଅନୁରୋଧ କରିଥିଲୁଁ ଯେ ସେ ସେହି ବିଷୟ ଉପରେ ଏକ ବୃହତ୍ ଗ୍ରନ୍ଥ ପ୍ରଣୟନ କରିପାରିଲେ ତାହାର ପ୍ରକାଶ କରିବା ଦାୟିତ୍ୱ ବିଶ୍ୱବିଦ୍ୟାଳୟ ବହନ କରିବ । ସେ ଅତି ଆଗ୍ରହରେ ସମ୍ମତି ଦାନ କରିଥିଲେ । ସମାଜ ଗତାନୁଗତିକ ଭାବେ ପର୍ବପର୍ବାଣି ପାଳନ କରି ଗ୍ଭଲିଛି ଏବଂ ଗ୍ଭଲିଥିବ । କିନ୍ତୁ ସେ ସବୁର ଅର୍ଥ ଆଧୁନିକ ମନୁଷ୍ୟ ପ୍ରତି ଅନେକାଂଶରେ ଅଜ୍ଞାତ ରହିଛି ଓ ରହିଥିବ । କାଳକ୍ରମେ ହୁଏତ ସଙ୍କୁଚିଛି ବିସ୍ମୃତି ଗର୍ଭରେ ଲୋପ ପାଇଯିବ । ଯଦି ପୁସ୍ତକର ପୃଷ୍ଠାରେ ସେ ସବୁ ଲିପିବଦ୍ଧ ହୋଇ ରହନ୍ତା, ତାହା ହୁଅନ୍ତା ଆମ ସଂସ୍କୃତିର ଏକ ମହାର୍ଘ ପରିଚୟ । ଚକ୍ରଧର ବାବୁ ଏ କାର୍ଯ୍ୟ ସମ୍ପାଦନ କରିବାପାଇଁ ବଦ୍ଧପରିକର ଥିଲେ । କିନ୍ତୁ, ନିର୍ଦ୍ଦୟ ମହାକାଳ ଅନେକଙ୍କୁ ସ୍ୱ ସ୍ୱ କୀର୍ତ୍ତି ସଂପାଦନ କରିବାକୁ ସମୟ ଦିଏନାହିଁ । ଏହା ମନୁଷ୍ୟ ପ୍ରତି ଅଦୃଷ୍ଟର ଚରମ ପରିହାସ । ଚକ୍ରଧର ବାବୁଙ୍କର ଅନ୍ତିମ ସମୟର କାର୍ଯ୍ୟଭାର ଫଳପ୍ରଦ ହୋଇପାରିଲା ନାହିଁ । ଏହା ଓଡ଼ିଶାର ଏକ ଦୁର୍ଭାଗ୍ୟ ।

ଅନେକ ବିଷୟ ମନେ ପଡୁଛି । ଲେଖି ବସିଲେ ଅନେକ କଥା । କିନ୍ତୁ 'ସ୍ମରଣିକା' ଉଦ୍ଦେଶ୍ୟରେ ଏତିକି ଲେଖି ତାଙ୍କର ଅମର ଆତ୍ମା ପ୍ରତି ଭକ୍ତିପୂତ ପ୍ରଣତି ସହ ଦୁଃଖ ଭାରାକ୍ରାନ୍ତ ମନରେ ବିଦାୟ ନେଉଛି ।

ଯହିଁ ଜନମିଲି ସେ ମୋ ଜନ୍ମଭୂମି
ସେ ନୀତିରେ ମୋର ନାହିଁ ବିଶ୍ୱାସ
ଧନ ଧାନ୍ୟେ ଭରା ସ୍ୱର୍ଣ୍ଣ ବସୁନ୍ଧରା
ମୋ ଜନମ ଭୂମି କହେ ବିଶ୍ୱାସ ।

ବାଣେଶ୍ୱର କାବ୍ୟତୀର୍ଥ



Digitized by srujanika@gmail.com

# ଲୋକସାହିତ୍ୟର କୀର୍ତ୍ତିପୁରୁଷ ଚକ୍ରଧର

ଲେଖକରନ୍ ଡଃ କୁଞ୍ଜ ବହାରୀ ଦାଶ

ସାହିତ୍ୟର ବିଭିନ୍ନ ଦିଗରେ ଲେଖନୀ ଚଳାଇ ଥିଲେ ମଧ୍ୟ ଲୋକ ସାହିତ୍ୟର ଦରଦୀ ଗ୍ରାହକ ଭାବେ ଚକ୍ରଧର ଚିହ୍ନିତ । ଚକ୍ରଧରଙ୍କ କଥା ମନେ ପଡ଼ିଲେ ଲୋକ ସାହିତ୍ୟ କଥା ମନେ ପଡ଼ିଯାଏ, ତା ପରେ ମନରେ ଉଙ୍କିମାରେ କରୁଣ କାନ୍ଦଣା ଗୀତର କେତେ ପଦ—

"ପହଲିପାଳି ବୋଉ ଦେଲୁ ପଠେଇ
ସାଙ୍ଗରେ ଯାଇଥିଲେ ସାନ କକେଇ ।
× × × ×
କାହିଁକି କାନ୍ଦ ମିଶ୍ରେ ଯାଅ ଘରକୁ
ଝିଅ ଜନମ ସିନା ପର ଘରକୁ ।

ସେ ଏ ଦିଗରେ ଏତେ କାର୍ଯ୍ୟ କରିଥିଲେ ଯେ ତାଙ୍କୁ ଏ ସାହିତ୍ୟର ଜଣେ କୀର୍ତ୍ତି—ପୁରୁଷ କହିଲେ ଆଦୌ ଅତ୍ୟୁକ୍ତି ହେବ ନାହିଁ ।

ଯାଯାବର ଭାବରେ ଦୀକ୍ଷିତ, ଭାରତର ବିଭିନ୍ନ ଅଞ୍ଚଳର ଲୋକ ସାହିତ୍ୟ ସଂଗ୍ରହକାରୀ ପଞ୍ଜାବୀ ସାହିତ୍ୟିକ ଶ୍ରୀ ଦେବେନ୍ଦ୍ର ଚାସତ୍ୟାର୍ଥୀ ୧୯୩୧ ମସିହାରେ କଟକ ଆସିଥିଲେ । ଚକ୍ରଧର ତାଙ୍କୁ କେତେକ ଲୋକଗୀତ ସଂଗ୍ରହକରି ଦେଇଥିଲେ । ସେ ସବୁ ଗୀତର ଅନୁବାଦ 'ବିଶ୍ୱାମିତ୍ର', 'ଏସିଆ', 'ମଡ଼ର୍ଣ୍ଣ ରିଭ୍ୟୁ' ପ୍ରଭୃତି ପତ୍ରିକାରେ ପ୍ରକାଶ କରିଥିଲେ । ଏହା ପରେ ଓଡ଼ିଆ ଲୋକଗୀତର ଯେ ଏକ ସାହିତ୍ୟିକ ମୂଲ୍ୟ ଅଛି, ଏଇ ଧାରଣା ଚକ୍ରଧରଙ୍କ ମନରେ ବଦ୍ଧମୂଳ ହୋଇଥିଲା । ୧୯୩୬ରେ ସେ ସସ୍ତୀକ ଗଡ଼ଜାତର ପଲ୍ଲୀ ଅଞ୍ଚଳରେ ବୁଲି ଲୋକଗୀତ ସଂଗ୍ରହ କରିଥିଲେ । ୧୯୩୪ରେ 'ଉତ୍କଳ ସାହିତ୍ୟ ସମାଜରେ', ୧୯୩୯ରେ 'ଉତ୍କଳ ସଂଗୀତ ସମାଜ'ରେ ଓଡ଼ିଆ ଲୋକଗୀତ ସୁମଧୁର କଣ୍ଠରେ ଆବୃତ୍ତିକରି ଏ ଦିଗକୁ ସେ ପହିଲେ ବିଦଗ୍ଧ ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୩୯ରେ କେଉଁଝର ଗଡ଼ଜାତର ରାଣୀ ସାହେବା 'ଉତ୍କଳ ଗାଉଁଲି ଗୀତ ଚୁମ୍ବକ' ନାମରେ ଚକ୍ରଧରଙ୍କ ସଂଗ୍ରହର ଖଣ୍ଡିଏ ନମୁନା ଗୀତି ପୁସ୍ତକ ଛପାଇ ଥିଲେ । ଏଥିରେ ଭାରତ ଓ ଭାରତ ବାହାରର ଦୃଷ୍ଟି ଆକର୍ଷଣ କରିବା ଲାଗି ଓଡ଼ିଆଙ୍କ ଭିତରେ ସେ ପ୍ରଥମେ ଚେଷ୍ଟା କରିଥିଲେ । ଏହି ପୁସ୍ତିକାରେ ଓଡ଼ିଆ ଗୀତ, ଦେବନାଗରୀ ଅକ୍ଷରରେ ଓଡ଼ିଆ ଗୀତ ଓ ଇଂରାଜୀ ଅନୁବାଦ ଦିଆଯାଇଥିଲା । ବିଶ୍ୱକବି ରବୀନ୍ଦ୍ରନାଥ, ସରୋଜିନୀ ନାଇଡୁ ଓ ଓଡ଼ିଶାର ଶ୍ରେଷ୍ଠ ମନୀଷୀ ମାନଙ୍କର ପ୍ରାପ୍ତି ସ୍ୱୀକାର ଓ ପ୍ରଶଂସା ବାଣୀ ଏଥିରେ ସଂଯୋଜିତ ହୋଇଥିଲା ।

ଚକ୍ରଧର ସ୍ୱ ସଞ୍ଚୟନକୁ ଆଠଭାଗରେ ପ୍ରକାଶ କରିଛନ୍ତି । (କ) ବୋହୂଙ୍କ ସୁଖ ଦୁଃଖ ଗୀତିକା (ଖ) କିଶୋରଙ୍କ ମେଳ ଗୀତିକା (ଗ) ଗାଁ ପିଲଙ୍କ ମେଳ ଗୀତିକା (ଘ) ଗାଁ ପିଲଙ୍କ ଢ଼ଗ ଢ଼ମାଳି (ଙ) ଗ୍ରାମ୍ୟ ବନ୍ଦନା ଗୀତି (ଚ) ପୋଥି ଗୀତିକା (ଛ) କୃଷକ ଗୀତିକା (ଜ) ପରିଶିଷ୍ଟ ଗୀତିକା ।

'ବୋହୂଙ୍କ ସୁଖ ଦୁଃଖ ଗୀତିକା' ଚକ୍ରଧରଙ୍କ ପାଣ୍ଡୁଲିପିର ଆଠଭାଗରୁ ଏକ ଭାଗ ମାତ୍ର ୧୯୪୬ରେ ପ୍ରକାଶିତ । ସଂକଳନରେ ସୁରୁଚି ଫୁଟିଛି । ମଧ୍ୟେ ମଧ୍ୟେ ଟିପଣୀ ଦିଆଯାଇଛି ଓ ସୁଜ୍ଞଜନ ମାନଙ୍କର ଉକ୍ତି ଉଦ୍ଧାର କରାଯାଇଛି ।

'ଉତ୍କଳ ଗାଉଁଲୀ ଗୀତ' (୧୯୫୯) ଚକ୍ରଧରଙ୍କ ବୃହତ୍ତମ ଲୋକଗୀତ ସଂକଳନ । ନିଶ୍ଚିତ ଭାବେ ଏହା ଏକ ଅପୂର୍ବ କୀର୍ତ୍ତି । ଓଡ଼ିଆ ସାହିତ୍ୟକୁ ତାଙ୍କର ବିପୁଳ ଦାନର ଏହା ଏକ ମୁଖ୍ୟ ଭାଗ ।

ଲୋକସାହିତ୍ୟ ଓଡ଼ିଆକୁ ଓଡ଼ିଆ କରି ରଖିଛି । ଓଡ଼ିଆ ସାହିତ୍ୟର ମୂଳଦୁଆ ହୋଇ ରହିଛି । ଖାଣ୍ଟି ଦେଶୀୟ ଭଙ୍ଗୀ, ଦେଶୀୟ ଶୈଳୀର ସ୍ୱରୂପ କେବଳ ଏହାରି ମଧ୍ୟରେ ମିଳିଥାଏ । ଏ ଦିଗକୁ ଚକ୍ରଧରଙ୍କ ଦାନ କେଡ଼େ ମହନୀୟ ତାହା ଏବେବି ଓଡ଼ିଆ ଜାତି ବୁଝି ନାହିଁ । ଚକ୍ରଧର ଯେଉଁଭଳି ସମ୍ମାନର ଯୋଗ୍ୟ ତାହା ତାଙ୍କୁ ଦିଆ ହୋଇ ନାହିଁ ।

ସେ ଲୋକ ସାହିତ୍ୟର ପ୍ରଥମ ସଂଗ୍ରାହକ ନ ହେଲେ ମଧ୍ୟ ଜଣେ ପଞ୍ଚ ପୁରୋଧା । ତାଙ୍କ ଆଗରୁ ଢ଼ଗ ଢ଼ମାଳି, ଲୋକ ଗଳ୍ପ କିଛି ସଂଗୃହୀତ ହୋଇଥିଲା । କିନ୍ତୁ ତାଙ୍କ ଆଗରୁ କେହି ଲୋକ ଗୀତ ପ୍ରକାଶ କରି ନାହିଁ । ଲୋକଗୀତର ପହିଲି ପ୍ରକାଶକର ଗୌରବ ତାଙ୍କର ପ୍ରାପ୍ୟ । ଓଡ଼ିଶାର ଅତି ମୂଲ୍ୟବାନ ରତ୍ନର ସେ ଉଦ୍ଧାରକ, ସର୍ବତୋଭାବେ ବିଦଗ୍ଧ ମଣ୍ଡଳୀର ସମ୍ମାନନୀୟ ।

●



Digitized by srujanika@gmail.com

# ଧନ୍ୟ ହେ କରିତ୍‌କର୍ମା

ଶ୍ରୀ ବଂଶୀଧର ମିଶ୍ର

ଜୀବନରେ କେବେ ଭେଟିନି ତୁମକୁ
ଦେଇନି ମୋ ପରିଚୟ
ତୁମ ପାଶେ ମୁହିଁ ନଗଣ୍ୟ ଲେଖକ
ମନେ ରଖି ଏଇ ଭୟ । ୧ ।

ଆଜି ଯେତେବେଳେ ବନ୍ଧୁ କହିଲେ
ତୁମ ପରଲୋକ କଥା
ତାଙ୍କଠାରୁ ଶୁଣି ଦୁଃଖରେ ପୁଣି
ଘୂରିଗଲା ମୋର ମଥା । ୨ ।

ସେଇଠି ସେ ସ୍ଥାନେ ସେଇ ମୁହୂର୍ତ୍ତରେ
କଲି ଶେଷ ନମସ୍କାର
ଅଜାଣତେ ମୋର ନୟନରୁ ନୀର
ଝରିଗଲା ଦୁଇଧାର । ୩ ।

ତୁମ ଆତ୍ମାର ସଦ୍‌ଗତି ପାଇଁ
ବିଭୁରେ ପ୍ରାର୍ଥନା କରି
ନିଜକୁ ନିଜେ ମୁଁ ହତଭାଗ୍ୟ କହି
ଆସିଲି ସେଠାରୁ ଫେରି । ୪ ।

ତୁମେ ଥିଲ ଜଣେ ସାହିତ୍ୟ ସେବକ
ସାହିତ୍ୟର ସେବା କରି
ସୃଷ୍ଟିକରିଗଲ ସାହିତ୍ୟ ସାଗର
ହାତରେ କଲମ ଧରି । ୫ ।

ସାହିତ୍ୟ ସେବାର ସାଥେ ଦେଶ ସେବା
ଗାନ୍ଧୀ ଡ଼ାକରା ପାଇ
ଅସହଯୋଗରେ ଯୋଗ ଦେଲ ତୁମେ
କରାଚିକୁ ଗଲ ଧାଇଁ । ୬ ।

ପୁରପଲ୍ଲୀ ବୁଲି ସଂଗ୍ରହ କଲ
ଗାଉଁଲି ଲୋକର ଗୀତ
ଓଡ଼ିଆ ନାରୀର ଢ଼ଗ ଓ ଢ଼ମାଳି
ପଢ଼ି ଲୋକେ ହେଲେ ପ୍ରୀତ ।୭।

ଗ୍ରାମ୍ୟ ମୂଲିଆର ଝିଅ ବୋହୂଙ୍କର
ଗୋବର ସାଉଁଟା ଦେଖି
"ଗୋବର ଗୋଟେଇ" ଉପନ୍ୟାସ ଏକ
ତୁମେ ଦେଇଥିଲ ଲେଖି । ୮ ।

ତୁମ ଅସବର୍ଣ୍ଣ ବବାହ ପୁସ୍ତକ
ଆଣିଥିଲା ଜାଗରଣ
ଜାତିଭେଦ ପ୍ରଥା ସମାଜେ କଳଙ୍କ
ପରାଧୀନର କାରଣ । ୯ ।

ନ ଥିଲ ତ ଖାଲି ସାହିତ୍ୟିକ ତୁମେ
ଥିଲ ଜଣେ ଗବେଷକ
ତୁମ ଗବେଷଣା ହେବ ଆଲୋଚନା
କରିବେ ତା ଆଲୋଚକ ।୧୦।

ତାହାର ପ୍ରମାଣ ବୁଦ୍ଧ ଜନ୍ମସ୍ଥାନ
ଉତ୍କଳ ଇତିହାସ
ଏ ଉତ୍କଳବାସୀ ହେଉଥିବେ ଘୋଷି
ତୁମ କୃତି କୀର୍ତ୍ତିଯଶ । ୧୧ ।

"କବି ଯଦୁମଣି ଗ୍ରନ୍ଥାବଳୀ" ଲେଖି
ରଖିଗଲ ତାଙ୍କ ସ୍ମୃତି
'କୁନ୍ତଳା କୁମାରୀ ସାବତ' ଜୀବନୀ
ଆଉ ଏକ ତୁମ କୃତି ।୧୨।

ଆଧ୍ୟାତ୍ମିକ ଦିଗେ ବଳାଇଲ ମତି
କରିପୁଣି ଗବେଷଣା
'ଚତୁର୍ଭୁଜା ଅଷ୍ଟଭୁଜା ଦୁର୍ଗାତତ୍ତ୍ୱ
କର୍ଲିଲ ଅବ ଧାରଣା ।୧୩।

ଜ୍ଞାନକୋଷ ସଂକଳନ କାର୍ଯ୍ୟେ ରହି
ଦୀର୍ଘ ଦିନ ଗଲା ବିତି
ଉତ୍କଳ ବିଶ୍ୱବିଦ୍ୟାଳୟ ତୁମ
ନାମ ଘୋଷୁଥିବ ନିତି ।୧୪।

ସାହିତ୍ୟ ସଂସ୍କୃତି ସାଥେ ଦେଶ ପ୍ରୀତି
ନ ଭୁଲିବ ଦେଶ ଜାତି
ନୀରବ ସାଧକ ସାଧନାରେ ରତ
ତୁମେ ଥିଲ ଦିବା ରାତି ।୧୫ ।

ଜୀବନେ କେବେ ମାନ ସନମାନ
ଉପାଧି ବା ପୁରସ୍କାର
ଏକାଡ଼େମୀ ପୁରସ୍କାର ନେବା ପାଇଁ
କରିଥିଲ ଅସ୍ୱୀକାର ।୧୬।



Digitized by srujanika@gmail.com

ସାହିତ୍ୟ ସେବା ଜୀବନର ବ୍ରତ
ସାହିତ୍ୟ ତୁମ ପ୍ରାଣ
ସାହିତ୍ୟକୁ ତୁମେ ଜପମାଳା କରି
ଶେଷେ ହେଲ ପରିତ୍ରାଣ ।୧୭ ।

ଲେଖକ ଭାବୁକ କବି ସାହିତ୍ୟିକ
ପୁଣି ଦକ୍ଷ ଗବେଷକ
ହେ ନୀରବ କର୍ମୀ ଧନ୍ୟ ଦେଶ ପ୍ରେମୀ
ପ୍ରକୃତ ଦେଶ ସେବକ । ୧୮ ।

ବାଣୀ ଭଣ୍ଡାରକୁ କରିଲ ସମୃଦ୍ଧ
ବୀଣାପାଣି ବରପୁତ୍ର
ଦେଲନି ଏ ଦେଶ ତୁମକୁ ସମ୍ମାନ
ବସ୍ତାଭାବେ ଦେଇ ସତ୍ର । ୧୯ ।

ତୁମର ସମ୍ମାନ ତୁମର ସାଧନା
ବଞ୍ଚିବ ସାହିତ୍ୟ ପାଇଁ
ଯୁଗ ଯୁଗ ପାଇଁ ରହିବ ଅମର
ଏଥିରେ ସନ୍ଦେହ ନାହିଁ । ୨୦ ।

ତୁମରି ବିୟୋଗେ ଦିଏ ଶ୍ରଦ୍ଧାଞ୍ଜଳି
ଯେଣୁ ଜଣେ ସମ ଧର୍ମା
ତୁମରି ଆତ୍ମାର ହେଉ ସଦ୍‌ଗତି
ଧନ୍ୟ ହେ କରିତ୍ କର୍ମା । ୨୧ ।



Digitized by srujanika@gmail.com

ମା ଗୌରୀ ଦେବୀ

କୁନ୍ତଳା କୁମାରୀଙ୍କ ସହିତ

କଟକ ସୁତାହାଟଠାରେ ୧୮ ବର୍ଷ ବୟସରେ

କୁନ୍ତଳା କୁମାରୀଙ୍କ ସହିତ ଦିଲ୍ଲୀ ଯାତ୍ରା ପୂର୍ବରୁ

କନ୍ୟାଦାନ

ଝିଅ ମଂଜୁ ସନ୍ତଦର୍ଶିନୀ ସହିତ

Digitized by srujanika@gmail.com

# ବନ୍ଧୁ ଚକ୍ରଧର ବାବୁ

## ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ତାଙ୍କ ସହିତ ମୋର ପ୍ରଥମ ସାକ୍ଷାତ, ଯେଉଁଦିନ ତାଙ୍କର ପ୍ରଥମ ସାହିତ୍ୟକୃତି ଉପନ୍ୟାସ "ଗୋବର ଗୋଟେଇ" ପ୍ରଥମ ହୋଇ ପ୍ରେସରୁ ମୁକ୍ତି ପାଇଲା ! ସେତେବେଳେ ନିମଚଉଡି ଛକ ପାଖ 'ଗୋବିନ୍ଦ ରଥ ଲଜ" (ପ୍ରାତଃ ସ୍ମରଣୀୟ ପଣ୍ଡିତ ଗୋବିନ୍ଦ ରଥଙ୍କ ପବିତ୍ର ବାସଗୃହ)ର ଅନ୍ତେବାସୀଙ୍କ ମଧ୍ୟରେ ଆମେ ଦୁଇଜଣ ଟିକିଏ ଅନ୍ତରଙ୍ଗ ଥାଉଁ – ବନ୍ଧୁ ପରମାନନ୍ଦ ରଥ ଓ ମୁଁ । ପରମାନନ୍ଦ ବାବୁ କଲେଜ ଛାତ୍ର ଓ ମୁଁ ଦଉ ପ୍ରେସର ମ୍ୟାନେଜର । ଚକ୍ରଧରବାବୁ ପ୍ରଥମ ବହି ଖଣ୍ଡିକ ପରମାନନ୍ଦ ବାବୁଙ୍କୁ ଦେବାକୁ ଆଣିଥାଆନ୍ତି । ପୁସ୍ତକର ପ୍ରଚ୍ଛଦପତ୍ରର ଧଳାକଳା ଛବି ଉପରେ ନିଜ ହାତରେ ରଙ୍ଗଦେଇ ଏପରି ଚିତ୍ର କରିଥାଆନ୍ତି ଯେ, ପଦ୍ମଫୁଲଟି ତାର ପ୍ରକୃତ ରଙ୍ଗ ପାଇଥାଏ । ସେତିକି-ବେଳେ ଜାଣିଲି, ଏହି ସୌମ୍ୟ ଦର୍ଶନ ଯୁବକ କେବଳ ଔପନ୍ୟାସିକ ନୁହନ୍ତି, ଜଣେ ଉଚ୍ଚକୋଟିର ଚିତ୍ରଶିଳ୍ପୀ ମଧ୍ୟ ।

ତାଙ୍କର ପ୍ରଥମ ପ୍ରଚେଷ୍ଟା ସେହି 'ଗୋବର ଗୋଟେଇ" ପାଠକମାନଙ୍କ ଦ୍ୱାରା ଏତେ ଆଦୃତ ହେଲା ଯେ, କଲିକତାର ଦୁଇଜଣ ଅସାଧୁ ଓଡ଼ିଆ ପୁସ୍ତକ ବ୍ୟବସାୟୀ ଦୁଇଖଣ୍ଡି ନକଲି ପୁସ୍ତକ ପ୍ରକାଶ କରି ଧନ ଅର୍ଜନ କରିଥିଲେ । ଖଣ୍ଡିଏ ଦୁଃଖିନୀ ଗୋବର-ଗୋଟେଇ, ଆଉ ଖଣ୍ଡିଏ ସଚିତ୍ର ଗୋବର ଗୋଟେଇ ।

ସେ ସମୟରେ ସାହିତ୍ୟ କ୍ଷେତ୍ରରେ ବିଶେଷ ପ୍ରସିଦ୍ଧି ଲାଭ କରିଥିବା ଲେଖିକା ଡ଼ାକ୍ତର କୁନ୍ତଳା କୁମାରୀ ସାବତଙ୍କର ପରମ ଭକ୍ତ ଏବଂ ତାଙ୍କରି ପାଖରେ ହିଁ ରହୁଥାଆନ୍ତି ସେ । ପରେ ଯେତେବେଳେ ଜାଣିଲେ, ପ୍ରୁଫ୍ ଦେଖିବାରେ ମୁଁ ଟିକିଏ ପାରଙ୍ଗମ, ସେତେବେଳେ କୁନ୍ତଳା କୁମାରୀଙ୍କ ଉପନ୍ୟାସ 'ରଘୁ ଅରକ୍ଷିତ' ପୁସ୍ତକର ପ୍ରତ୍ୟେକ ଫର୍ମାର ପ୍ରୁଫ୍ ଆଣି ମୋ ଦ୍ୱାରା ସଂଶୋଧନ କରି ନିଅନ୍ତି । ସେତେବେଳେ ଘଣ୍ଟା ଘଣ୍ଟା ଧରି ଏକାଠି ବସି ରହିବାକୁ ପଡୁଥିବାରୁ କାମ ସଙ୍ଗେ ସଙ୍ଗେ ନାନା ରହସ୍ୟାଳାପ ହୁଏ । ମୁଁ ଅନୁଭବ କଲି କୁନ୍ତଳା କୁମାରୀଙ୍କୁ ସେ ଏତେ ଭକ୍ତି କରନ୍ତି ଯେ, ତାଙ୍କ ଲେଖାର ଗୁରୁତ୍ୱ ଉପରେ ରହସ୍ୟରେ ହେଲେ ମଧ୍ୟ ଟିକିଏ ଆଞ୍ଚ ଆସିଲେ, ଚକ୍ରଧରବାବୁ କ୍ଷିପ୍ତ ହୋଇ ଉଠନ୍ତି ।

ଚକ୍ରଧରବାବୁଙ୍କ ସହଯୋଗରେ କୁନ୍ତଳା କୁମାରୀଙ୍କ ଘରକୁ ବହୁତ ଥର ଯାଇଛି । ତାଙ୍କଠାରୁ ଯଥେଷ୍ଟ ସ୍ନେହ ଆଦର ପାଇ ନିଜକୁ କୃତକୃତ୍ୟ ମନେ କରିଛି । ଆମ ତିନିଜଣଙ୍କ ମଧ୍ୟରେ ଓଡ଼ିଆ ସାହିତ୍ୟର ଅତୀତ ଓ ଭବିଷ୍ୟତ ସମ୍ପର୍କରେ ବହୁ ଆଲୋଚନା ହେଉଥିଲା । ସେତେବେଳେ ଅସହଯୋଗ ଆନ୍ଦୋଳନର ପ୍ରାବଲ୍ୟ ଅତି ଅଧିକ । ମହାତ୍ମାଗାନ୍ଧୀଙ୍କ ପ୍ରଭାବରେ ଆବାଳ ବୃଦ୍ଧ ବନିତା ମନରେ ଦେଶ ପ୍ରୀତିର ସ୍ରୋତ ପ୍ରଖର । କବି କୁନ୍ତଳା କୁମାରୀ ଲେଖିଲେ "ସ୍ଫୁଲିଙ୍ଗ" । ଆମେମାନେ ଭୟ କଲୁ, ଏହି କବିତାଗୁଚ୍ଛ ଇଂରେଜ ସରକାର ବାଜ୍ୟାପ୍ତ କରିଦେବେ । କବିଙ୍କୁ ଜେଲଦଣ୍ଡ ମିଳିପାରେ ।

ତାହାପରେ କୁନ୍ତଳା କୁମାରୀ ଓଡ଼ିଶା ଛାଡ଼ି ଦିଲ୍ଲୀ ଚାଲିଗଲେ । ଯେତେଦୂର ମନେ ପଡ଼େ, ତାଙ୍କ ସହିତ ଦିଲ୍ଲୀ ଯାଇଥିଲେ ଚକ୍ରଧରବାବୁ । ତେଣିକି ଆଉ ଦେଖା ସାକ୍ଷାତ ହେଲା ନାହିଁ ସତ, ମାତ୍ର ବନ୍ଧୁତା ବଜାୟ ରହିଲା ପରସ୍ପରର ଖବର ଅନ୍ତର ବୁଝିବାରେ ।

ଦିଲ୍ଲୀରୁ ଆସି ଚକ୍ରଧରବାବୁ ନିଜ ରାଜ୍ୟର ଦେବୋତ୍ତର କମିଶନର ହେଲେ । ସେତେବେଳକୁ ମୁଁ 'ସମାଜ' ଅଫିସରେ । ସମୟ ସମୟରେ ସେ ତାଙ୍କ କାମରେ କଟକ ଆସୁଥିଲେ ଓ ଦେଖା ସାକ୍ଷାତ ହେଲେ ପୁରୁଣା ସ୍ମୃତି ଆଉଡ଼େଇ ଉଭୟେ ଆନନ୍ଦ ପାଉଥିଲୁ ।

ଚକ୍ରଧରବାବୁ ଥିଲେ ସ୍ୱାଧୀନଚେତା । କାହାର ଆଦେଶରେ ନିଜତ୍ୱ ଭୁଲିଯିବା ମନୋବୃତ୍ତି ତାଙ୍କର ନ ଥିଲା । ସେହି ପରିସ୍ଥିତିରେ ସେ ଉକ୍ତ ଚାକିରୀ ଛାଡ଼ି ପୁଣି କଟକ ଚାଲି ଆସିଲେ ।

ପୁଣି ଆମ ଘନିଷ୍ଠତା ବଢ଼ିଗଲା, ଯେତେବେଳେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଙ୍କଳିତ ହେଉଥିବା ଭାଷାକୋଷ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ସମୟ ସମୟରେ ଗବେଷଣାମୂଳକ ପ୍ରବନ୍ଧ 'ସମାଜ'ରେ ପ୍ରକାଶ ପାଇଁ ଧରି ଆସନ୍ତି । ବନ୍ଧୁ ମିଳନଟା ଏହି ସୂତ୍ରରେ ଗାଢ଼ତର ହୋଇ ଉଠିଲା । "ନିଆଁଖୁଣ୍ଟା" ଅଫିସ ଆଗରେ ନିଜର ବାସଗୃହ ତିଆରି କରିବାରୁ ପ୍ରାୟ ପ୍ରତିଦିନ ଦେଖାମିଳେ ଓ ହସ ହସ ବଦନରେ ଉଭୟେ ଉଭୟଙ୍କୁ ଅଭିନନ୍ଦନ ଜଣାଇଥାଉଁ । ସମୟ ସମୟରେ ରହସ୍ୟାଳାପରେ ଯୋଗ ଦିଅନ୍ତି ନିଆଁଖୁଣ୍ଟାର ଯଶସ୍ୱୀ ସମ୍ପାଦକ ଗୋଦାବରୀଶ ମହାପାତ୍ର । ତିନିହେଁ ପ୍ରାୟ ସମବୟସ୍କ, ସମାନ ଧର୍ମୀ । ତେଣୁ ଆଳାପ ଆଲୋଚନା ବେଶ୍ ସରସ ହୋଇଉଠେ ।

ଚକ୍ରଧରବାବୁ ଥିଲେ ଜଣେ ନିଷ୍ଠାପର ମୌଳିକ ଗବେଷକ । ଆଗରୁ ସମସ୍ତେ ଦୁର୍ଗାଙ୍କୁ ଦଶଭୁଜା



Digitized by srujanika@gmail.com

ବୋଲି ଚିତ୍ରଣ କରୁଥିଲେ । ଚକ୍ରଧରବାବୁ ପ୍ରଥମେ ଘୋଷଣା କଲେ, ଏହା ଓଡ଼ିଆ ସଂସ୍କୃତିର ପରିପନ୍ଥୀ । ଓଡ଼ିଶାର ଦୁର୍ଗା ଅଷ୍ଟଭୁଜା । ପରେ ଅବଶ୍ୟ କେହି କେହି ତାହା ଖଣ୍ଡନ କରିଛନ୍ତି । ମାତ୍ର ଚକ୍ରଧରବାବୁଙ୍କର ଏ ମତ ସଂଖ୍ୟାଧିକ ସଂସ୍କୃତିପ୍ରେମୀ ଓଡ଼ିଆଙ୍କ ମନରେ ଗୋଟାଏ ସ୍ଥାୟୀ ଗଭୀର ଦାଗ ରଖି ଦେଇଛି ।

ଏହି ଓଡ଼ିଆପ୍ରାଣ ନିଷ୍ଠାପର ଗବେଷକ, ସାହିତ୍ୟିକ ବନ୍ଧୁଙ୍କୁ ଅନ୍ତରର ଭକ୍ତି ସହିତ ପ୍ରଣତି ଜଣାଇବା ସଙ୍ଗେ ସଙ୍ଗେ ପ୍ରାର୍ଥନା କରୁଛି, ସେ ସେପୁରରୁ ଆଶୀର୍ବାଦ କରନ୍ତୁ, ଆମେମାନେ ଯେ ଭଳି ତାଙ୍କରି ପରି ଓଡ଼ିଆପ୍ରାଣ ହେଉଁ, ଆମ ନିଜକୁ ଆମେ ଚିହ୍ନିବାକୁ ସାମର୍ଥ୍ୟ ଲଭ କରୁ ।



Digitized by srujanika@gmail.com

# ମୋର ବରାବର ଈର୍ଷା ହୁଏ

**ଶ୍ରୀ ବିନୋଦ କାନୁନ୍‌ଗୋ**

ସତକଥା କହିବାକୁ ଗଲେ ଚକ୍ରଧର ମାହାପାତ୍ରଙ୍କ ଘର ବାଟେ ଆସିଲାବେଳେ କିଛି ସମୟ ପାଇଁ ମୋର ତାଙ୍କ ପ୍ରତି ଈର୍ଷା ହୁଏ। ଏ ଭଳି ହେବାର କାରଣ ଅଛି ।

ଓଡ଼ିଶାର ଅଳ୍ପ କେତେଜଣଙ୍କ କଥା ଭାବିଲାବେଳେ ମୋର ଗୋଟାଏ ମୁହୂର୍ତ୍ତରେ ଈର୍ଷା ହୁଏ ଓ ଠିକ୍ ତା ପର ମୁହୂର୍ତ୍ତରେ ସେମାନଙ୍କ ସହିତ ମୋର ପରିଚୟ ଥିଲା ବୋଲି ଗର୍ବ ହୁଏ । ନିଜକୁ ଗୌରବାନ୍ୱିତ ମନେ କରେ ।

ଏଭଳି ହେବାର କାରଣ ଅଛି । ସେହି କାରଣଟା କଅଣ ସେତକ ସଂକ୍ଷେପରେ କହିଦେବି—

୧୯୫୭ ଅକ୍‌ଟୋବର ୪ରି ତାରିଖ ଦିନ ରୁଷ୍ ମହାକାଶକୁ ପଠାଇଦେଲା ଗୋଟିଏ କ୍ଷୁଦ୍ରଯାନ । ତା ନାଁ ରଖା ଯାଇଥିଲା ସ୍ପୁଟନିକ୍ ବା ସହଯାତ୍ରୀ । ସେଇଟି ପୃଥିବୀର ବାୟୁମଣ୍ଡଳକୁ ଟପି ମହାକାଶରେ ୪ରିପଟେ ଗୋଟିଏ କକ୍ଷରେ ବୁଲିଲା । ପୃଥିବୀର ବିଜ୍ଞାନୀମାନେ ସ୍ତମ୍ଭୀଭୂତ ହୋଇଗଲେ । ରୁଷ୍‌ର ବିଜ୍ଞାନୀ ଯେ ଏଭଳି ଗୋଟିଏ ସଫଳତା ଏତେ ଶୀଘ୍ର ହାସଲ କରିବେ ଏ ବିଶ୍ୱାସ କାହାରି ନଥିଲା । ସେହି ଦିନ ଆରମ୍ଭ ହୋଇଗଲା ମହାକାଶ ଯୁଗ ।

ଆମେରିକାର ପ୍ରେସିଡ଼େଣ୍ଟ କହିଲେ "ଆମେ ଅତିଶୀଘ୍ର ମହାକାଶକୁ ଯାଉଛୁ ଓ ଅତି ବିସ୍ମୟଜନକ ଭାବରେ ଯାଉଛୁ ।" ସେ ଦେଶର ଜଣେ ସିନେଟର କହିଲେ— ହଁ, ଆମେ ହୁଏତ ସେମିତି କରିବା । କିଂତୁ ମନେ ରଖିବାକୁ ହେବ ଯେ ଏ ସଂସାରରେ ଯିଏ ପ୍ରଥମେ ଗୋଟିଏ ବିଷୟରେ ସାଫଲ୍ୟ ହାସଲ କରେ ତାକୁ ହିଁ ସମସ୍ତେ ମନେ ରଖନ୍ତି । ୧୯୨୭ ମେ ମାସରେ ୪ର୍ଲସ ଲିଣ୍ଡବର୍ଗ ଉଡ଼ାଜାହାଜରେ ଏକା ଆଟଲାଣ୍ଟିକ ମହାସାଗର ପାର ହୋଇଗଲେ । ମାନବ ଜାତି ତାଙ୍କୁ ଧନ୍ୟ ଧନ୍ୟ କହିଲା । ତାଙ୍କ ଠାରୁ ଆହୁରି ବେଗରେ ଦ୍ୱିତୀୟ ଲୋକ କିଏ ସେଭଳି କଲା ସେ କଥା ମୁଁ ମନେ ରଖିନାହିଁ । ଅନେକ ହୁଏତ ମନେ ରଖି ନାହାନ୍ତି । ତେଣୁ ଇତିହାସ କହିବ ଯେ ରୁଷ୍ ହିଁ ପ୍ରଥମେ ମହାକାଶରେ ଗୋଟିଏ ଯାନକୁ ପୃଥିବୀ ୪ରିପଟେ ବୁଲେଇଦେଲା । ଏଇ ମାପ କାଠିରେ ମାପି ମୁଁ ଦେଖିନିଏ ଓଡ଼ିଶାରେ କିଏ କେଉଁଥିରେ "ପ୍ରଥମ" ହୋଇଛନ୍ତି । ତାଙ୍କ ପ୍ରତି ମୋର ଈର୍ଷା ହୁଏ । ସେଇଟି "ସାତ୍ୱିକ ଈର୍ଷା"—ମୁଁ ତ ତାଙ୍କ ଭଳି ହୋଇ ପାରିଲି ନାହିଁ" —ଏଇଟା ହେଲା ଈର୍ଷାର କାରଣ । ଗର୍ବର କାରଣ ହେଲା ସେ ଆମ ଓଡ଼ିଆ ମାଟିରେ ଚାଲୁଛନ୍ତି ବା ଚାଲୁଥିଲେ । ତାଙ୍କ ସହିତ ପରିଚିତ ହୋଇ ମୁଁ ଭାଗ୍ୟବାନ । ଓଡ଼ିଶାରେ ବିଂଶ ଶତାବ୍ଦୀରେ ଏଇଭଳି ଅଳ୍ପ କେତେଜଣ ଜନ୍ମ ହୋଇଛନ୍ତି । ଓଡ଼ିଆ ଭାଷାର ଜ୍ଞାନ ମଣ୍ଡଳ ବା ଏନ୍‌ସାଇକ୍ଲୋପିଡ଼ିଆ ଲେଖୁ ଥିବାରୁ ସେମାନଙ୍କର ଗୋଟିଏ ତାଲିକା ସଜାଇ ରଖିଛି ।

ଚକ୍ରଧର ଭାଇନା ପ୍ରଥମେ ଦେଖାଇଦେଲେ ଓଡ଼ିଶାର ଲୋକଗୀତ ଗୁଡ଼ିକୁ ସଂଗ୍ରହକରି ସଜାଇ ଦେଲେ ତା' ଭିତରୁ ଆମ ସଂସ୍କୃତିର କି ଚମତ୍କାର ମହକ ମିଳିଯାଉଛି । ସେଥିପାଇଁ ସେ ପରିଶ୍ରମ କରିଛନ୍ତି । ସମୟ ଦେଇଛନ୍ତି । ତ୍ୟାଗ କରିଛନ୍ତି । ସେ ଗୁଡ଼ିକ ସଜାଇବାରେ ମୌଳିକତା ଦେଖାଇଛନ୍ତି । ତେଣୁ ସେ ଓଡ଼ିଆ ଭାଷା ସାହିତ୍ୟ ଦରବାରରେ ପ୍ରଥମ ଧାଡ଼ିରେ ବସିବେ । ସେ ଅଧିକାରରୁ ତାଙ୍କୁ କେହି ବଞ୍ଚିତ କରି-ପାରିବେ ନାହିଁ । ସେ ପ୍ରଥମ ଧାଡ଼ିରେ ବସି ଥିବାରୁ ବହୁ ଯୁଗ ପର୍ଯ୍ୟନ୍ତ ଓଡ଼ିଆଙ୍କ ପ୍ରଣାମ ପାଉଥିବେ ।

ତାଙ୍କୁ ମୁଁ ଭଲ ଭାବରେ ଜାଣିଥିଲି । ଅବଶ୍ୟ ଏ କଥା ସ୍ୱୀକାର କରିବି ଯେ ଗଲା କେତେ ବର୍ଷ ଧରି ମୁଁ ଯେଉଁଭଳି ଜୀବନ କଟାଉଛି ସେଥିରେ ତାଙ୍କ ସାନ୍ନିଧ୍ୟ ମଝିରେ ମଝିରେ ଲାଭ କରିବାର ସୁଯୋଗ ସୁବିଧା ହୋଇନାହିଁ । କିଂତୁ ଏକଥା ଶହକେ ଶହେ ଠିକ୍ ଯେ ଦୂରରୁ ତାଙ୍କୁ ଅନେକ ସମୟରେ ପ୍ରଣାମ ଜଣାଏ ।

ତାଙ୍କ କନ୍ୟା ଆୟୁଷ୍ମତୀ ତ୍ରିପାଠୀ ଯେତେବେଳେ ମୋତେ ଅନୁରୋଧ କଲେ ତାଙ୍କ ବିଷୟରେ ଦି' ଧାଡ଼ି ଲେଖିଦେବା ପାଇଁ ମୁଁ ସଂଗେ ସଂଗେ ହଁ ବୋଲି କହିଲି । ମୋ ଉପରେ ତାହାର ଗୋଟାଏ ଦାବୀ ରହିଛି । ମୁଁ ତା' ନନାଙ୍କର ସାନଭାଇ ।

ଚକ୍ରଧର ଭାଇନାଙ୍କୁ ପ୍ରଣାମ ଜଣାଉଛି ।

ଖରା ସହେ ତରୁ, ଖରା ସହେ ମେରୁ
ମୂଲିଆ ବାପୁଡ଼ା ସହର ଖରା
ଖରା ସହେ ଗୋରୁ ଏହି ବିଧାନରୁ
ପୃଥକ ଏବେବି ନୋହିଛି ଧରା ।

ଚକ୍ରଧର ମହାପାତ୍ର
(ବାଣେଶ୍ୱର କାବ୍ୟରୁ)



Digitized by srujanika@gmail.com

# ବରେଣ୍ୟ ଗବେଷକ ବନ୍ଧୁ ଚକ୍ରଧର ବାବୁ

**ଶ୍ରୀ ଜ୍ଞାନୀନ୍ଦ୍ର ବର୍ମା**

ଜୀବନରେ ମୁଁ ଯେତେ ବ୍ୟକ୍ତିଙ୍କ ବନ୍ଧୁତ୍ୱ ଲାଭ କରିଛି, ସେଥି ମଧ୍ୟରେ ଚକ୍ରଧର ବାବୁଙ୍କ ସହ ବନ୍ଧୁତା ମୋ ପକ୍ଷରେ ଅତି ସ୍ମରଣୀୟ ଘଟଣା । ୧୯୭୩ ମସିହାରୁ ଉତ୍କଳ ସାହିତ୍ୟର ସଂପାଦନା ଦାୟିତ୍ୱ ବହନ କରିବା ସମୟରୁ ମୋ ସହ ଚକ୍ରଧରବାବୁଙ୍କ ବନ୍ଧୁତା ଘନିଷ୍ଠତାରେ ପରିଣତ ହେବାକୁ ଲାଗିଲା । ପ୍ରାୟ ପ୍ରତିଦିନ ସଂଧ୍ୟାରେ ମୋ ଘରେ ତାଙ୍କ ସହ ସାକ୍ଷାତ ଘଟେ ଏବଂ ସେହି ସୁଯୋଗରେ ବହୁ ବିଷୟରେ ଆଲୋଚନା ହୋଇଥାଏ । ସେ ଜଣେ ଉଚ୍ଚକୋଟୀର ଗବେଷକ ଏବଂ ବିଚକ୍ଷଣ ସ୍ମୃତି-ଶକ୍ତି-ସଂପନ୍ନ ବ୍ୟକ୍ତି ଥିଲେ । ତାଙ୍କ ସହ ଆଲୋଚନା ହେଲାବେଳେ ସାହିତ୍ୟ, ସଂସ୍କୃତି, ସାମାଜିକ ପରିସ୍ଥିତି ଏବଂ ରାଜନୈତିକ ଘଟଣା ପ୍ରଭୃତି ସ୍ଥାନ ଲାଭ କରିଥାଏ । ସବୁ ବିଷୟରେ ସେ ବଡ଼ ବିଚକ୍ଷଣତା ପ୍ରକାଶ କରନ୍ତି । ଓଡ଼ିଆ ଲୋକଗୀତର ଆଦ୍ୟ ସଂଗ୍ରାହକଭାବରେ ତାଙ୍କର ସ୍ଥାନ ଚିରଦିନ ଅମ୍ଳାନ ରହିବ । ଲୋକଗୀତ ଗୁଡ଼ିକ ସେ କିପରି ଭାବରେ, ବିଶେଷ କରି ତାଙ୍କ ଜନନୀଙ୍କ ଠାରୁ ସଂଗ୍ରହ କରିଥିଲେ, ଆଲୋଚନା ବେଳେ ସେ ବିଷୟରେ ସେ ନାନା ମନୋଜ୍ଞ ତଥ୍ୟ ପ୍ରକାଶ କରନ୍ତି । ଏହି ସ୍ମୃତିକୁ ସଂଜୀବିତ ରଖିବା ପାଇଁ ମୋ ଅନୁରୋଧରେ "ମହୀୟସୀ ନାରୀ" ଓ "ଉତ୍କଳର ସାମାଜିକ ସ୍ଥିତି" ନାମରେ ଏକ ଧାରାବାହିକ ଲେଖା ଆରମ୍ଭ କରିଥିଲେ ଏବଂ ତାହା ମୋ ସଂପାଦିତ ଉତ୍କଳ ସାହିତ୍ୟରେ କ୍ରମଶଃ ପ୍ରକାଶ ପାଉଥିଲା । ଉତ୍କଳ ସାହିତ୍ୟ ପାଇଁ ଯେତେବେଳେ କୌଣସି ତଥ୍ୟ ସମ୍ବଳିତ ନିବନ୍ଧର ଆବଶ୍ୟକତା ପଡ଼େ ମୋର ଅନୁରୋଧ ରକ୍ଷା କରି ସେ ତାହା ଆଗ୍ରହର ସହିତ ପୂର୍ଣ୍ଣ କରି ଦିଅନ୍ତି । ଓଡ଼ିଶାର ସଂସ୍କୃତି, କ୍ଷତ୍ରିୟ, ଖଣ୍ଡାୟତ ଜାତିର ବୀରତ୍ୱ, ଓଡ଼ିଶାର ରାଜବଂଶ ମାନଙ୍କର ନାନା ଘଟଣା ଓ ଇତିହାସ ପ୍ରତି ତାଙ୍କର ପ୍ରଗାଢ଼ ଆସକ୍ତି ଥିଲା । ଆଲୋଚନା ସମୟରେ ଏ ସମସ୍ତ ବିଷୟରେ ସେ ମୋର ମାନସ ପଟରେ ବହୁ ଆଲୋକପାତ କରି ଯାଇଛନ୍ତି । ଜୟଦେବଙ୍କ ସଂପର୍କରେ ବହୁ ନୂତନ ତଥ୍ୟ ଆଲୋଚନା ସମୟରେ ସେ ପ୍ରକାଶ କରନ୍ତି । ମୋର ଅନୁରୋଧ କ୍ରମେ ଜୟଦେବଙ୍କୁ ଓଡ଼ିଶାର ଏକ ବରପୁତ୍ରରୂପେ ପ୍ରମାଣିତ କରି ସେ ଏକ ଉପାଦେୟ ପ୍ରବନ୍ଧ ଲେଖି ଦେଇଥିଲେ । ତାହା ମୁଁ ଉତ୍କଳ ସାହିତ୍ୟରେ ପ୍ରକାଶ କରିଥିଲି । ଚିତ୍ରାଙ୍ଗଦା ଓ ବଭ୍ରୁବାହନର ରାଜ୍ୟ ମଣିପୁର ବୋଲି ପ୍ରାୟ ସମସ୍ତଙ୍କ ମନରେ ଆସାମ ନିକଟବର୍ତ୍ତୀ ମଣିପୁର ପ୍ରଦେଶ ବୋଲି ଯେଉଁ ଧାରଣା ରହିଛି ତାହା କିପରି ଭ୍ରାନ୍ତି ମୂଳକ, ଆଲୋଚନା ପ୍ରସଙ୍ଗରେ ତାହା ସେ ପ୍ରକାଶ କରିବାରୁ ସେ ବିଷୟରେ ଏକ ଲେଖା ଦେବାକୁ ମୁଁ ତାଙ୍କୁ ଥରେ ଅନୁରୋଧ କରିଥିଲି । ତାହା ସେ ରକ୍ଷା କରି ମୂଳ ମହାଭାରତର ସଂପୃକ୍ତ ଅଂଶମାନ ଉଦ୍ଧାର କରି ପ୍ରାଚୀନ କଳିଂଗ ନିକଟବର୍ତ୍ତୀ ମହେନ୍ଦ୍ରଗିରି ନିକଟରେ ମଣିପୁର ରାଜ୍ୟ ପ୍ରତିଷ୍ଠିତ ଥିବାର ସେ ପ୍ରମାଣିତ କରିଥିଲେ । ଏହା ବ୍ୟତୀତ ବହୁ ବିଷୟରେ ତାଙ୍କ ଚିନ୍ତା ଓ ଧାରଣା ବଡ଼ ଦିଗ୍‌ଦର୍ଶନ ମୂଳକ ଥିଲା ।

ଓଡ଼ିଶାର ଲୋକଗୀତର ସଂକଳନ ଚକ୍ରଧରବାବୁଙ୍କ ଜୀବନର ଏକ ଉଲ୍ଲେଖନୀୟ କୀର୍ତ୍ତି । ଏ ସବୁ ଲୋକ ଗୀତ ଲୋକ ମୁଖରେ ଗାଁ ଗହଳରେ ଅଖୋଜା, ଅଲୋଡ଼ା, ଭାବେ ରହି ଯାଇଥିଲା । କିନ୍ତୁ ଚକ୍ରଧରବାବୁ ଏ ଗୁଡ଼ିକୁ ସଂକଳନ କରି ଓଡ଼ିଶାର ଲୋକ ସାହିତ୍ୟର ଏକ ମଣି-ସ୍ତମ୍ଭ ରଚନା କରି ଯାଇଛନ୍ତି । ତାଙ୍କର ଜନନୀ ବାସ୍ତବିକ ଜଣେ ମହୀୟସୀ ନାରୀ । ଜଣେ ନାରୀଙ୍କ ମୁଖରୁ ଏତେ ଉପାଦେୟ ଲୋକଗୀତ ଯେ ସଂଗ୍ରହ କରାଯାଇପାରେ ତାହା ଭାବିଲେ ବିସ୍ମିତ ହେବାକୁ ପଡ଼ିଥାଏ । ଚକ୍ରଧର-ବାବୁ ଏ ଦିଗରେ ପ୍ରଥମେ କାର୍ଯ୍ୟ କରି ନଥିଲେ, ଆଜି ଓଡ଼ିଶାର ଲୋକଗୀତ ଯେଉଁ ଉଚ୍ଚ ସ୍ଥାନ ଲାଭ କରିଛି ତାହା ହୁଏତ ସମ୍ଭବ ହୋଇ ପାରି ନ ଥାନ୍ତା ।

ଚକ୍ରଧରବାବୁ ଏକାଧାରରେ ଥିଲେ ଗବେଷକ, ଔପନ୍ୟାସିକ ଏବଂ ସାହିତ୍ୟିକ । ଉପନ୍ୟାସ ଲେଖାରେ ସେ ଅଧିକ ସମୟ ବ୍ୟୟ କରିପାରିନାହାନ୍ତି ସତ ; କିନ୍ତୁ 'ଗୋବର ଗୋଟେଇ' 'ଖଞ୍ଜେଇ ନାହାକାଣୀ' ଓ 'ହସିଲା ଜହ୍ନ' ଉପନ୍ୟାସ ତାଙ୍କର ଏକ ଏକ ଉଲ୍ଲେଖନୀୟ ସୃଷ୍ଟି । ଉତ୍କଳଭାରତୀ କୁନ୍ତଳା କୁମାରୀଙ୍କ ସଂପର୍କରେ ସେ ଯେଉଁ ଜୀବନୀ ଗ୍ରନ୍ଥ ପ୍ରଣୟନ କରିଛନ୍ତି ତାହା ଏକ ଉପାଦେୟ ରଚନା । କୁନ୍ତଳାକୁମାରୀଙ୍କ ସଂପର୍କରେ ସେ ଯେଉଁ ବିସ୍ତୃତ ଆଲୋଚନା କରିଛନ୍ତି ଏବଂ ଜ୍ଞାତବ୍ୟ ତଥ୍ୟ ପ୍ରକାଶ କରିଛନ୍ତି ତାହା ଏକ ପଥପ୍ରଦର୍ଶକର କାର୍ଯ୍ୟ ବୋଲି କହିବାକୁ ହେବ । "ଓଡ଼ିଶା ଇତିହାସର ଏକ ଅଜ୍ଞାତ ଅଧ୍ୟାୟ" ତାଙ୍କର ଏକ ପ୍ରଗାଢ଼ ଗବେଷଣା ମୂଳକ ରଚନା । ଓଡ଼ିଶା ଇତିହାସର କେତେକ ଅଜ୍ଞାତ ବିଷୟ ଏବେ ମଧ୍ୟ ଲୋକଲୋଚନକୁ ଆସିନାହିଁ । ଏ ଦିଗରେ ଚକ୍ରଧରବାବୁ ଯେଉଁ ଉଦ୍ୟମ କରିଯାଇଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ । ଓଡ଼ିଶା ଇତିହାସ ସଂପର୍କରେ ବହୁ ଘଟଣା ଆମ ଦୁହିଁଙ୍କ ଭିତରେ ଆଲୋଚନା ହେବାବେଳେ ମୁଁ ତାଙ୍କର ସ୍ମରଣ ଶକ୍ତିରେ ବହୁ ସମୟରେ ବିସ୍ମିତ ହୋଇଛି । ପାଇକ ବିଦ୍ରୋହ ସମ୍ପର୍କରେ ଆମେ ଏବେ ମଧ୍ୟ ସଂପୂର୍ଣ୍ଣ ତଥ୍ୟ ପାଇ ପାରିନାହୁଁ । ଓଡ଼ିଶାର ଆରାଧ୍ୟ ଦେବ ଜଗନ୍ନାଥଙ୍କ ସଂପର୍କରେ ବହୁ ବିଷୟ ତାଙ୍କୁ ଜଣାଥିଲା । ସେ ସବୁ ବିଷୟରେ



Digitized by srujanika@gmail.com

ତାଙ୍କଠାରୁ ଲେଖା ସଂଗ୍ରହ କରାଯାଇଥିଲେ ଆମର ଜାତି ବିଶେଷ ଉପକୃତ ହୋଇ ପାରିଥାଆନ୍ତା । ଚକ୍ରଧର ବାବୁଙ୍କ ପ୍ରତିଭାକୁ ଯେପରି ଭାବରେ ଉପଯୋଗ କରାଯାଇ ପାରିଥାନ୍ତା, ତାହା ଆମେ କରି ପାରିନାହୁଁ । ଜ୍ଞାନକୋଷ ସଂକଳନରେ ଅଂଶ ଗ୍ରହଣ କରି ନାନା ବିଷୟରେ ସେ ନିଜର ଦକ୍ଷତା ପ୍ରକାଶ କରିଥିଲେ । ଓଡ଼ିଶାର ପର୍ବ-ପର୍ବାଣୀ ଜାନିଯାତ୍ରା ପ୍ରଭୃତି ସଂପର୍କରେ ତାଙ୍କର ଅଧି-ଗମ୍ୟତା ବିଶେଷ ଭାବରେ ରହିଥିଲା । ଚକ୍ରଧର ବାବୁଙ୍କର ଯେତୋଟି ବହି ପ୍ରକାଶ ପାଇଛି, ତାଠାରୁ ଅଧିକ ପାଣ୍ଡୁଲିପି ଅପ୍ରକାଶିତ ରହିଛି ବୋଲି ଆଲୋଚନା ବେଳେ ସେ ନିଜେ ପ୍ରକାଶ କରିଛନ୍ତି । ଏପରି ଜଣେ ଚିନ୍ତାଶୀଳ ବ୍ୟକ୍ତିଙ୍କର ଲେଖା ଅପ୍ରକାଶିତ ରହିଗଲେ ଏ ଜାତି ପକ୍ଷରେ ବଡ଼ ଦୁଃଖଦାୟକ ଘଟଣା ହେବ । ଓଡ଼ିଶାରେ ବୁଦ୍ଧଦେବ ଜନ୍ମ ଗ୍ରହଣ କରିଥିଲେ ବୋଲି କିଛିକାଳ ହେଲା ନାନା ସୂତ୍ରରୁ ଚିନ୍ତା କରାଯାଉଥିଲା ; କିନ୍ତୁ ଚକ୍ରଧରବାବୁ ଓଡ଼ିଶା ଯେ ବୁଦ୍ଧଙ୍କ ପ୍ରକୃତ ଜନ୍ମସ୍ଥଳ ତାହା ଅଭ୍ରାନ୍ତ ଭାବେ ପ୍ରମାଣିତ କରି "ଦି ରିଏଲ୍ ବାର୍ଥ ପ୍ଲେସ୍ ଅଫ୍ ବୁଦ୍ଧ " ପ୍ରକାଶ କରି ତାଙ୍କ ଜୀବନର ଅକ୍ଷୟ କୀର୍ତ୍ତି ସ୍ଥାପନ କରି-ଯାଇଛନ୍ତି । କପିଳବାସ୍ତୁ ଯେ ନେପାଳର କୌଣସି ଜାଗାରେ ନାହିଁ ତାହା ଯେ ହେମବନ୍ତର ଅପର ପାର୍ଶ୍ୱବର୍ତ୍ତୀ ଭୁବନେଶ୍ୱରର କପିଳେଶ୍ୱର ଏହା ଚକ୍ରଧରବାବୁ ବିସ୍ତାରିତ ରୂପେ ପ୍ରମାଣିତ କରିଯାଇଛନ୍ତି । ରୋହିଣୀ ନଦୀ ତୀରବର୍ତ୍ତୀ ଅଞ୍ଚଳ କଦାପି ଯେ ଧାନକ୍ଷେତ ନଥିଲା ଏବଂ ବୁଦ୍ଧଦେବଙ୍କ ପିତା ପିତୃବ୍ୟମାନେ ତଣ୍ଡୁଳଭୋଜୀ ଥିଲେ ଏହା ସେମାନଙ୍କ ନାମରୁ ଚକ୍ରଧର ବାବୁ ଦୃଢ଼ ଭାବରେ ପ୍ରମାଣ କରି ପାରିଛନ୍ତି । ଲୁମ୍ବିନୀ ଯେ ପ୍ରାଚୀନ ଲେମ୍ବାଇ ପ୍ରଗଣା ଏହା ସେ ଅଭ୍ରାନ୍ତ ଭାବରେ ପ୍ରମାଣ କରିଛନ୍ତି । ଏହି ପୁସ୍ତକଟି ଯଥାର୍ଥ ଭାବରେ ପ୍ରଚାରିତ ହେଲେ ଇତିହାସର ଏକ ଗରିମାମୟ ଅଧ୍ୟାୟ ସଂପୂର୍ଣ୍ଣ ଭାବରେ ପରିବର୍ତ୍ତିତ ହୋଇଯିବ ଏବଂ ଚକ୍ରଧରବାବୁଙ୍କ ସାଧନା ଓ ଜ୍ଞାନ ଅଧିକରୁ ଅଧିକ ମାନ୍ୟତାପ୍ରାପ୍ତ ହେବ ।

ଚକ୍ରଧର ବାବୁ ଆଜ ନାହାନ୍ତି । ସେ ଏତେ ଶୀଘ୍ର ଆମ୍ଭମାନଙ୍କୁ ଛାଡ଼ି ଚାଲିଯିବେ ବୋଲି ମୁଁ ବିଶ୍ୱାସ କରିନଥିଲି । ମୋ ଜୀବନରେ ସେ ଅନ୍ତିମ ବନ୍ଧୁ ଥିଲେ । ୧୯୭୩ ମସିହାରୁ ୧୯୮୨ ମଧ୍ୟଭାଗ ପର୍ଯ୍ୟନ୍ତ ତାଙ୍କ ସହ ମୋର ଅବିଚ୍ଛେଦ୍ୟ ବନ୍ଧୁତ୍ୱ ରହି ଆସିଥିଲା । ଆଜି ତାଙ୍କୁ ହରାଇ ମୁଁ ବିଶେଷ ଭାବରେ ମର୍ମାହତ ହୋଇ ପଡ଼ିଛି । ଚକ୍ରଧରବାବୁଙ୍କ ପରି ଜଣେ ବରେଣ୍ୟ ବନ୍ଧୁଙ୍କୁ ହରାଇବା ମୋ ପକ୍ଷରେ ଏକ ଅପୂରଣୀୟ କ୍ଷତି ।



Digitized by srujanika@gmail.com

# ମୋର ପରିଚୟ

**ଡଃ ଯଦୁନାଥ ପ୍ରସାଦ ଦାସ**

ମୋର ତାଙ୍କ ସାଙ୍ଗେ ପରିଚୟ ଥିଲା । ରୋଗୀ ତାର ବେଦନା ବ୍ୟକ୍ତ କରେ । ଡ଼ାକ୍ତର ଔଷଧ ଲେଖେ । ସେଥିରେ ପରିଚୟ ହୁଏ ନାହିଁ । ଆମର ପରିଚୟ ଥିଲା ବିଶେଷ ଧରଣର । ହୃଦୟରେ ସେ ଥିଲେ ମୋର ଜଣେ ଅତି ନିକଟ ବ୍ୟକ୍ତି । ତାଙ୍କ ଛଡ଼ା ଆଉ କେହି ଏକଥା ହୁଏତ ଜାଣିନି । ମନୁଷ୍ୟର ସ୍ନେହ-ମମତା ବାହାରକୁ ଦେଖାଗଲା ପରି ପ୍ରକାଶ ପାଏନି । ଅନେକ ଥର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ଓ ପରାମର୍ଶ ପାଇଁ ଆମର ଦେଖା ହୋଇଛି । ସ୍ୱାସ୍ଥ୍ୟ ସମସ୍ୟା ବାହାରେ ଅନେକ ଭାବର ଆଦାନ ପ୍ରଦାନ ହୋଇଛି । ତାଙ୍କ ହାତରେ ପଇସା ଓ କ୍ଷମତା କୌଣସିଟି ନଥିଲା ; ଥିଲା ଏକ ବିରାଟ ବ୍ୟକ୍ତିତ୍ୱ । ଗୋଟିଏ ଭଲ ମଣିଷର ହୃଦୟ ଓ ମଣିଷ ପ୍ରାଣର ଅସରନ୍ତି ଆବେଗ । ତାଙ୍କର ସାନ୍ନିଧ୍ୟରେ ଅନେକ ଭଲକଥା ଦେଖିଲି ଓ ଶିଖିଲି । ଗୋଟିଏ ଗୁଣ ତାଙ୍କ ପାଖରେ ପୂର୍ଣ୍ଣ ଭାବରେ ଦେଖିଲି, ତା ହେଉଚି ଜାତୀୟ ଗର୍ବ । ସେଇ ଓଡ଼ିଆର ଗର୍ବରେ ତାଙ୍କର ମୁଖମଣ୍ଡଳ ସୁଦୀପ୍ତ । ଓଡ଼ିଆ ଜାତିରେ ହୀନମନ୍ୟତାର ସ୍ଥାନ ନାହିଁ ସେ ତାହା ତାଙ୍କର ଲେଖନୀରେ ପ୍ରମାଣ କରିବାକୁ ସବୁବେଳେ ବ୍ୟଗ୍ର ଥିଲେ ।

ଜୟଦେବ ଓ ବୁଦ୍ଧଦେବଙ୍କର ଜନ୍ମସ୍ଥାନ ନିରୂପଣ ଠାରୁ ଆରମ୍ଭ କରି ଉତ୍କଳର ଅମୂଲ୍ୟ କୀର୍ତ୍ତି ଓ ଭାସ୍କର୍ଯ୍ୟର ଗରିମାମୟ ଇତିହାସର ପ୍ରତ୍ୟେକ ପୃଷ୍ଠା ଯେମିତି ତାଙ୍କର ପ୍ରାଣସ୍ପର୍ଶ କରି ଭାଷାରେ ପ୍ରକାଶ ପାଉଥିଲା । ସ୍କୁଲ କଲେଜର ଶିକ୍ଷାଗତ ଯୋଗ୍ୟତା ବାହାରେ ଯେ ଜଣେ ଏତେ ବିଦ୍ୱାନ ଓ ରୁଚିବନ୍ତ ହୋଇ ପାରନ୍ତି ତାହା ଚକ୍ରଧରବାବୁଙ୍କୁ ନ ଜାଣିଥିଲେ ବିଶ୍ୱାସ କରିହୁଏ ନାହିଁ । ଜ୍ଞାନ ଗରିମା ତାଙ୍କର ଢଙ୍କା ହୋଇଥିଲା ଅତୀବ ନମ୍ରତା ଭିତରେ । ତାଙ୍କର ଅଶେଷ ଗୁଣ ସତ୍ତ୍ୱେ ସେ ଥିଲେ ଜଣେ ଅତି ସାଧାରଣ ମଣିଷ । ଆଜିର ବସ୍ତୁବାଦୀ ସଭ୍ୟତା ଓ ଅର୍ଥର ବିପୁଳ ଶକ୍ତି ଆଗରେ ସେ ପ୍ରକୃତିସ୍ଥ ହୋଇ ସାହିତ୍ୟ-ସାଧନାରେ ଓ ଓଡ଼ିଆ ଜାତିର ମାନ ବଢ଼ାଇବା ପାଇଁ ଯେଉଁ ଉଦ୍ୟମ କରୁଥିଲେ ତାହା ଅନୁକରଣୀୟ ।

ବୁଦ୍ଧଦେବଙ୍କ ଜନ୍ମସ୍ଥାନ ଓଡ଼ିଶାରେ ବୋଲି ସେ ଯେଉଁ ଯୁକ୍ତି ଓ ପ୍ରମାଣ ବାଢ଼ିଛନ୍ତି ତାକୁ ବିଶ୍ୱ ପରିଚିତ କରିବା ପାଇଁ "ଦି ରିଏଲ୍ ବାର୍ଥ ପ୍ଲେସ୍ ଅଫ୍ ବୁଦ୍ଧ" ବହିଟିର ବହୁଳ ପ୍ରସାର ନିମନ୍ତେ ମୁଁ ତାଙ୍କୁ ଡ଼ଃ ବଂଶୀଧର ପଣ୍ଡାଙ୍କ ପାଖକୁ ନେଇ କିଛି ସାହାଯ୍ୟ କରାଇ ଦେବାର ଅନୁରୋଧ କରିବି ବୋଲି କଥା ଥିଲା । ତାହା ପୂରଣ ହୋଇ ପାରିଲା ନାହିଁ ।

ଓଡ଼ିଆ ଜାତିର ଏହି ଦୀପ୍ତିମାନ୍ ସୈନିକ ଆଜି ନାହାନ୍ତି । ତାଙ୍କର କୀର୍ତ୍ତି ଓ ଆଶୀର୍ବାଦ ନେଇ ଓଡ଼ିଆ ଜାତି ତାର ଆତ୍ମଗୌରବ ଫେରି ପାଇଲେ ଅସରନ୍ତି କାଳର ଇତିହାସରେ କୌଣସି 'ଅଜ୍ଞାତ ଅଧ୍ୟାୟ'ରେ ମଧ୍ୟ ତାଙ୍କର ଆତ୍ମା ଶାନ୍ତି ଲାଭ କରିବ ।

ମୃତ୍ୟୁପରେ ମୁଁ ତାଙ୍କର ମରଶରୀରକୁ ଦେଖିବାକୁ ଯାଇନାହିଁ । ଯିଏ ନିଜର ଗୁଣାବଳୀ ଓ ଜାତୀୟ ଗୌରବରେ ଏତେ ପ୍ରାଣବନ୍ତ ଓ ଏତେ ଦୀପ୍ତିମାନ ତାଙ୍କର ରୁଗ୍ଣ ମର ଶରୀରର ବିଗତ-ଜ୍ୟୋତି—ତାରକା କି ପରିଚୟ ଦେବ ? ଏଭଳି ମନୁଷ୍ୟର ମୃତ୍ୟୁ ହୁଏ ନାହିଁ । ଯେଉଁମାନେ ତାଙ୍କୁ ଜାଣିବାର ସୌଭାଗ୍ୟ ପାଇଚନ୍ତି ତାଙ୍କର ଜୀବନରେ ସେ ଏକ ଅଲିଭା ଓ ଜୀବନ୍ତ ପୃଷ୍ଠା । ତାଙ୍କୁ ପ୍ରଣାମ କରୁଛି ।



Digitized by srujanika@gmail.com

# ବାପାଙ୍କ ପାଇଁ

ଶ୍ରୀ ଲଲାଟେନ୍ଦୁ ସୁନ୍ଦର ମହାପାତ୍ର

ସ୍ମୃତିର ଷିରୋମଣି ହେ ଚକ୍ରଧର
ଉତ୍କଳ ସାହିତ୍ୟରେ ତୁମେ ଅମର ।

ଭାବୁକ ଭାବନାରେ ରହି ନିରତେ
କି ଯଶ ଗଲ ରଖି ବାପା ଜଗତେ ।

ସରଳ ସାବଲୀଳ ଶଇଳୀ ଦେଇ
ମାତୃଭାଷାକୁ ବାସ ଥିଲ ପିନ୍ଧେଇ ।

ରହିନି ଦୁନିଆରେ କିଏ କେଉଁଠି
ରଖୁଚି ଅବା କିଏ କା ସ୍ମୃତି ଗୁଣ୍ଠି ?

ହେ ହରିପୁରବାସୀ ମମତା କାଟି
ହରି-ପୁରକୁ ଗଲ, ଧରିବୁ ଆଣ୍ଠି ।

ସଜଳ ସ୍ମୃତି ତବ କାଳ କାଳକ
ବକ୍ଷେ ପିନ୍ଧିବୁ ସିନା ସ୍ମୃତି ଫଳକ ।

ଅମର ଆତ୍ମା ତବ ଅମରପୁରେ
ପ୍ରଶାନ୍ତି ଲଭୁ, ମମ ହୃଦୟ ନୂପୁରେ ।



Digitized by srujanika@gmail.com

# ସ୍ମରଣେ

ଶ୍ରୀ ଅକ୍ଷୟ କୁମାର ମହାପାତ୍ର

ବାଣୀସୁତ ଉତ୍କଳର ବର ଗବେଷକ
ଦେଶ ହିତକାମୀ ଆହେ ବରେଣ୍ୟ ଲେଖକ,
ସାହିତ୍ୟ ସେବକ ମହାପାତ୍ର ଚକ୍ରଧର
ନିଅ ଜାତି ନମସ୍କାର ଭକ୍ତି-ଫୁଲହାର.................... ।

ମହନୀୟ ଉପନ୍ୟାସ 'ଗୋବର ଗୋଟେଇ'
ଉତ୍କଳ ଭାରତୀଙ୍କର ଜୀବନୀ ଗୋଟେଇ
ଜୀବନ ଚରିତ ଗଢିଅଛ ସୁକୁମାର–
ସାହିତ୍ୟସାଗର ନିଅ ଭକ୍ତି-ଫୁଲହାର........................... ।

ଉପାଧି-ବ୍ୟାଧି ବିମୁକ୍ତ ନିରଳସ କର୍ମୀ
ଆଜୀବନ କଳାପ୍ରିୟ ହେ ଜୀବନଧର୍ମୀ,
ସଂଗ୍ରାହକ ଅଗ୍ରଣୀ ହେ ଲୋକ ସାହିତ୍ୟର
ନିଅ ଜାତି ନମସ୍କାର ଭକ୍ତି-ଫୁଲହାର.................. ।

ସାଧକ ହେ ସଂସ୍କାରକ ସମାଜ ପ୍ରେମିକ
ହରାଇନ ବିବେକର ସ୍ୱାଧୀନତାଟିକ–
ସଦାଗ୍ରରୀ ବହୁଭାଷାଭିଜ୍ଞ ବିଜ୍ଞବର,
ନିଅ ଜାତି ନମସ୍କାର ଭକ୍ତି-ଫୁଲହାର.............................. ।

ଜୀବନରେ ଯଥୋଚିତ ଦେଇନୁ ସମ୍ମାନ
ମୃତ୍ୟୁପରେ ଜଣାଉଛୁ ଶ୍ରଦ୍ଧା ନିବେଦନ
ଆଶାକରୁ କ୍ଷମାଦେବ ଆଶିଷ ନିକର,
ଜ୍ଞାନାରୁଣ ନିଅ ଜାତି ଭକ୍ତି-ଫୁଲହାର.................. ।



Digitized by srujanika@gmail.com

# ଚକ୍ରଧର ସ୍ମୃତି-ଚାରଣ

ଶ୍ରୀ ମୁରାରି ମୋହନ ଜେନା

ଓଡ଼ିଶାର ଜଣେ ସ୍ୱାଭିମାନୀ ଓ ସ୍ୱାଧୀନଚେତା ବିଶିଷ୍ଟ ଲେଖକ ଓ ଗବେଷକ ଚକ୍ରଧର ମହାପାତ୍ରଙ୍କ ଦେହାନ୍ତ ନିଷ୍ଚିତଭବେ ଆମ ସାହିତ୍ୟସେବୀ ଉତ୍ତରପୁରୁଷଙ୍କ ପକ୍ଷରେ ଏକ ଦୁର୍ଗତି ଓ ଦୁର୍ଭାଗ୍ୟଜନକ ବୋଲିବାକୁ ହେବ। ଜନ୍ମହେଲେ ଯେ ମରଣ ନିଶ୍ଚିତ ଏହାହିଁ ତ ବିଧିର ବିଧାନ,ଏହାକୁ ଆନ କରିବା ଶକ୍ତିର ବାହାରେ । ସେଇ ବିଧାନର ବିଗ୍ଭର ବିବେଚନାରେ ଚକ୍ରଧରଙ୍କ ପାଳି ପଡ଼ିଲା, ସେ ଗଲେ । କିଂତୁ ଦୁଃଖ ହେଉଛି ଏତିକି, ସେ ଆମ ଗହଣରେ ଆଉ କିଛିଦିନ ରହିଥିଲେ ତାଙ୍କ ଗବେଷଣା ପ୍ରସୂତ ବହୁଲେଖା ଆମ ସାହିତ୍ୟକୁ ଆହୁରି ଗରୀୟାନ ଓ ମହୀୟାନ କରି ପାରିଥାନ୍ତା । ଉତ୍କଳ ଭାରତୀ, ଉତ୍କଳର ସାରସ୍ୱତ ପୀଠ ଚିରକାଳ ପାଇଁ ତାଙ୍କର ଗରିମାମୟ ଗବେଷଣାତ୍ମକ ଲେଖାରୁ ବଂଚିତ ହେଲା ।

ସ୍ୱର୍ଗତ ଚକ୍ରଧର ଥିଲେ ଜଣେ ରୋକ୍‌ଠୋକ୍ ମଣିଷ । କଥାରେ ଯେପରି ଟାଣୁଆ, ଲେଖାରେ ସେଇପରି । ମୁଣ୍ଡ ନଇଁବା ତାଙ୍କ ଜାତକରେ ନଥିଲା । ନିର୍ଭୀକତାର ବଜ୍ରନାଦ ତାଙ୍କ ସାହିତ୍ୟପ୍ରାଣତା ଓ ସାହିତ୍ୟକ ଆତ୍ମାର ନିଛକ ପରିପ୍ରକାଶ କହିଲେ ଚଳେ । ସାହିତ୍ୟ ରାଜ୍ୟରେ ସେ କାହାପଛରେ ଗୋଡ଼ାଣିଆ ହୋଇ ବା ଖୋସାମତ କରି ନିଜକୁ ବଡ଼ହେବାର ଗୌରବ ଅର୍ଜନକରି ନାହାନ୍ତି । ସେ ଆମପାଖରେ ବଡ଼ ହୋଇଛନ୍ତି ନିଜର ସୃଷ୍ଟି ସର୍ଜନାରେ, କୃତିକ-ରଣୀରେ, ଜ୍ଞାନଗାରିମାରେ ।

ସାହିତ୍ୟସାଧନା ପାଇଁ ବିଶେଷ କରି ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ମର୍ଯ୍ୟାଦାବନ୍ତ ପ୍ରାଣ ପ୍ରତିଷ୍ଠାରେ ତାଙ୍କର ଅଦମ୍ୟ ଅଧ୍ୟବସାୟ ଆମର ଉତ୍ତର ପୁରୁଷ, ଉତ୍ତର ସାଧକମାନଙ୍କୁ ପଦେ ପଦେ ଯେ ପ୍ରେରଣାପୁଷ୍ଟ କରିବ, ଏହା ନିଃସନ୍ଦେହ । ଗୋଟିଏ କଥାରେ କହିଲେ ଚୁହାଯିବ, ସେ ସାହିତ୍ୟ ସାଗରରେ ସାଧାରଣ ପହଁରାଳି ନୁହନ୍ତି, ସେ ଏକ ପୋଖତ ବୁଡ଼ାଳି ।

ଗବେଷକ ଚକ୍ରଧରଙ୍କ ଜନ୍ମ ୧୯୦୮ ମସିହା ଫାଲ୍‌ଗୁନ ଶୁକ୍ଳ ତ୍ରୟୋଦଶୀ ତିଥିରେ, ଉତ୍କଳର ଗଜପତିଙ୍କ ପ୍ରଧାନମନ୍ତ୍ରୀ ରାଜଗୁରୁ ବଂଶରେ । ଏକ ଅଭିଜାତ ଓ କୁଳୀନ ପରିବାରରେ ଜନ୍ମହୋଇ ମଧ୍ୟ, ସେ ଏଥିପାଇଁ କୌଣସି କାଳେ ଜାତ୍ୟାଭିମାନର ଅହଂକାର ପ୍ରକାଶ କରିନାହାନ୍ତି ।

ନରସିଂହପୁର ରାଜ୍ୟର ବ୍ରାହ୍ମଣ ସମାଜର କୁଳୀନ ହିସାବରେ ଏବଂ ପ୍ରଜାମାନଙ୍କର ମୁଖ୍ୟ ନେତା ଭାବରେ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ ଓ ଓଡ଼ିଶାର ପ୍ରତିନିଧି ଭାବେ, ସେ ଏଇ ଅବସରରେ କରାଚୀ ଓ ଲାହୋର କଂଗ୍ରେସକୁ ଯାଇଥିଲେ । ଘଟଣାଚକ୍ରରେ ମଧ୍ୟ ସେ ଶହୀଦ ଭଗତସିଂହଙ୍କର ଅନୁଗାମୀ ଥିଲେ ଓ ତାଙ୍କ ଆଦର୍ଶରେ ବିଶେଷଭାବେ ଅନୁପ୍ରାଣିତ ହୋଇଥିଲେ । ସ୍ୱର୍ଗତଃ ଲେଫ୍‌ଟନ୍ୟାଣ୍ଟ ଡ଼ାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ସହିତ ନିଗୂଢ଼ ସଂପର୍କ ହେତୁ ସେ ବ୍ରିଟିଶ ପୋଲିସ କବଳରୁ ମୁକ୍ତ ହୋଇ ପାରିଥିଲେ ।

ଲେଖିକା ଶ୍ରୀମତୀ କନକ ମଂଜରୀଙ୍କୁ ବିବାହ ପରେ ଉତ୍କଳ ଭାରତୀ କୁନ୍ତଳା କୁମାରୀଙ୍କ ସହ ଦିଲ୍ଲୀରେ କିଛିଦିନ ରହିବାପରେ ସେ ନିଜ ଜନ୍ମପୀଠ ନରସିଂହପୁରକୁ ଫେରିଆସି ଷ୍ଟେଟ ଚାକିରୀରେ ଯୋଗ ଦେଇଥିଲେ ।

ଆଜକୁ ୫୪ବର୍ଷ ତଳେ ୧୯୨୮ ମସିହାରେ ତାଙ୍କର ପ୍ରକାଶ ପାଏ, ଅସବର୍ଣ୍ଣ ବିବାହ ଆଧାରିତ ଉପନ୍ୟାସ 'ଗୋବର ଗୋଟେଇ' । ଏଇ ଉପନ୍ୟାସଟି ତତ୍‌କାଳୀନ ଓଡ଼ିଶାରେ ଯେଉଁ ଚହଳ ଓ ଚମକ ଆଣିଥିଲା ତାହା ବର୍ଣ୍ଣନାତୀତ । ତାପରେ ତାଙ୍କ ସାହିତ୍ୟ ସାଧନାର ସେତୁ, ଗୋଟିକପରେ ଗୋଟିଏ ଗଢି ଚାଲିଲେ । ପ୍ରଫେସର ଦେବେନ୍ଦ୍ର ସତ୍ୟାର୍ଥୀଙ୍କ ଦ୍ୱାରା ପ୍ରେରଣାପୁଷ୍ଟ ହୋଇ ଓଡ଼ିଶାର ଗାଉଁଲି ଗୀତମାନ ସଂଗ୍ରହକରି ଲାଗିଲେ । ଏଇ ଗାଉଁଲି ଗୀତର ସଂଗ୍ରାହକ ଓ ସଂକଳନରେ ସେ ହେଉଛନ୍ତି ଅଗ୍ରଣୀ । ତାଙ୍କର ରଚନାବଳୀ ମଧ୍ୟରେ 'ଉତ୍କଳ ଗାଉଁଲି ଗୀତ' ଉତ୍କଳ ଭାରତୀ



Digitized by srujanika@gmail.com

କୁନ୍ତଳା କୁମାରୀଙ୍କ ଜୀବନ ଚରିତ, ଅପୂର୍ଣ୍ଣପ୍ରେମ, ସାନଙ୍କ ରାମାୟଣ, ବୋହୂଙ୍କ ସୁଖ ଦୁଃଖ ଗୀତିକା, ଏକ୍‌ସଟ୍ରାକ୍ଟ ଅଫ୍ ଓଡ଼ିଆ ଫୋକ ଲୋର, ବଳାଙ୍ଗୀ, ରଣମାଧୁରୀ, ଖଞ୍ଜେଇନାହାକାଣୀ, ହସିଲ କନ୍ଧ, ଗବେଷଣାତ୍ମକ ପୁସ୍ତକ ଜୟଦେବ, ରୋଡ଼ଙ୍ଗ ବକ୍‌ସି, ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ, ଦି ରିଅଲ ବାର୍ଥ ପ୍ଲେସ ଅଫ୍ ବୁଦ୍ଧ ପ୍ରଭୃତି ପ୍ରଧାନ । ତାଙ୍କ ରଚିତ ବହୁ ଗବେଷଣାତ୍ମକ ପ୍ରବନ୍ଧ ଏବେ ବି ଅପ୍ରକାଶିତ ଅବସ୍ଥାରେ ପଡ଼ିରହିଛି । ସେଗୁଡ଼ିକ ପ୍ରକାଶିତ ହୋଇ ଲୋକ ଲୋଚନକୁ ଆସିପାରିଲେ ଚକ୍ରଧରଙ୍କ ସୁଦୂର ପ୍ରସାରୀ ଗବେଷଣା ଓ ଜ୍ଞାନର ଗଭୀରତା ଆମ ପାଖରେ ଆହୁରି ଫୁଟି ଉଠନ୍ତା । ବୁଦ୍ଧଙ୍କ ଜନ୍ମସ୍ଥାନ ଭୁବନେଶ୍ୱରର କପିଳେଶ୍ୱର ଓ ଜୟଦେବଙ୍କ ଜନ୍ମସ୍ଥାନ ଏଇ ଓଡ଼ିଶାର କେନ୍ଦୁବିଲ୍ୱ ବୋଲି ଯେପରି ଯୁକ୍ତିର ଭିତ୍ତିରେ ସେମାନଙ୍କୁ ଓଡ଼ିଆ ବୋଲି ପ୍ରମାଣିତ କରି ଯାଇଛନ୍ତି ତାହାହିଁ ତାଙ୍କ ଗବେଷଣାର ଚରମ ସାର୍ଥକତା ।

ତାଙ୍କର ଏଇ ଗବେଷଣା ଜ୍ଞାନଯୋଗୁଁ ୧୯୬୦ରୁ ୧୯୭୨ ପର୍ଯ୍ୟନ୍ତ ଦୀର୍ଘ ବାରବର୍ଷ ଧରି ଉତ୍କଳ ବିଶ୍ୱବିଦ୍ୟାଳୟ ପରିଚାଳିତ ଜ୍ଞାନକୋଷ ସଙ୍କଳନ ବିଭାଗରେ ସେ ସହସଂପାଦକ ରୂପେ କାର୍ଯ୍ୟ କରିଥିଲେ ।

ସେ ତାଙ୍କ ଲେଖାର ଯେଉଁ କୀର୍ତ୍ତିକୋଣାର୍କ ଗଢିଛନ୍ତି, ସେଇଥିପାଇଁ ଏ ସାହିତ୍ୟ ଓ ସଂସ୍କୃତି ଥିବା ଯାଏଁ ଆମପାଖରେ ସେ ଅମଳିନ ଓ ଆପାଶୋର ରହିବେ ।

ବିଶାଳ କଳିଙ୍ଗ ଓ ଉତ୍କଳର ସଭ୍ୟତା ଏବଂ ଇତିହାସ ଯେତେବେଳେ ଧରଣୀରେ ବହୁଭାବରେ ପ୍ରଚାରିତ ହେବ, ସେତେବେଳେ ଆଜିର ମାନବ ଦେଖିବ ତାର ରାଶି ରାଶି ଉନ୍ନତଗ୍ରନ୍ଥ ଅଳିଆ ଗଦାକୁ ଚାଲିଯାଇଛି । ସେମାନେ ଗୋଟାଏ ଉନ୍ନତ ଶିଖରକୁ ଭୂଇଁରେ ଛାଡ଼ିଦେଇ କିପରି ଗୋଟାଏ ମରୁଭୂମିକୁ ଟେକି ଚାଲିଛନ୍ତି, ସେତେବେଳେ ବୁଝିପାରି ଭୁଲ ସ୍ୱୀକାର କରିବେ ।

(ଚକ୍ରଧର ମହାପାତ୍ର, ରୋଡ଼ଙ୍ଗବକ୍‌ସି ଭୂମିକା)



Digitized by srujanika@gmail.com

# ଜଣେ ସାଧୁ ସାଧକ

**ଶ୍ରୀଧର ମହାପାତ୍ର**

×××××××××××××××××××××××××××××

ସ୍ୱର୍ଗତଃ ଚକ୍ରଧର ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ଜଣେ ଶ୍ରେଷ୍ଠ ସାଧକ ଓ ଗବେଷକଙ୍କୁ ହରାଇଲା । ସେ ଜଣେ ସରଳ-ନୀରବ ସ୍ୱଦେଶ ଓ ସ୍ୱଜାତ୍ୟାଭିମାନୀ ବ୍ୟକ୍ତି ଥିଲେ । ସେ ଉଚ୍ଚକୁଳ ସମ୍ଭୂତ ଏବଂ ଐତିହାସିକ ପୁରୁଷମାନଙ୍କର ଉତ୍ତରାଧିକାରୀ ଥିଲେ । ଏହି ଅଭିମାନ ତାଙ୍କଠାରେ ପୂରାମାତ୍ରାରେ ଥିଲା ଏବଂ ସେହି ଦୃଷ୍ଟିରୁ ସେ ଆଭିଜାତ୍ୟ ତଥା ବଂଶ ପରଂପରାର ସୁରକ୍ଷା କରି ଜୀବନ ନିର୍ବାହ କରୁଥିଲେ । "ହାଁ ଜୀ, ହାଁ ଜୀ" ଯୋଗ୍ୟତା ତାଙ୍କର ନଥିଲା ।

ସେ ଇତିହାସ ପ୍ରସିଦ୍ଧ କବି-ଡିଣ୍ଡିମ ଜୀବଦେବ ରାଜଗୁରୁ ମହାପାତ୍ରଙ୍କ ବଂଶରେ ୧୯୦୮ ମାର୍ଚ୍ଚ ୧୮ ତାରିଖ ଦିନ ନରସିଂହପୁର ରାଜ୍ୟରେ ଜନ୍ମ ଗ୍ରହଣ କରିଥିଲେ । ଜୀବଦେବ ଥିଲେ ଓଡ଼ିଶାର ଗଜପତି ପ୍ରତାପରୁଦ୍ର ଦେବଙ୍କ ପ୍ରଧାନମନ୍ତ୍ରୀ । ଆବାଲ୍ୟରୁ ପିତୃହୀନ ହୋଇ ମଧ୍ୟ ସ୍ୱର୍ଗତଃ ମହାପାତ୍ର ମାତା ସୌରୀ ଦେବୀଙ୍କ ଲାଳନ ପାଳନାରେ ବର୍ଦ୍ଧିତ ହୋଇଥଲେ ଏବଂ ପରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ଯତ୍ନରେ ସୁଶିକ୍ଷିତ ହୋଇ ସାହିତ୍ୟ କ୍ଷେତ୍ରରେ ପ୍ରବେଶ ଲାଭ କରିଥିଲେ । ସ୍ୱାଧୀନତା ଆନ୍ଦୋଳନରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥଲେ । ଫଳରେ ବିଶ୍ୱବିଦ୍ୟାଳୟ ଡ଼ିଗ୍ରୀ ପ୍ରାପ୍ତିରୁ ବଞ୍ଚିତ ହେଲେ । କିନ୍ତୁ ସେ ନିଜ ସାଧନା ବଳରେ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ବଙ୍ଗଳା ଓ ଇଂରାଜୀ ସାହିତ୍ୟରେ ପ୍ରବୀଣତା ଲାଭ କରି ପାରିଥଲେ ।

୧୯୩୭ ରୁ ୧୯୬୦ ପର୍ଯ୍ୟନ୍ତ ସେ ନରସିଂହପୁର ଷ୍ଟେଟର ଦେବୋତ୍ତର ବିଭାଗର ପରିଚାଳକ ଥିବାବେଳେ ବହୁ ମନ୍ଦିର ଓ ଐତିହାସିକ ପ୍ରତ୍ନତତ୍ତ୍ୱର ପୁନରୁଦ୍ଧାର କରିଥିଲେ ଏବଂ ଏହି ସମୟରେ ସହଧର୍ମିଣୀ ସୁଲେଖିକା କନକ ମଞ୍ଜରୀଙ୍କ ସହାୟତାରେ ଅତି ମୂଲ୍ୟବାନ୍ ଗ୍ରାମ୍ୟଗୀତ, ପ୍ରବାଦ ଓ ପ୍ରବଚନମାନ ସଂଗ୍ରହ କରି କେତେକ ପ୍ରକାଶ କରିଥିଲେ । ଅନ୍ୟ କେତେକ ଅପହୃତ ହୋଇଗଲା ବୋଲି ଶୁଣାଯାଏ ।

୧୯୬୦ ରୁ ୧୯୭୨ ପର୍ଯ୍ୟନ୍ତ ସେ ଉତ୍କଳ ବିଶ୍ୱବିଦ୍ୟାଳୟର ସଂକ୍ଷିପ୍ତ ବିଶ୍ୱକୋଷ ପ୍ରଣୟନ କାର୍ଯ୍ୟରେ ନିଯୁକ୍ତ ହୋଇ ଡକ୍ଟର ମାନସିଂହଙ୍କ ପ୍ରଧାନ ସହକାରୀ ହୋଇଥିଲେ । ସମସ୍ତ ଜଟିଳ ବିଷୟର ଆଲୋଚନାରେ ଡ଼କ୍ଟର ମାନସିଂହ ସ୍ୱର୍ଗତଃ ଚକ୍ରଧର ମହାପାତ୍ର ଓ ସ୍ୱର୍ଗତଃ ବାନାମ୍ବର ଆଚାର୍ଯ୍ୟଙ୍କ ପରାମର୍ଶ ଗ୍ରହଣ କରନ୍ତି । ସଂକ୍ଷିପ୍ତ ବିଶ୍ୱକୋଷର ପ୍ରଣୟନ ଓ ପ୍ରକାଶନ ପରେ ଏକ ବୃହତ୍ତର ବିଶ୍ୱକୋଷର କେତେକ ପାଣ୍ଡୁଲିପି ମଧ୍ୟ ପ୍ରଣୀତ ହୋଇଥିଲା । ଏହି କାର୍ଯ୍ୟ କେନ୍ଦ୍ର ସରକାରଙ୍କ ଆର୍ଥିକ ସାହାଯ୍ୟରେ ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତାମାନଙ୍କ ଅବୁଝାମଣା ଯୋଗେ ବୃହତ୍ତର ବିଶ୍ୱକୋଷ ପ୍ରଣୟନ କାର୍ଯ୍ୟ ବନ୍ଦ କରି ଦିଆଯାଇଥିଲା ଏବଂ ଡ଼ଃ. ମାନସିଂହ ଓ ଚକ୍ରଧର ବାବୁ ଅତି ମନକଷ୍ଟରେ ଅବସର ଗ୍ରହଣ କରିଥିଲେ । ଫଳରେ ଆମ ସାହିତ୍ୟର ଏକ ଅପୂରଣୀୟ କ୍ଷତି ସାଧିତ ହୋଇ ରହିଲା । ଆମ ଦେଶର କେତେକ ପଦସ୍ଥ ବ୍ୟକ୍ତିଙ୍କର ଏହିଭଳି ଅସହଣୀୟ ମତ୍ସରୀଭାବ ଆମ ଜାତିକୁ କାଳେ କାଳେ ଅଧଃପତିତ କରି ରଖିଛି ।

ଚକ୍ରଧର ବାବୁ ବହୁ ଉପାଦେୟ ଗ୍ରନ୍ଥର ପ୍ରଣେତା ହେଲେ ମଧ୍ୟ ସ୍ୱାଭିମାନ ଯୋଗୁଁ ସେ ସାହିତ୍ୟ କ୍ଷେତ୍ରରେ ପ୍ରାୟ ଅପାଂକ୍ତେୟ ହୋଇ ରହିଗଲେ ଏବଂ ଏହି ମନୋବ୍ୟଥାହିଁ ତାଙ୍କର ମୃତ୍ୟୁକୁ ନିକଟତର କରିଦେଲା । "କୁନ୍ତଳା କୁମାରୀ ଜୀବନ ଚରିତ", "ଯଦୁମଣି ଗ୍ରନ୍ଥାବଳୀ" ସଂକଳନ, "ଉତ୍କଳ ଇତିହାସରେ ଏକ ଅଜ୍ଞାତ ଅଧ୍ୟାୟ" ପ୍ରଣୟନ "Real birth place of Buddha" ଇତ୍ୟାଦି ସାହିତ୍ୟ ଓ ଗବେଷଣା କ୍ଷେତ୍ରରେ ତାଙ୍କର ପ୍ରକୃଷ୍ଟ ଅବଦାନ ଏବଂ ପ୍ରତ୍ୟେକଟି ଆମ ସାହିତ୍ୟ ଭଣ୍ଡାରରେ ଅମୂଲ୍ୟ ରତ୍ନ ସ୍ୱରୂପ । ଶେଷୋକ୍ତ ଗ୍ରନ୍ଥ ଦୁଇଟି ବହୁ ଗବେଷଣା ଲବ୍ଧ ସପ୍ରମାଣ ବିବରଣୀରେ ସମୃଦ୍ଧ । କିନ୍ତୁ କ୍ଷୋଭ ଓ ପରିତାପର କଥା, ଆମର କେତେକ ଐତିହାସିକ ଓ ଗବେଷକଙ୍କ ଦ୍ୱାରସ୍ଥ ହୋଇ ସେମାନଙ୍କର ସୁଦୃଷ୍ଟି ଆକର୍ଷଣ କରାଯାଇ ନ ପାରିବାରୁ କୌଣସି କୌଣସି କେନ୍ଦ୍ରରୁ ପ୍ରତିକୂଳ ମତ ପ୍ରକାଶ ପାଇଛି । ଅଥଚ ଶେଷୋକ୍ତ ଗବେଷଣା ଗ୍ରନ୍ଥ ସଂପର୍କରେ Australian National university Professor Dr. A. L. Basham, ପୁନା ଡେକାନ କଲେଜର ଡ଼ାଇରେକ୍ଟର H. D. Sankalia. National Professor of India Dr. S. K. Chattarji Dr. N. K. Sahu, Dr. M. N. Das (Utkal University) ଏବଂ ଦେଶ ବିଦେଶର ବହୁ ପତ୍ରପତ୍ରିକା ଏ ଗବେଷଣା ସଂପର୍କରେ ଉଚ୍ଚ ଅଭିମତ ଦେଇ ଏହା ଏକ ବିଚାରଯୋଗ୍ୟ ବିଷୟ ବୋଲି ଅଭିମତ ପ୍ରଦାନ କରିଛନ୍ତି । ତେଣୁ ବିଶ୍ୱାସ କରାଯାଏ ଏହି ଗୁରୁତର ବିଷୟଟି ଭାରତର ପ୍ରତିଷ୍ଠିତ ଇତହାସର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ ଦିନ ଆସିବ ଚକ୍ରଧର ବାବୁଙ୍କ ଆବିଷ୍କୃତ ଏହି ସତ୍ୟ ଐତିହାସିକ ଜଗତ ସମକ୍ଷରେ ଉଦ୍‌ଭାସିତ ଓ ପ୍ରମାଣିତ ହେବ ।

ଚକ୍ରଧର ବାବୁଙ୍କ ବିୟୋଗରେ ଆମ ଦେଶର ଯେ ସାମୂହିକ କ୍ଷତି ହେଲା ତା ଛଡ଼ା ଶୋକାପ୍ଲୁତ ଅନ୍ତରରେ ମୋତେ କହିବାକୁ ପଡୁଛି ଯେ ଡ଼ଃ ମାନସିଂହ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କ ପରେ ଚକ୍ରଧର ବାବୁଙ୍କୁ ହରାଇ ମୁଁ ପ୍ରାୟ



Digitized by srujanika@gmail.com

ଘନିଷ୍ଠ-ବନ୍ଧୁ ଶୂନ୍ୟ ହୋଇ ପଡ଼ିଲି । ବିଷୟ ଆଲୋଚନା ବେଳେ ତାଙ୍କ ମୁଖରୁ ଭର୍ତ୍ତୃହରି, ରଘୁବଂଶ, କୁମାରସମ୍ଭବ, ମୃଚ୍ଛକଟି-କର ଗୁରୁଗମ୍ଭୀର ଶ୍ଳୋକମାନ ଆଉ ଶୁଣିବାକୁ ପାଇବି ନାହିଁ । ହାୟ ! ସ୍ମରଣ କରୁଛି—

"କେହି ରହିନାହିଁ—ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ"

× × × ×

ମୋର ଏକ ସନ୍ଦର୍ଭ ସଂପର୍କରେ ଚକ୍ରଧର ବାବୁଙ୍କର ଗୋଟିଏ ଚିଠି । (ପତ୍ରହିଁ ପ୍ରାଣର ପ୍ରକୃତ ପରିପ୍ରକାଶ)

୬-୧୨-୧୯୭୮ ହରିପୁର ରୋଡ଼
କଟକ

ଶ୍ରଦ୍ଧେୟ ଶ୍ରୀଧର ବାବୁ,

ନମସ୍କାର ।

"ଓଡ଼ିଆ ପୁସ୍ତକର ବିକ୍ରି ଓ ସଂପ୍ରସାରଣ" ମୁଁ ଏକା ନିଃଶ୍ୱାସକେ ଆଜି ସକାଳେ ପଢିଗଲି । ଆପଣ ଏଥରେ କିଛି ଅଧିକ ଆଲୋଚନା ଯୋଗ କରିବାର ଥିଲା । ଲେଖିବାକୁ ମତେ କହିଥିଲେ । ପଢିସାରି ଜାଣିଲି ରଚନା ସ୍ୱୟଂ ସଂପୂର୍ଣ୍ଣ । ଏହା ସମ୍ଭବତଃ ସର୍ବଦା ରଚନା ପୁସ୍ତକର ବିକ୍ରି ଓ ସଂପ୍ରସାରଣ କ୍ଷେତ୍ରରେ ନୁହେଁ, ପୁସ୍ତକ ପ୍ରକାଶନ ଘେନି ଏକ ସଂପୂର୍ଣ୍ଣ ଗବେଷିତ ସମସ୍ୟାର ସଂଶୟ—ନିବାରକ ବସ୍ତୁ । ଆପଣ ସବୁକିଛି ଏଥିରେ ଭରି ରଖିଛନ୍ତି । ପୋଥିଠୁ ଆରମ୍ଭ କରି ପୁରାଣ, କଣାଣ, ଚଉତିଶା ପର୍ଯ୍ୟନ୍ତ କିଛି ଟୋପେ ଛାଡ଼ି ନାହାନ୍ତି । ପଢିବା ପୂର୍ବରୁ ଯାହା ନଥିବ ବୋଲି ଭାବୁଥିଲି—ସବୁ କିଛୁ ଥୋଇଛନ୍ତି । ପୃଥିବୀ ବିଖ୍ୟାତ ବ୍ୟବସାୟୀ ଭାବେ ଭାରତରେ ଘନଶ୍ୟାମ ଦାସ ବିରଲା ବହି ମଧ୍ୟ ଲେଖନ୍ତି । ପୁଣି ତାହା ଅତି ସୁଖପାଠ୍ୟ ଏବଂ ବିପୁଳ ପ୍ରଚାରିତ । ତାଙ୍କ ଲିଖିତ ମହାତ୍ମା ଗାନ୍ଧୀଙ୍କ ଜୀବନ କଥା 'ବାପୁ' ମୁଁ ବହୁବାର ପଢଛି । ମୋର ବିଶ୍ୱାସ ଆପଣ ବହି ଲେଖୁଥିଲେ ବର୍ତ୍ତମାନର ବହୁ ବିଜ୍ଞ ଲେଖକଙ୍କ ଚିନ୍ତାଧାରାକୁ ଟପିଯାଇ ଥାଆନ୍ତେ । କାରଣ ରଚନାରେ ଚିନ୍ତାଧାରାର ପୂର୍ବାପର ସମ୍ବନ୍ଧ ସୃଷ୍ଟି କରଣ ସହିତ ପରିସଂଖ୍ୟାନ ଏବଂ ଶିକ୍ଷାଗୁରୁ ମନ୍ତବ୍ୟ ଦେବା ବହୁ ରଚନାରେ ଦୁଷ୍ପ୍ରାପ୍ୟ ହୁଏ ।

ଲେଖକ ଯେ ତାର ପ୍ରାପ୍ୟ ଘେନି ଅସନ୍ତୁଷ୍ଟ ହୁଏ, ଆପଣଙ୍କ ସଠିକ ହିସାବ ଦ୍ୱାରା ତାର ଯଥାର୍ଥତା ସେ ଜାଣିପାରିବ । ନିଆଁ ପାଣି ଅଗ୍ନି ଭୟ ଭିତରେ ପ୍ରକାଶିତ ପୁସ୍ତକର ସଂରକ୍ଷଣ ପ୍ରକାଶକର ଏକ କଠୋର ଦାୟିତ୍ୱ । ଏ ସଂଶୟ ମୋଚନ ପ୍ରୟୋଜନ ଥିଲା ।

"ପଠତୋ ନାସ୍ତି ମୂର୍ଖତା" ସତରେ ଅକ୍ଷର ଚିହ୍ନି ଭାଗବତ ପଢ କୃଷକ ଦର୍ଶନର କଠିନ ସମସ୍ୟା ନିଷ୍ପତ୍ତି କରୁଥିଲା । ଆପଣଙ୍କ ଲେଖାଟି ପ୍ରକାଶକ, ଲେଖକ, ପାଠକ ଆଦିଙ୍କ ପାଇଁ ଏକ ଦଲିଲ ସ୍ୱରୂପ ହୋଇଛି । ଏହାର ଅଂଶ ଜ୍ଞାନ କୋଷରେ ରହିବା ସମୀଚୀନ ।

ପ୍ରଶଂସା ନୁହେଁ, ଏହାହିଁ ରଚନାର ନିର୍ଯ୍ୟାସ ।

ମୋ ପ୍ରତି ଆପଣଙ୍କ ସହୃଦୟ ଶୁଭାଶିଷ ଏକାନ୍ତ ପ୍ରଲୋଭ-ନୀୟ । କଥାଭାଷା ତ ହେଲେ । ଅସରନ୍ତି ଦିନ ଘେନି ନାନା ରୁଗ୍ଣତା, ଆର୍ଥିକ ସମସ୍ୟାର ଅନିଷ୍ପତ୍ତି ସହିତ ମାନସିକ ଗ୍ଳାନି ମଧ୍ୟରେ ପଡ଼ି ରହିଛି ।

ଯାହା କହିଗଲେ ମନରେ ଥିବ । ଅଭିରାମ ବାବୁଙ୍କୁ ମୋର ଶ୍ରଦ୍ଧା ଓ ଆଶୀର୍ବାଦ ଜଣାଇବେ ।

ସ୍ନେହ-ଭାଜନ ।

ଚକ୍ରଧର ମହାପାତ୍ର



Digitized by srujanika@gmail.com

# ନିର୍ଲିପ୍ତ ଏକ ବନ୍ଧୁ

## ଆଚାର୍ଯ୍ୟ ଶାନ୍ତଭଦ୍ର

xxxxxxxxxxxxxxxxxxxxxxxxxxxxx

ଚକ୍ରଧର ମହାପାତ୍ରେ ଏ ଜଗତର ମାୟା ତୁଟାଇ, ସକଳ କୂଟ କପଟ ପ୍ରବଞ୍ଚନାମୟ ପରିବେଶରୁ ଖସିଗଲେ । ଖବର କାଗଜରେ କିଛି କୃପଣ ପ୍ରଶସ୍ତି ଓ ଶୋକ ସନ୍ଦେଶ ବାହାରିଲା ! ବାସ୍ ସେତିକି । ଓଡ଼ିଶାର ବିଜ୍ଞଜନେ ସ୍ୱସ୍ତିର ନିଶ୍ୱାସ ମାରିଲେ ।

କଥାରେ, ଅଛି—"ବଇଦ ବ୍ରାହ୍ମଣ ବରଷା ବଢ଼,
ଦକ୍ଷଣା ପାଇଲେ ଯାଆନ୍ତି ଛାଡ଼ି" ।

ଚକ୍ରଧର ବାବୁ ଥିଲେ ମୋ ଭଳ ଏକ ଗଡଜାତିଆ ବ୍ରାହ୍ମଣ । ସେ ସ୍ଥୂଳଦେହ ଛାଡ଼ିଲା ପରେ ତ ସୂକ୍ଷ୍ମଦେହୀ ହେଲେ । ତେଣୁ ଅଳ୍ପ ବିସ୍ତର ଯାହା ଦକ୍ଷଣା ପାଇଲେ, ସେଥିରେ ସନ୍ତୁଷ୍ଟ ହୋଇ ସେ ବାଟ କାଟିଲେ । ସୂକ୍ଷ୍ମଦେହୀ ଚକ୍ରଧର ଓଡ଼ିଶାର ବଡ଼ ନଗର ଓ ଜନପଦବାସୀଙ୍କ କାନ୍ଧରେ ଆଉ ସବାର ହେବାର ଭୟ ରହିଲା ନାହିଁ । 'ବସ୍ତାଭାବେ ସୂତ୍ରଂ ଦଦ୍ୟାତ୍' । ଆମେ ତ ଅମୂଲ୍ୟଧନ 'ସୂତ୍ର' ଦେଇଦେଲୁ । ଆଉ ଚିନ୍ତା କ'ଣ ?

କିନ୍ତୁ ମୋର ସୌଭାଗ୍ୟ ଯେ ମୋର ଅଗ୍ରଜ ପ୍ରତିମ (ଯେହେତୁ ମୋଠାରୁ ବଡ) ବନ୍ଧୁ ସୂକ୍ଷ୍ମଦେହୀ ଚକ୍ରଧର ମୋ ପାଖକୁ ଆସି 'ଆଡ୍ଡା' ମାରୁଛନ୍ତି ଆଉ ସ୍ଥୂଳଦେହରେ ଯେତେ ସୁଖଦୁଃଖ, ଆନନ୍ଦ ବେଦନା, ଜୀବନ ଯନ୍ତ୍ରଣା, ଶଠତା, ନୀଚତା, ପ୍ରବଞ୍ଚନା ପ୍ରଭୃତି ଅର୍ଜନ କରିଥିଲେ ଏବଂ ଯା' ଅବ୍ୟକ୍ତ ରଖିଥିଲେ, ସେ ସବୁ ଗୋଟି ଗୋଟି କରି ବଖାଣୁଛନ୍ତି । କିନ୍ତୁ ତାଙ୍କ ଜୀବନ କାଳରେ ତାଙ୍କ ସହ ଏ ସଂପର୍କରେ ମୁଁ ଆଲୋଚନା କଲା ମାତ୍ରକେ ସେ ନିର୍ବାକ ରହୁଥିଲେ । ଆଜି ସୂକ୍ଷ୍ମଦେହୀ ଚକ୍ରଧର ମୁଖର ହେଲେ ମଧ୍ୟ ନିର୍ଲିପ୍ତ, କ୍ଷୋଭହୀନ । କେବଳ ମଝିରେ ମଝିରେ ସ୍ମିତହସ ହସୁଛନ୍ତି, ଅଜ୍ଞ ଜନ ମାନଙ୍କର ଶଠତା କଥା ସ୍ମରଣ କରି । ଅଜ୍ଞତାର ଦୋଷ ଧରାଯାଏ ନାହିଁ ବୋଲି, ବେଳେ ବେଳେ କରୁଣାରେ ତାଙ୍କ ଆଖି ଦୁଇଟିରେ ମୁକ୍ତାଭଳି କେଇବିନ୍ଦୁ ସ୍ୱର୍ଗୀୟ ରତ୍ନ ଟଳମଳ ହୋଇ ଉଠୁଛି । ହଉ, ତାଙ୍କ କରୁଣାର ଜୟ ହେଉ ।

ବହୁତଦିନ ତଳର କଥା । ସେତେବେଳେ ସାରସ୍ୱତ ପ୍ରେସର ପ୍ରାଣସତ୍ତା ବାଳକୃଷ୍ଣ କର ସହକାର, ଜହ୍ନମାମୁଁ, ଭାରତୀ ପ୍ରଭୃତି ପତ୍ରିକା ଚଳାଇ ଓଡ଼ିଆ ଲେଖକ ସୃଷ୍ଟି କରିବାରେ ଅଣ୍ଟାଭିଡ଼ି ବାହାରିଥାନ୍ତି, ଏବଂ ଓଡ଼ିଆ ସାହିତ୍ୟରେ ଗୋଟିଏ ଦୁଇଟି ବିଭାଗର କିଛି କିଛି ପୁସ୍ତକ ମଧ୍ୟ ପ୍ରକାଶ କରୁଥାନ୍ତି । ସେଇ ସମୟରେ ଚକ୍ରଧର ବାବୁଙ୍କ ଗୋବର ଗୋଟେଇ, ବଳାଙ୍ଗୀ ଓ ରଣମାଧୁରୀ ପଢ଼ିବାର ସୁଯୋଗ ମୁଁ ପାଇଥିଲି ଏବଂ ସେତେବେଳେ ସାରସ୍ୱତ ପୀଠରେ ମୁଁ କଲମ ଧରି ନଥିଲେ ମଧ୍ୟ ତାଙ୍କର ବିଚକ୍ଷଣ ଲେଖନୀର ସୃଷ୍ଟିରେ ମୁଗ୍ଧ ହୋଇଥିଲି ।

ଅକସ୍ମାତ୍ ୧୯୪୩ ଖ୍ରୀଷ୍ଟାବ୍ଦର ଗ୍ରୀଷ୍ମଦିନେ ଏକ ନିର୍ଦ୍ଧାରିତ ପରିଦର୍ଶନରେ ଯାଇ ନରସିଂହପୁର ଗଡ (ପୂର୍ବତନ ନରସିଂହପୁର ରାଜ୍ୟର ରାଜଧାନୀ) ରେ ପହଞ୍ଚିଲି ଓ ରାଜକୀୟ ଅତିଥିରୂପେ କିଛିଦିନ ରହିଥିଲି । କିନ୍ତୁ ଜାଣି ନଥିଲି ଯେ ଚକ୍ରଧର ବାବୁ ନରସିଂହପୁରର ଲୋକ । ମୋର ନରସିଂହପୁର ଭ୍ରମଣରେ ରାଜ୍ୟସରକାର ତରଫରୁ ଚକ୍ରଧର ବାବୁଙ୍କୁ ମୋର ତତ୍ତ୍ୱାବଧାରକ ସଙ୍ଗୀରୂପେ ପାଇଥିଲି । ଫଳରେ ତାଙ୍କର ସାନ୍ନିଧ୍ୟ ମୋର ସ୍ମୃତିକୁ ପୁଣିଥରେ ଗୋବର ଗୋଟେଇ, ବଳାଙ୍ଗୀ ଓ ରଣମାଧୁରୀ ଜଗତରେ ବୁଲେଇ ଆଣିଥିଲା । ଦିନଟିଏ ତାଙ୍କଘରେ ରାତ୍ରିଭୋଜନରେ ଯୋଗଦେଇ ସ୍ୱର୍ଗତ କୁନ୍ତଳା କୁମାରୀଙ୍କ ଶତାଧିକ ପତ୍ର ତାଙ୍କ ନିକଟରେ ଦେଖି ବିସ୍ମିତ ହୋଇଥିଲି । ସେତେବେଳର ଓଡ଼ିଶା ନାମଧେୟ ପ୍ରାନ୍ତରେ ମଧ୍ୟ କୁନ୍ତଳା କୁମାରୀଙ୍କ ପତ୍ରାଗୁରର ଏଭଳି ଏକ ଐତିହାସିକ ସଂଗ୍ରହ ଅନ୍ୟ କେଉଁଠି ଦେଖି ନଥିଲି । (ମୋର ଭ୍ରମଣଗ୍ରନ୍ଥ 'ଯାତ୍ରୀ'ର 'ନରସିଂହପୁର ସ୍ମୃତି' ପରିଚ୍ଛେଦରେ ବର୍ଣ୍ଣନା ରହିଛି) ।

ତାପରେ ସମୟ ବିତି ଯାଇଛି । ଶୁଣିଥିଲି ଏବଂ କେତେକ ପତ୍ରପତ୍ରିକାରେ ଦେଖିଥିଲି, ତାଙ୍କର ଗାଉଁଲୀ ଗୀତ ସଂଗ୍ରହ ଓ ସେ ବିଷୟରେ ତାଙ୍କର ଗବେଷଣାର ଗଭୀରତା । ଚକ୍ରଧର ବାବୁ ଅଧ୍ୟାପନା କ୍ଷେତ୍ରରେ କିମ୍ବା ସରକାରୀ କଳରେ ନଥିବା ଯୋଗୁଁ ତାଙ୍କ ତପସ୍ୟା—ସିଦ୍ଧିର ମୂଲ୍ୟାୟନ ଯଥାର୍ଥ ହୋଇ ପାରିଲା ନାହିଁ । ଜୀବନର ଏକ ଶ୍ରେଷ୍ଠ ସମୟ "ଗାଉଁଲୀ ଗୀତ" ସଂଗ୍ରହରେ ଲଗି ରତ୍ନ ଆହରଣ କଲେ ମଧ୍ୟ ଓଡ଼ିଶାର ବ୍ରାହ୍ମଣଗରୀରେ ସେ ଗଡଜାତିଆ ହିସାବରେ ପଙ୍କ୍ତିହୀନ ହୋଇ ରହିଗଲେ । ଏ କ୍ଷେତ୍ରରେ କଟକ ପବ୍ଲିଶିଂହାଉସର ପ୍ରତିଷ୍ଠାତା ଓ ସ୍ୱତ୍ୱାଧିକାରୀ ସ୍ୱର୍ଗୀୟ ଉମାଚରଣ ମହାନ୍ତି ତାଙ୍କସାଧନାର ଫଳକୁ ଆଲୋକକୁ ଆଣି ନଥିଲେ, ହୁଏତ ତା 'ଅନ୍ଧକାର ଗର୍ଭରେ ରହି ଯାଇଥାନ୍ତା—ଯେପରି ରହିଗଲା ଓ ହଜିଗଲା ତାଙ୍କର ସର୍ବଶ୍ରେଷ୍ଠ ମୂଲ୍ୟବାନ ଧନ, ଗୀତ ଗୋବିନ୍ଦ ଓ କବି ଜୟଦେବଙ୍କ ଉପରେ ଦୀର୍ଘ ଜୀବନର ଗବେଷଣାର ଫଳ ।



Digitized by srujanika@gmail.com

ତାଙ୍କର 'ଗୋବର ଗୋଟେଇ' ଏମିତି ଏକ ସମୟର ଲେଖା, ଯେତେବେଳେ ବ୍ରାହ୍ମଣ ତ ଦୂରରକଥା, ଅବ୍ରାହ୍ମଣ ସମାଜରେ ମଧ୍ୟ ଅସବର୍ଣ୍ଣ ଓ ଅସମଞ୍ଜସ ବିବାହ କଥା ଶୁଣିଲେ ଲୋକେ ଚମକି ଉଠୁଥିଲେ । ସେଇ 'ଗୋବର ଗୋଟେଇ' ପ୍ରଥମ ଛପା ପରେ ଦୀର୍ଘକାଳ ଅଛପା ରହିଗଲା କିନ୍ତୁ ବଜାରରେ ଗୋବର ଗୋଟାଳୀଙ୍କର ଅଭାବ ନାହିଁ । ଫଳରେ "ଦୁଃଖୀନୀ ଗୋବର ଗୋଟେଇ" ଓ ହିନିମାନୀ ଗୋବର ଗୋଟେଇ" ନାଁ ରେ (ଚକ୍ରଧର ବାବୁଙ୍କ 'ଗୋବର ଗୋଟେଇ'ର ଅବିକଳ ନକଲ ସଂସ୍କରଣ) ଦୁଇଟି ବହି ଦୁଇଜଣ ପ୍ରକାଶକଙ୍କ ଦ୍ୱାରା ପ୍ରକାଶିତ ହୋଇ ହଜାର ହଜାର ସଂଖ୍ୟାରେ ବିକ୍ରି ହୋଇଛି ଏବଂ ବର୍ଷ ବର୍ଷ ଧରି କେତେ ସଂସ୍କରଣ ଛପା ହୋଇ ଯାଇଛି । ସେତେବେଳେ ମୁଁ କଟକରେ । ସେଇ ପ୍ରକାଶକଦ୍ୱୟଙ୍କ ଏ ଅନ୍ୟାୟ ବିରୁଦ୍ଧରେ ମୁଁ ଯୁକ୍ତି କରିଥିଲି । ଜଣେ ପ୍ରକାଶକ ମୁହଁ ଉପରେ କିଛି ନକହିଲେ ମଧ୍ୟ ପଛରେ ଏହା ମୋର ଅନଧିକାର ଚର୍ଚ୍ଚା ବୋଲି କହିଥିଲେ ଏବଂ ଅପର ଜଣକ ମୋତେ ଓଲଟା ପ୍ରଶ୍ନ କରିଥିଲେ— ଏତେ ବଡ ଓଡ଼ିଶାରେ ଚକ୍ରଧର ମହାପାତ୍ର କଣ ଜଣେ ଅଛନ୍ତି ? ଲେଖକ ଆମ ଜିଲ୍ଲାର ଲୋକ, ଆପଣ ଯେଉଁ ବ୍ୟକ୍ତିଙ୍କ କଥା କହୁଛନ୍ତି ସେ ଗୋଟିଏ ସାନ ଜିଲ୍ଲାର ଶାସନୀ ଲୋକ । ସେ କଣ ବହିଲେଖିବେ ? କେବଳ ସେତିକି ନୁହେଁ, ଓଡ଼ିଶାର ଅତି ବଶିଷ୍ଟ ଦି'ତିନିଜଣ ଲେଖକ ମୋତେ ଏ ବିଷୟରେ ମୁଣ୍ଡ ଖେଳାଇବାଟା ଅଦରକାରୀ ବୋଲି କହିଥିଲେ ।

ଚକ୍ରଧର ବାବୁ କଟକ ଆସିବା ପରେ ଥରେ ତାଙ୍କୁ ଏ ସଂପର୍କରେ କପିରାଇଟ ଅଫିସରର ଆଶ୍ରୟ ନେବାକୁ କହିଥିଲି, କପିରାଇଟ ଆଇନର ଯୁକ୍ତି ଦର୍ଶାଇ । ସେ କିଛି ସମୟ ମୁହଁ ଶୁଖାଇ ନୀରବ ରହି କହିଲେ—"ଛାଡନ୍ତୁ, କମଳ ଯାକ ତ ବାଳ, କେତେବାଛିବ । ତା' କଲେ ମୋ ବହି ଏଠାର କୌଣସି ପ୍ରକାଶକ ଆଉ ଛାପିବେ ନାହିଁ । ମୁଁ ଦରିଦ୍ର ବ୍ରାହ୍ମଣ, ମୋର 'ହକ୍' କୁ କେହି ଅପହରଣ କଲେ, ସେ ମୋଠାରୁ ବି ଅଧିକ ଦରିଦ୍ର ହୋଇଯିବ ।" ମୁଁ କେବଳ ସେଇ ସହନଶୀଳ, ନିର୍ବିକାର ବ୍ୟକ୍ତିଟିର ମୁହଁକୁ ନିର୍ବାକ ହୋଇ ଚାହିଁ ରହିଥିଲି । ବଞ୍ଚନାଜର୍ଜ୍ଜର ମୁହଁ ଉପରେ କି ଅନାବିଳ ହସ !

କବି ମାନସିଂ କିନ୍ତୁ ଦୂରରେ ଥାଇ ମଧ୍ୟ ଚକ୍ରଧର ବାବୁଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ ଏବଂ ସ୍ୱର୍ଗତ କୁନ୍ତଳା କୁମାରୀଙ୍କ ସଂପର୍କରେ ସେ ଏକ 'ଏନସାଇକ୍ଲୋପେଡ଼ିଆ' ବୋଲି କହୁଥିଲେ । ପରବର୍ତ୍ତୀ କାଳରେ ଚକ୍ରଧର ବାବୁଙ୍କୁ ସେ ଏକ ଏନସାଇକ୍ଲୋପେଡ଼ିଆ ପ୍ରଜେକ୍ଟରେ ନିଜର ସହକର୍ମୀ ରୂପେ ବାଛି ନେଇଥିଲେ । କେବଳ ସେତିକି ନୁହେଁ, ମୃତ୍ୟୁର କିଛିକାଳ ପୂର୍ବରୁ ମାନସିଂ ଯେତେବେଳେ 'ସ୍ୱରାଜ୍ୟ' ଦୈନିକରେ ଯୁକ୍ତଥାଇ ଭୁବନେଶ୍ୱରରେ ଏକାନ୍ତ ବାସ କରୁଥିଲେ, ସେତେବେଳେ ମୁଁ ରହୁଥିଲି ଶ୍ରୀରାମକୃଷ୍ଣ ମିଶନର ଅତିଥି ଭବନରେ । କେତେବେଳେ ସେ ମୋ ନିକଟକୁ ଆସୁଥିଲେ ତ କେତେବେଳେ ମୁଁ ତାଙ୍କ ପାଖକୁ ଯାଉଥିଲି । ନାନା ଆଳାପ ଆଲୋଚନା ଭିତରେ ଦିନେ ଚକ୍ରଧର ବାବୁଙ୍କ କଥା ଉଠିଲା । ସେ ଗଭୀର ଦୁଃଖପ୍ରକାଶ କରି କହିଥିଲେ—"ତାଙ୍କୁ କେହି ଚିହ୍ନିଲା ଭଳି ଚିହ୍ନିଲେ ନାହିଁ । କଟକର 'ମଇଦାନୀ ତାମସା' ରେ ସେ ହାରିଗଲେ । କାରଣ ସେ ମୂଜକୁ ଖେଳି ଜାଣି ନଥିଲେ ।

୧୯୫୩ର କଥା । ହିନ୍ଦୀର ପ୍ରଖ୍ୟାତ ଗଳ୍ପକାର, ଔପନ୍ୟାସିକ ଜୈନେନ୍ଦ୍ର କୁମାରଙ୍କ ଦିଲ୍ଲୀର ଦରିଆଗଞ୍ଜ ବାସଭବନରେ ଦିବା ଭୋଜନ ସମୟରେ ସ୍ୱର୍ଗତ କୁନ୍ତଳା କୁମାରୀଙ୍କ ସଂପର୍କରେ ବହୁ ଆଲୋଚନା ହୋଇଥିଲା ତାଙ୍କର 'କଲ୍ୟାଣୀ' ଉପନ୍ୟାସକୁ କେନ୍ଦ୍ରକରି । 'କଲ୍ୟାଣୀ ଉପନ୍ୟାସଟି ସ୍ୱର୍ଗତ କୁନ୍ତଳାଙ୍କ ଦିଲ୍ଲୀ ଜୀବନ ଉପରେ ଆଧାରିତ । ଅକସ୍ମାତ୍ ସେ ମୋତେ ପଚାରି ବସିଲେ 'ମହାପାତ୍ରଙ୍କ' କଥା । ସୂଚନା ଦେଲେ ଯେ 'ମହାପାତ୍ର' ସ୍ୱର୍ଗତ କୁନ୍ତଳାଙ୍କ ଖୁବ ସ୍ନେହପାତ୍ର ଥିଲେ ଓ ଏକ ଦରିଦ୍ର କନ୍ୟାର ଉଚପଦସ୍ଥ ଅଫିସର ସହ ଅସବର୍ଣ୍ଣ ବିବାହକୁ ଭିତ୍ତି କରି ଏକ ବିଖ୍ୟାତ ଉପନ୍ୟାସ ଲେଖିଛନ୍ତି । ସେଦିନ ମୁଁ ବୁଝିପାରିଥିଲି, ଗଡଜାତିଆ ଚକ୍ରଧର ମହାପାତ୍ରେ ନୂଆଦିଲ୍ଲୀର ଯଶସ୍ୱୀ ସାହିତ୍ୟିକ ମହଲରେ ବି ଉଣା ଅଧିକେ ପରିଚିତ ଓ ଶ୍ରଦ୍ଧେୟ ।

କହି ବସିଲେ ତ ବହୁକଥା କହିବାର ଅଛି । ତଥାପି, ନ କହିବା ଭଲ । ଅନ୍ୟ କାହା ମନରେ ବ୍ୟଥା ବା କ୍ରୋଧ ଜନ୍ମାଇବାର ଇଚ୍ଛା ମୋର ନାହିଁ । ତଥାପି, ଏ ପରିଣତ ବୟସରେ ମୁଁ ଏତିକି କହିବି, ଚକ୍ରଧରବାବୁ ଯେତିକି ସାରସ୍ୱତ ଅବଦାନ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି, ଅନ୍ୟଭାଷାରେ ଯଦି ତା' ପ୍ରକାଶ ପାଇଥାନ୍ତା, ତା'ର ପ୍ରକୃତ ମୂଲ୍ୟାୟନ ଆମ ଦୃଷ୍ଟିଭଙ୍ଗୀକୁ ପରିଶୁଦ୍ଧ କରିଥାନ୍ତା ଏବଂ ହୃଦୟର ପରିସରକୁ ଟାଣି ଓଟାରି ପ୍ରସାରିତ କରିଥାନ୍ତା ।

ପ୍ରଥମରୁ ତ କହିଛି, ସ୍ଥୂଳଦେହୀ ଚକ୍ରଧର ଅସନ୍ତୋଷ ପ୍ରକୃତିର ନଥିଲେ, ସାମାନ୍ୟ ଦକ୍ଷିଣା ପାଇ ବି ଛାଡ଼ିଗଲେ । ସୂକ୍ଷ୍ମଦେହୀ ଚକ୍ରଧର ମଧ୍ୟ ନିର୍ଲିପ୍ତ, କ୍ଷୋଭହୀନ ଓ ନିର୍ବାକ୍ ।

ମୁଁ ସେଇ ସୂକ୍ଷ୍ମଦେହୀ ଚକ୍ରଧରଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି——"ବନ୍ଧୁ, ଆମେ ଚିରକାଳ ବଦାନ୍ୟ ଓ ଦାତା ଥିଲେ । ଏକଥା ଇତିହାସ କହିବ, ମହାନଦୀର ପାଣି କହିବ, ବିଜ୍ଜ ନଗରୀର ଧୂଳିମାଟି ବି କହିବ । ଏଣୁ ଅଦାତା କୃପଣଙ୍କ ଧୃଷ୍ଟତା ଓ ବଞ୍ଚନା ନିମନ୍ତେ ସେମାନଙ୍କୁ କ୍ଷମାକର ! ଆମର ମହତ୍ତ୍ୱ ବଜାୟ ରହୁ" !!!



Digitized by srujanika@gmail.com

# ଯନ୍ତ୍ରଣା ବନାମ

ଇନ୍ଦିରା ଶୁଭଦର୍ଶିନୀ ତ୍ରିପାଠୀ

ଯନ୍ତ୍ରଣାର ଅନ୍ୟନାମ ନିଶ୍ଚୟ ଦହନ
ତା'ରୂପ ଦେଖାଏ ସ୍ମୃତିର ପଥରେ
ମରଣର ଅନ୍ୟନାମ ଶୀତଳ ଭଣ୍ଡାର
ତା'ରୂପ ପ୍ରକାଶିତ କଳ୍ପନା ବାହାରେ ।

ଯନ୍ତ୍ରଣାକାତର ରୂପ ଦେଖୁଥିବା ପରି
ମନେ ଉଙ୍କିମାରେ କେତେ ସ୍ମୃତିର ଚେତନା
ବିଧାତାର ହାତଲେଖା କା' ହାତେ ଅଛି
ସବୁଥାଏ କାଳସ୍ରୋତେ ନିର୍ଜୀବ ଭାବନା ।

ଯା ନାମେ ପୂଜା ଆଉ ଆରାଧନା ଯେତେ
ଧୂପ ଦୀପ ଜାଳି ଦିନ ରାତି ଉନ୍ମୋଚନ
ସେ କେବେ କାହାରିକି ଚାହିଁଦେଲା ନାରେ
ତା'ପାଇଁ ଫାଟିଗଲା ଆଶାର ମହଲ ।

ଆଗରେ ବାଜଣା ମଧ୍ୟେ ଦେବୀ ବିସର୍ଜନ
ଜନଭିଡ଼ ହାସ୍ୟରୋଳ ସହର କମ୍ପାଇ
କିମିତି କହିବି ଦୁଃଖ ସାତତାଳ ପଙ୍କ
କିମତି କହିବି ଲୁହ କେତେଟା ରୂପଇ ।

ବ୍ରାହ୍ମମୁହୂର୍ତ୍ତରେ ଯେଉଁ ଆତ୍ମା ଚାଲିଗଲା
ତା'ନାମେ କେନ୍ଦ୍ରୀଭୂତ ଅନେକ କଳ୍ପନା
ନଈ ସ୍ରୋତେ ଭାସିଗଲା ପରି
ସବୁ ଛାଡ଼ି ବସିଅଛୁ ଦୀପ ଜାଳିକରି ।

ସେ ଖାଲି ହସୁଥିବ ଯନ୍ତ୍ରଣା ପାଶୋରି
ସ୍ୱର୍ଗଦ୍ୱାରୁ ଦେଖୁଥିବ ଜନବନ୍ଦାପନା
ତା'ନାମେ ଫୁଲମାଳା ଆହା ଆହା କରି
ଧାଇଁ ଯାନ୍ତି ଭିଡ଼ ଠେଲି ସାହିତ୍ୟ ସବାରି ।

କିଏ ଜାଣଥିଲା ସବୁ ସହି ଚାଲିଯିବ,
ମୃତ୍ୟୁନାମେ ପଥେ ପଥେ ଡିଣ୍ଡିମ ପିଟିବ
ଯନ୍ତ୍ରଣାର କାଳରୂପ ପାନ କରି କରି
ଲୁକୁଣା ରଥରେ ବସି ଦୂରେ ହଜିଯିବ ।



Digitized by srujanika@gmail.com

# ଚକ୍ରଧର ଓ କନକମଞ୍ଜରୀ

## ଅଧ୍ୟାପିକା ଶ୍ରୀମତୀ ବୀଣାପାଣୀ ସିଂହ

xxxxxxxxxxxxxxxxxxxxxxxxxxxxxxx

ଲୋକସାହିତ୍ୟର ଏକ ଅମ୍ଳାନ ଜ୍ୟୋତି ଲୁଚିଗଲା, ଏକ ବର୍ଷଣମୁଖୀ ଧାରା ଚାଲିଗଲା କାହିଁ କେତେ ଦୂରେ.... ଚକ୍ରଧର ମହାପାତ୍ର ଆଉ ନାହାନ୍ତି । ତାଙ୍କ ପାଇଁ ସ୍ମରଣିକା ବାହାରିବ । ସେଇ ବଣମଲ୍ଲୀର ସୁବାସ ଯାଇ ପହଞ୍ଚିବ ସଭିଙ୍କ ପାଖରେ, ଯିଏ ସେ ବଣ-ମଲ୍ଲୀକି ଦେଖିଥିଲେ, ତା'କୁ ଆଜି ଆଉ ଦେଖି ନପାରି ତା'ର ବାସନା ବାରି ଲୁହ ଢାଳିବେ, ଆଉ ଯିଏ ଦେଖି ନଥିଲେ ସେମାନେ ତା'ର ସୁମହକରେ ମହକି ଉଠିବେ ।

ମୁଁ ତାଙ୍କୁ ଦେଖିବାର ସୁଯୋଗ ପାଇ ନଥିଲି । ବହୁତ ମନ ହେଲା "ସ୍ମରଣିକା" ପାଇଁ ପଦିଏ ଲେଖିବାକୁ । ହରିପୁର ରୋଡ଼ରେ ତାଙ୍କ ଘର ବୋଲି ଜାଣିଥିଲି । ଦୀପାବଳୀ ଦିନ ଆମେ ସ୍ୱାମୀ ସ୍ତ୍ରୀ ତାଙ୍କ ଗୃହ ଅଭିମୁଖେ ବାହାରିଲୁ । ଗେଟ୍‌ରେ ନେମପ୍ଲେଟ୍ । ଆସ୍ତେ ଖୋଲି ଭିତରକୁ ପଶିଲୁ । ସାନ ପୁଅ ଦେଖା ଦେଲେ । ଲଣ୍ଡାମୁଣ୍ଡ, ଛଳ ଛଳ ଆଖି, ସଦ୍ୟଝରା ଲୁହର ପରଶ ତଥାପି ଆଖିରେ ଲାଗି ରହିଛି । ମୋ ସ୍ୱାମୀ ମୋର ପରିଚୟ ଦେବାରୁ ଆମକୁ ମା'ଙ୍କ ପାଖକୁ ଘର ଭିତରକୁ ଡାକି ନେଇଗଲେ ।

ମା' କନକ ମଞ୍ଜରୀ କାନ୍ଥକୁ ଆଉଜି ଆଖିବୁଜି ବସିଛନ୍ତି । ଆଖିରୁ ଝର ଝର ହୋଇ ଲୁହ ଝରି ଯାଉଛି । ଟେପ ରେକର୍ଡରେ ଚକ୍ରଧରଙ୍କ ସ୍ୱର ଭୁବନେଶ୍ୱର ନିକଟବର୍ତ୍ତୀ କପିଳେଶ୍ୱରକୁ ବୁଦ୍ଧଦେବଙ୍କ ଜନ୍ମସ୍ଥାନ କପିଳବାସ୍ତୁ ବୋଲି ପ୍ରମାଣ କରି ଲେଖିଥିବା ତାଙ୍କ ଗବେଷଣା ମୂଳକ ପ୍ରବନ୍ଧଟି ଶୁଭୁଛି ।

'ସାହିତ୍ୟ' ଚକ୍ରଧରଙ୍କ ଜୀବନ ଥିଲା । ସାହିତ୍ୟ ସାଧନା ଥିଲା ତାଙ୍କ ଜୀବନର ବ୍ରତ । ହେତୁ ହେଲାଦିନୁ ସେ ସାହିତ୍ୟ ସାଧନାକୁ ନିଜର କରି ନେଇଥିଲେ । ସହଧର୍ମିଣୀ କନକ ମଞ୍ଜରୀଙ୍କୁ ମଧ୍ୟ ସେଥିରେ ସେ ବ୍ରତୀ କରାଇଥିଲେ । ସଂସ୍କୃତ ସାହିତ୍ୟରେ ସୁପଣ୍ଡିତ ହେଲେ ବି ଚକ୍ରଧର ଲୋକ-ସାହିତ୍ୟର ପ୍ରକୃତ ଗ୍ରାହକ ଥିଲେ । କନକ ମଞ୍ଜରୀ ଲୋକଗୀତ ସଂଗ୍ରହ କରିବାରେ ତାଙ୍କୁ ବିଶେଷ ସାହାଯ୍ୟ କରିଥିଲେ । ସ୍ତ୍ରୀର ବିନା ସାହାଯ୍ୟରେ ପୁରୁଷ ଉଚ୍ଚ ଆସନକୁ ଉଠି ପାରେ ନାହିଁ, ଚକ୍ରଧରଙ୍କ ସାହିତ୍ୟ ପ୍ରତିଷ୍ଠା କ୍ଷେତ୍ରରେ କନକ ମଞ୍ଜରୀଙ୍କର ଦାନ ରହିଛି ।

ରାତି ଅଧରେ ଚକ୍ରଧରଙ୍କ ନିଦ ଭାଙ୍ଗିଯାଏ । ଆଲୁଅ ଲାଗେ । ସ୍ତ୍ରୀ କାଗଜ କଲମ ଆଣି ଦିଅନ୍ତି । ମନେ ପଡ଼ି ଯାଇଥିବା କଥା ଚକ୍ରଧର ଟିପି ରଖନ୍ତି । ଦିନେ ଦିନେ ରାତିରେ ସ୍ତ୍ରୀଙ୍କୁ ଦୁଇ ତିନିଥର ଉଠିବାକୁ ହୋଇଥାଏ । କନକ ମଞ୍ଜରୀ ଗୋଟିଏ ବୁଦ୍ଧି ପାଞ୍ଚିଲେ । ସ୍ୱାମୀଙ୍କ ତକିଆ ତଳେ ଟର୍ଚ୍ଚ, କାଗଜ, କଲମ ରଖିଦେଲେ । ଏଥର ସ୍ୱାମୀଙ୍କର କାମକୁ କାମ ହେଲା । ସ୍ତ୍ରୀଙ୍କୁ ରାତିରେ ଆଉ ହରବର ହେବାକୁ ହେଲାନାହିଁ ।

"କୁସୁମ ପରଶେ ପଟ ନିସ୍ତରେ"—ଚକ୍ରଧରଙ୍କ ପାଖେ ପାଖେ ସବୁବେଳେ ରହି ସାହିତ୍ୟ ସାଧନାରେ ଓତଃପ୍ରୋତ ଭାବେ ମିଶିଯାଇ କନକ ମଞ୍ଜରୀ ମଧ୍ୟ ସୁସାହିତ୍ୟିକା ହୋଇ ପାରିଥିଲେ । ଶାଶୁଙ୍କ ମୁଖରୁ ଲୋକଗୀତ ଶୁଣି ସେ କାଠି ସାହାଯ୍ୟରେ କାନ୍ଥରେ ଟିପି ରଖି ପରେ କାଗଜରେ ଲେଖୁଥିଲେ । ତାଙ୍କର ଦୁଇଟି ପ୍ରକାଶିତ ପୁସ୍ତକ 'ଉତ୍କଳ ଗାଉଁଲି କାହାଣୀ' ଓ 'କଳିଙ୍ଗ କାହାଣୀ' ଭିତରୁ 'କଳିଙ୍ଗ କାହାଣୀ' ପୁସ୍ତକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ ।

ଚକ୍ରଧର ମାଛ, ମାଂସ ପ୍ରିୟ ନୁହନ୍ତି । ଦୁଧ, ଦହି, ଛେନା, ଗୁଆଘିଅରେ ତାଙ୍କର ଭାରି ଶରଧା । ପୁରୀ ମହାପ୍ରସାଦ ଜୀବନର ସବୁଠୁ ବଳି ପ୍ରିୟ ଖାଦ୍ୟ । ଏପରିକି ରୋଗଶଯ୍ୟାରେ ପଡ଼ିଥିବା ବେଳେ ସେ ମଧ୍ୟ ମହାପ୍ରସାଦ ସେବା କରିଥିଲେ । ଖାଇବା ଜିନିଷ ଗରମ ନଥିଲେ ସେ ଖାଆନ୍ତି ନାହିଁ । ଅତି ସୂକ୍ଷ୍ମ ଆହାର ତାଙ୍କର । ବୋଇତି କଖାରୁ ମଞ୍ଜି, ଶିମମଞ୍ଜି ଦୋଛଡ଼ା ହେଇ ଭଜା ହେବ, ଶାଗ ଖରଡ଼ା ନ ହେଇ ଭଜା ହେଲେ ସେ ଭଲ ପାଆନ୍ତି । ସବୁ କିନ୍ତୁ ଗରମ, ଥଣ୍ଡା ଜିନିଷ ସେ ସହ୍ୟ କରି ପାରନ୍ତି ନାହିଁ । ଖାଇବା ଥାଳି ପାଖେ ବାରମାସୀ ଲେମ୍ବୁ ଟିକିଏ, ଚଟଣୀ ଟିକିଏ (ପୋଦିନା ହେଉ, ଧନିଆ ହେଉ, ବାଦାମ ବା ନଡ଼ିଆ ଚଟଣୀ ହେଉ) ରହିଥିବ । ଖଟା ଆଗ୍ରର ସେ ନିଜେ ତିଆରି କରୁଥିଲେ । ଏତେ ବଢ଼ିଆ ସେ ଆଗ୍ରର କରନ୍ତି କୌଣସି ସ୍ତ୍ରୀ ଲୋକ ତାଙ୍କ ସମକକ୍ଷ ହୋଇ ପାରିବେ ନାହିଁ । ଛୁଇଁ, ବାଇଗଣ, ଆମ୍ବ, ଲେମ୍ବୁ, କରମଙ୍ଗା, କୋଳି, ଟଭା, ଯେଉଁଦିନେ ଯାହା ମିଳିଲା ।

୧୯୭୫ ମସିହାରେ ତାଙ୍କର ହାର୍ଟଆଟାକ୍ ହୋଇଥିଲା । ସେଇଦିନୁ ତାଙ୍କର ଖାଇବା ବଦଳି ଯାଇଥିଲା । ତେଲ, ଘିଅ, ମାଛ, ମାଂସ ଖୁବ୍ କମ୍ ଖାଉଥିଲେ ସେ



Digitized by srujanika@gmail.com

ସ୍ତ୍ରୀ କନକ ମଞ୍ଜରୀଙ୍କ ସହିତ ୧୯୮୧ ମସିହାରେ

[illegible]

୧୯୬୫ ମସିହାରେ ଚାରି ଝିଅ ଓ ଦୁଇ ପୁଅ ସାଙ୍କ ସହିତ

Digitized by srujanika@gmail.com

ପରିବା ଭିତରେ ଅମୃତଭଣ୍ଡା, କଞ୍ଚାକଦଳୀ, ପୋଟଳ, ବାଇଗଣ, କାଙ୍କଡ଼ ଇତ୍ୟାଦି ତାଙ୍କର ପ୍ରିୟ ଥିଲା । ଫଳ ଭିତରେ ବେଦାନା, କମଳା, ପାଚିଲା ଅମୃତଭଣ୍ଡା ସେ ଖାଇବାକୁ ଭଲ ପାଆନ୍ତି । ବର୍ଷସାରା କମଳା ଗୋଟିଏ ଦିଟି ଦିନକୁ ସେ ଖାଆନ୍ତି । ପାଚିଲା ଆମ୍ବ ତାଙ୍କର ଭାରି ପ୍ରିୟ । ଖରାଦିନ ସାରା ଆମ୍ବ ଗୋଟିଏ ଦିଟି ପ୍ରତ୍ୟହ ତାଙ୍କ ପାଇଁ ଆସେ ।

ପିଠାପଣା ଆଗରୁ ଯାହା ଖାଉଥିଲେ ଦେହ ଖରାପ ହେବା ଦିନରୁ ବେଶୀ ଖାଆନ୍ତି ନାହିଁ ; ତଥାପି ନଡ଼ିଆ ଗୁଡ଼ଳ ଚିତୋଉ, ଛେନାପୁର ଦିଆ ମଣ୍ଡା, ପୋଡ଼ପିଠା ତାଙ୍କର ପ୍ରିୟ ଥିଲା । ଖାଲି ଦୁଧ ପିଇଲେ ତାଙ୍କ ପେଟରେ ବାୟୁ ହୁଏ ବୋଲି ଅଳ୍ପ କଫି ମିଶାଇ ନିଅନ୍ତି । ଚାହା କି ପାନ ସେ ଖାଆନ୍ତି ନାହିଁ ।

ତାଙ୍କ ଖାଇବା ସରଞ୍ଜାମ ମଧ୍ୟ ନିଆରା । ତାଙ୍କର ରୂପାର ଥାଳି ଗିଲାସ ଅଲଗା ଥାଏ । ତାଙ୍କ ହାତରେ କେହି ଛୁଆ ଖାଆନ୍ତି ନାହିଁ । ଖାଇବା ସମୟରେ କନକ ମଞ୍ଜରୀ ପାଖରେ ବସିଥିବେ, ନାନା ଗପ ଚାଲିଥିବ, ସାହିତ୍ୟ ଆଲୋଚନା ହେଉଥିବ ସେ ଖାଉଥିବେ । ଖାଇ ସାରିଲେ ଔଷଧ ଖାଇବେ । କନକ ମଞ୍ଜରୀ ହାତକୁ ବଢ଼ାଇ ଦେବେ । ଆଉ କେହି ଦେବେନି । ପାଣି ଗ୍ଲାସେ ବି ସେ ନିଜେ ନେବେ ; ନ ହେଲେ ସ୍ତ୍ରୀ ଦେବେ, ଆଉ କାହା ଉପରେ ନିର୍ଭର କରିବେ ନାହିଁ । ତାଙ୍କର ଦାମ୍ପତ୍ୟ ଜୀବନ ଅତି ସୁଖକର ଥିଲା । ସେ ସ୍ତ୍ରୀ କନକ ମଞ୍ଜରୀଙ୍କୁ ପାଖରୁ ମୁହୂର୍ତ୍ତେ ସୁଦ୍ଧା ଅନ୍ତର କରୁନଥିଲେ । କନକ ବାପ ଘରକୁ ଗଲେ ଚକ୍ରଧର ସାଙ୍ଗରେ ଯାଉଥିଲେ । ସ୍ୱାମୀ ସ୍ତ୍ରୀ ଥିଲେ ଅଭିନ୍ନ । ଶେଯ କେବେ ଅଲଗା ହୋଇ ନଥିଲା । ସ୍ତ୍ରୀଙ୍କ ପାଇଁ କେତେ ନା କେତେ ପ୍ରେମ କବିତା ଲେଖିଥିଲେ ।

ନିଜେ ରାତି ଗ୍ରବିରୁ ଉଠିବେ । ପିଲାଙ୍କୁ ବି ଉଠେଇବେ । କହିବେ ବେଶୀ ଶୋଇଲେ ଆୟୁ କ୍ଷୟ ହେବ । ଅଳସୁଆ ହୋଇଯିବ । ନିଜ ଲୁଗାପଟାରେ ଆଡ଼ମ୍ବର ନାହିଁ । ଯାହା ତାହା ଖଣ୍ଡେ ପିନ୍ଧି ଦାଣ୍ଡକୁ ବାହାରି ପଡ଼ନ୍ତି, ହେଲେ ଟ୍ରଙ୍କ ଭିତରେ ଗଦା ଗଦା ସରୁ ଧୋତି, ସାର୍ଟ, କୋଟ, ସ୍ୱେଟର, ସାଲ ଥୁଆ ହୋଇ ଥିବ । ପରିଷ୍କାର, ପରିଚ୍ଛନ୍ନତା ଥିଲା ତାଙ୍କର ଆଉଏକ ସୁଗୁଣ । ନିଜ ଶେଯ ନିଜେ ଝାଡ଼ିବେ, ମଶାରୀ ବାନ୍ଧିବେ । ରୋଗ ଶେଯରେ ମଧ୍ୟ ଯେ ପଡ଼ିଥିଲା ବେଳେ ଚଦରରେ ଧୂଳି ଲାଗିଲେ ଝାଡ଼ି ଦେଉଥିଲେ ।

ସମୟ ପାଇଲେ ବଗିଚା କାମ କରୁଥିଲେ । ଟିକିଏ ହେଲେ ସମୟ ନଷ୍ଟ କରୁନଥିଲେ । କେଉଁଠି କଖାରୁ କଲରା ଗଛ ମଡ଼ାଇଲେଣି ତ କେଉଁଠି ଲଙ୍କା କି ପୋଦିନା, ଧନିଆ ବୁଣିଲେଣି । ଘାସଟିଏ କେଉଁଠି ରଖିଦେବେନି । ବର୍ଷସାରା ବାଡ଼ି ବଗିଚାରେ ଫୁଲ ଫଳ ଭର୍ତ୍ତି ହୋଇଥିବ । ସବୁ ତାଙ୍କର ପରିଶ୍ରମର ଫଳ । କିପରି କଣ ଅଘଟଣ ଘଟିଲା ଦାଣ୍ଡ ଦୁଆରେ ଲଗାଇଥିବା ପିଜୁଳି ଗଛଟି ସେ ରୋଗରେ ପଡ଼ିଲା ଦିନୁ କେମିତି ହଳଦିଆ ପଡ଼ି ସେ ଯିବା ଆଗରୁ ଅସମୟରେ ଶୁଖିଗଲା । ନିଜ ଲୋକର ବିଚ୍ଛେଦ ସହିପାରିବନି ଭାବି ଗଛଟି ଆଗରୁ ମରିଗଲା ଅବା । ଗଛଟି ମରିଗଲା ବୋଲି କମ୍ ଦୁଃଖ କରିନାହାନ୍ତି ସେ ?

ସ୍ତ୍ରୀ ତାଙ୍କର ଜୀବନର ଜୀବନ ଥିଲେ । ସୌନ୍ଦର୍ଯ୍ୟରେ କନକମଞ୍ଜରୀ ଅତୁଳନୀୟା । ବାଣେଶ୍ୱର ମନ୍ଦିର ତିଆରି ସମୟରେ ଚକ୍ରଧର ସ୍ତ୍ରୀଙ୍କୁ ପାଖକୁ ଡକାଇ ନେଇଥିଲେ । ସେଇଠି ଦିନେ ମହାନଦୀରୁ ସକାଳୁ ଗାଧୋଇ ଫେରିବା ବେଳେ ଚକ୍ରଧର ନିଜ ମନର ଭାବକୁ ରୂପଦେବାକୁ ଯାଇ କବିତାଟିଏ ଲେଖି ସ୍ତ୍ରୀଙ୍କୁ ଉପହାର ଦେଇଥିଲେ । ସେଇ ବାଣେଶ୍ୱର କାବ୍ୟରେ ସେ କନକମଞ୍ଜରୀଙ୍କ ସୌନ୍ଦର୍ଯ୍ୟରେ ଆତ୍ମହରା ହୋଇ ଲେଖିଅଛନ୍ତି—

ସ୍ନାନେ ମହାନଦୀ ପବିତ୍ରିତ କରି
ଦେଖିଲି ସାଧ୍ୱୀ ଜଣେକ ଦିନେ,
ତୋତେ ଧନ୍ୟ କଲେ କେବେ ଦିନେ ହେଲେ
ପ୍ରତିଷ୍ଠିତ ହେବୁ ବିଶ୍ୱ ଭୁବନେ ।

ନିଦାଘ ନିର୍ମେଘ ପ୍ରଭାତ ଯା'କାନ୍ତି
ଦେଖି ହୋଇଯାଏ ଅତିହିଁ ମ୍ଳାନ,
ପ୍ରାବୃଟର ନୈଶ ବିଦ୍ୟୁତ ଲଜ୍ଜିତ
ଯା' ଚହଟ ରୂପ ଅତ ଶୋଭନ ।

ବିଶ୍ୱ ଶୋଭା ଶିରୀ ସାଧ୍ୱୀ ହେମ ଗୋରୀ
ପୁଷ୍ପିତା ଲତିକା କନକ କାନ୍ତି,
ପତିବ୍ରତା ପଣେ ଏ ବିଶ୍ୱ ଭୁବନେ
ନ ଥିବେ ତା'ସମ ସେ କି ପାର୍ବତୀ ?

ସତ୍ୟେ ଶକୁନ୍ତଳା ଅତି ସୁକୋମଳା
ଜାତି ପଦ୍ମିନୀ ସେ ପଞ୍ଚ କଲ୍ୟାଣୀ,
ଥରେ ଦେଖିନେଲେ ସେ ପବିତ୍ର ମୁଖ
ଦୂରେ ଅପସରେ କଳୁଷ ଗ୍ଲାନି ।

ଏମନ୍ତ ମାଧୁରୀ ନଦୀ ତୀରୁ ଯେବେ
ଶୁଭ ଦୃଷ୍ଟି ଢାଳି ଗମେ ତୋ' ବକ୍ଷେ,
କବି ନିରେଖଛି କନକ ମଞ୍ଜରୀ
ଚଉଦଗେ ଫୁଟି ଉଠେ ଅଲକ୍ଷେ ।

ବସନ୍ତ ନଥାଇ ବସନ୍ତ ପବନ
ଶିରିଶିରି କାହିଁ ବହେ ମଧୁରେ,
ସତୀ ପାଦ ଯହିଁ ପଡ଼ିଯାଏ ତହିଁ
ଛଳ ପଦ୍ମ ଶୋଭା ତୋ'ଦେହ ଧରେ ।



Digitized by srujanika@gmail.com

ସେ ପୁରକୁ ଯିବାକୁ ମାତ୍ର ତିନିଦିନ ଥାଏ । ଘରେ ପୁଅ, ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ହେଇ ଅନେକ ଲୋକ । ଚକ୍ରଧର ପିଲାଙ୍କୁ କହିଲେ—"ବୋଉକୁ ଡାକ । ବୋଉ ଆସିବାରୁ କହିଲେ——"କନକ, ତମ ସହିତ ମୋର ବିଶ୍ୱାସ କଥା ଅଛି, ତମେ ଏଠି ବସ, ପିଲାଏ ବାହାରକୁ ଯାଆନ୍ତୁ । କବାଟ ଦେଇଦିଅ । ସ୍ତ୍ରୀ ଚମକି ପଡ଼ିଲେ । ହେଲେ ସ୍ୱାମୀଙ୍କର ଜିଦ୍ । କବାଟ କିଳା ହେଲା । ଆଦରରେ ପ୍ରାଣ ପ୍ରତିମା କନକକୁ ପାଖରେ ବସାଇଲେ ଚକ୍ରଧର । ଆସ୍ତେ ଉଠି ତାଙ୍କ ଗୋଡ଼ ଦି'ଟା ଜାବୁଡ଼ି ଧରି କହିଲେ, "କନକ, ମତେ ଏଥର ବିଦାୟ ଦିଅ, ମୋ'ର ସମୟ ପାଖେଇ ଆସିଲା । ତମଠୁ ବିଦାୟ ନ ନେଲେ ମୁଁ ଶାନ୍ତିରେ ଯାଇ ପାରିବି ନାହିଁ । "

କନକଙ୍କ ଆଖିରେ ଲୁହ ବାଧା ମାନୁ ନାହିଁ—ଏ କି କଥା ? ତୁଣ୍ଡ ଖୋଲିଲେ—"ତମେ ଆଗେ ଚାଲିଗଲେ ମୁଁ ବଞ୍ଚିବି କିପରି ?

ଚକ୍ରଧର କହିଲେ———ତମେ ଆଗେ ଗଲେ ମୋ'ଠୁଁ ବଡ଼ ହୋଇଯିବ । ସେଇଥିପାଇଁ ମୁଁ ଆଗ ଯାଇ ତମକୁ ସେଇଠି ଅପେକ୍ଷା କରି ରହିବି । ତୁମକୁ ସାନପୁଅ ପାଇଁ ବଞ୍ଚିବାକୁ ହେବ, ସେ ତ କୂଳରେ ଲାଗି ନାହିଁ । ତମେ ମୋର ଅର୍ଦ୍ଧାଙ୍ଗିନୀ, ମୁଁ ଅଧା ଯିବି, ଅଧା ହୋଇ ତମ ଭିତରେ ରହିବି । ତମେ ବି ମୋ ସହିତ ଅଧା ଯାଇ ଆଉ ଅଧେ ହୋଇ ଏଇଠି ରହିବ । ମୃତ୍ୟୁ ପରେ ଆଉ ଯଦି ମୋର କିଛି ପାଇବାକୁ ଥାଏ ତମରି ମାଧ୍ୟମରେ ମୁଁ ତା'କୁ ପାଇ ପାରିବି, ତେଣୁ ତମକୁ ବଞ୍ଚିବାକୁ ପଡ଼ିବ ।"

କନକ ଧୈର୍ଯ୍ୟହରା ହେଉଥାନ୍ତି । ଚକ୍ରଧର ତାଙ୍କୁ ବୁଝାଇବାରେ ଲାଗିଥାନ୍ତି । "ଆଉ ଗୋଟିଏ କଥା ତମକୁ ମୋର କହିବାର ଅଛି । ମୋ'ମୁଣ୍ଡ ଛୁଇଁ ଶପଥ କର " । କନକଙ୍କର ହିତାହିତ ଜ୍ଞାନ ଆଉ ନାହିଁ, ସ୍ୱାମୀଙ୍କ କଥା ସବୁ ସତେକି ସେ କିଛି ବୁଝି ପାରୁ ନାହାନ୍ତି । ସ୍ତ୍ରୀଙ୍କ ହାତ ନେଇ ଚକ୍ରଧର ନିଜ ମୁଣ୍ଡରେ ରଖିଲେ, କହିଲେ, 'ମୋ ରାଣୀ, ମୋ କଥା ମାନିବ, ମୁଁ ଗଲାପରେ ଦେହରୁ ଖଣ୍ଡେ ହେଲେ ଗହଣା ଆଡ଼େଇବନି, ଯେମିତି ଶାଢ଼ୀ ପିନ୍ଧୁଥିଲ ସେମିତି ଭଲ, ସଫାଶାଢ଼ୀ ପିନ୍ଧିବ । ଏ ଦେହ ଛାଡ଼ି ଚାଲିଗଲେ ବି ମୋ ଆତ୍ମା ତମରି ଭିତରେ ରହିବ । ତମେ ଯଦି ଅଭେକ ହେବ, ମତେ କେତେ ବାଧିବ କହିଲ ? ମୋ' ସୁନାଟା ପରା, ମୋ'କଥା ରଖିବ"—କହି ଗାଢ଼ ଆଲିଙ୍ଗନ କରି ସ୍ତ୍ରୀଙ୍କୁ ଶେଷ ଚୁମ୍ବନ ଦେଇ ବିଦାୟ ମାଗିଲେ ।

କନକ ମଞ୍ଜରୀ କହନ୍ତି, " ସେ ମତେ ଅତି ଭଲ ପା'ନ୍ତି । ମିନିଟିଏ ପାଖରୁ ଛାଡ଼ନ୍ତି ନାହିଁ । ଯୁବକ ସୁଲଭ ଗୁଣ ତାଙ୍କର ଥିଲା । ସ୍ୱାମୀ ସ୍ତ୍ରୀ ଅଛନ୍ତି, ହେଲେ ମତେ ସେ ଏତେ ଭଲ ପାଆନ୍ତି ଦୁନିଆରେ କେହି କାହାକୁ ଏତେ ଭଲ ପାଉ ନଥିବେ । ମୁଁ ତାଙ୍କ ମନକଥା ସବୁ ଜାଣି ପାରେ ବୋଲି ମତେ କହନ୍ତି—"Thought Reader" । କନକମଞ୍ଜରୀ ଆଉ କିଛି କହି ପାରୁନଥିଲେ । ! କୋହ ସାଙ୍ଗକୁ ଲୁହ ମିଶି ତାଙ୍କ ପାଟି ବାନ୍ଧି ଦେଉଥିଲା ।

ସେହି କବି, ଗାଳ୍ପିକ, ଔପନ୍ୟାସିକ, ଐତିହାସିକ, ସମାଲୋଚକ, ଜାତୀୟତାବାଦୀ, ସଂସ୍କାରକ, ସୌନ୍ଦର୍ଯ୍ୟ-ପ୍ରେମୀ ତଥା ପ୍ରେମିକ ଚକ୍ରଧର ଯେ ଆଜି ଆଉ ନାହାନ୍ତି ସେ କଥା ବିଶ୍ୱାସ କରିବାକୁ ମତେ କଷ୍ଟ ହେଉଥିଲା ।

ମା' କନକମଞ୍ଜରୀଙ୍କୁ ଆଉ ଅଧିକ କିଛି ପଚାରିବାକୁ ମୋ' ତୁଣ୍ଡରେ ଭାଷା ନଥିଲା । ତାଙ୍କ ପାଦଧୂଳି ନେଇ ଫେରିଲି ।



Digitized by srujanika@gmail.com

# ଅଲଭା ସ୍ମୃତି

କନକ ମଞ୍ଜରୀ ମହାପାତ୍ର

ଧର୍ମ ସଂସ୍ଥାପନା ପାଇଁ ଯଦି ଭଗବାନ ଯୁଗେ ଯୁଗେ ଅବତାର ଗ୍ରହଣ କରନ୍ତି ତେବେ କାଳଜୟୀ ମହାପୁରୁଷ ମାନଙ୍କର ପୁନର୍ଜନ୍ମ କାହିଁକି ସମ୍ଭବ ନୁହେଁ ? ଏ ପୃଥିବୀରେ ଜନହିତକର କାର୍ଯ୍ୟରେ ଯେଉଁମାନଙ୍କର ଆବଶ୍ୟକତା ରହିଛି ସେମାନଙ୍କର ଆତ୍ମାର ମୃତ୍ୟୁ ହୋଇ ପାରେନା । କାରଣ ତାଙ୍କର ଅସମାପ୍ତ କାର୍ଯ୍ୟ ପୂରଣ କରିବାକୁ ସେମାନେ ପୁନର୍ବାର ନିଶ୍ଚିତ ଭାବେ ଜନ୍ମ ଗ୍ରହଣ କରିବେ ।

ଏହି ବିଶାଳ ପୃଥିବୀରେ କାଳ ନଗଣ୍ୟ ବସ୍ତୁ । ଏମିତି କେତେଥର ଏ ନର ଶରୀର କାଳ କବଳିତ ହେଉଥିବ ମାତ୍ର ତାର ଅମର-ଆତ୍ମାର ମୃତ୍ୟୁ ହୋଇ ପାରେନା । ଯେଉଁମାନଙ୍କର ଆତ୍ମା କଳୁଷିତ ତାଙ୍କର ଜନ୍ମ ପୁନର୍ବାର ନ ଘଟିବା ଉଚିତ, କାରଣ ପୃଥିବୀର ଅମଙ୍ଗଳ ଘଟାଇବା ବ୍ୟକ୍ତିର ଆଉ ଥରେ ଜନ୍ମ ନେବାର କି ଆବଶ୍ୟକତା ଅଛି ? ମାତ୍ର ସେହି ମହାପୁରୁଷମାନଙ୍କର ପୁନଃ ପୁନଃ ଜୀବନ ଧାରଣ ପୃଥିବୀ ପକ୍ଷରେ ନିତାନ୍ତ ଆବଶ୍ୟକ ଯେଉଁ ମାନେ ଦେଶ ଓ ଜାତିର କିଛି ଉନ୍ନତି ଘଟାଇ ପାରିବେ ।

ଏଇଭଳି ଏକ ଅମର ଆତ୍ମାର ଅଧିକାରୀ ଚକ୍ରଧର ମହାପାତ୍ର ଆଜି ଆଉ ନାହାନ୍ତି । ଦେଶ ଗଠନରେ, ଜାତି ନିର୍ମାଣରେ, ଧର୍ମ ରକ୍ଷଣରେ, କୁସଂସ୍କାର ମୂଳ ଉତ୍ପାଟନ କରିବାରେ, ଯେ ନିଜର ସମସ୍ତ ଜୀବନ ବିନିଯୋଗ କରିଥିଲେ ସେ ପରିଣତ ବୟସରେ ଗଲେ ମଧ୍ୟ ଆହୁରି କିଛି ବର୍ଷ ତାଙ୍କର ଏ ପୃଥିବୀରେ ରହିବାର ଥିଲା । କାରଣ ତାଙ୍କ କାର୍ଯ୍ୟ ସମାପ୍ତ ହୋଇ ନ ଥିଲା । ତାଙ୍କ ଗବେଷଣା ସରି ନ ଥିଲା । ତାଙ୍କ ଲେଖନୀ ଅଚଳ ହୋଇ ନ ଥିଲା । ତେବେ ତାଙ୍କର ଏ ପ୍ରରଲୁ ଏତେ ଶୀଘ୍ର ଚାଲିଯିବା କଣ ଉଚିତ ଥିଲା ? ତାଙ୍କ ମୃତ୍ୟୁରେ ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ ଯେ କେତେ କ୍ଷତି ଘଟିଲା ତାହା ବିଜ୍ଞଜନ ଅନୁଧ୍ୟାନ କରି ପାରିଥିବେ ।

ପୃଥିବୀ ଗ୍ଲୁଲିଛି, ଗ୍ଲୁଲିଥିବ କିନ୍ତୁ ଇତିହାସ ନୂଆ ନୂଆ ଲେଖା ହେଇ ହେଇ ଯାଉଥିବ । ଆଜିର କଥା କାଲିକୁ ଅତୀତ ହୋଇ ଯାଉଛି । ଚକ୍ରଧର ମଧ୍ୟ ଆଉ କିଛି ବର୍ଷରେ ଅତୀତରେ ରହିଯିବେ, ମାତ୍ର ତାଙ୍କ ମୂଲ୍ୟବାନ ଗବେଷଣା ପ୍ରସୂତ ଗ୍ରନ୍ଥ ସମୂହ ତ ଲୁଚି ଯିବନି । ଯାହା ପାଇଁ ସେ ଏତେ ଆୟାସ ସାଧ୍ୟ ଗବେଷଣା କରି ବୁଦ୍ଧ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିଲେ ବୋଲି ପ୍ରମାଣ ଦର୍ଶାଇ ଥିଲେ ତାହା ଆଜି ଜନ ସମାଜରେ ଅବହେଳିତ ଅବାଞ୍ଛିତ ହୋଇ ରହିଥିଲେ ମଧ୍ୟ ଯୁଗ ଆସିବ, ତା ଉପରେ ପୁଣି ଗବେଷଣା ଉପରେ ଗବେଷଣା ଚାଲିବ । ଆଉ ତାଙ୍କରି ଭାଷାରେ ସୂର୍ଯ୍ୟ ପୃଥିବୀ ଗ୍ଲୁରିପଟେ ବୁଲୁଛି ବୋଲି ଯେପରି ଭ୍ରାନ୍ତ ଧାରଣା ଦିନେ ଦୂରୀଭୂତ ହୋଇଛି ସେପରି ବୁଦ୍ଧ ନେପାଳର କପିଳବାସ୍ତୁରେ ନୁହେଁ ଓଡ଼ିଶାର କପିଳେଶ୍ୱରରେ ଜନ୍ମ ଗ୍ରହଣ କରିଥିଲେ ତାହା ପ୍ରମାଣିତ ହେବ ।

ବୁଦ୍ଧ ଯେ ଜଣେ ମହାନ୍ ବ୍ୟକ୍ତି ଏ କଥା ସମସ୍ତେ ଜାଣନ୍ତି । ରାଜ ଭବନରେ ଭୋଗ ବିଳାସ ତ୍ୟାଗ କରି ନିଜର ସମସ୍ତ ଜୀବନ ପରର ଉପକାର ପାଇଁ ବ୍ୟୟ କରିବା କଣ କମ୍ ତ୍ୟାଗର ବିଷୟ ? ପୁଣି ସେଥିପାଇଁ କେତେ ପ୍ରତି-ବନ୍ଧକ ସୃଷ୍ଟି ହୋଇଥିଲା । ସବୁ ସେ ଆଡ଼େଇ ଦେଇଛନ୍ତି । ସୁନ୍ଦରୀ ସ୍ତ୍ରୀ, ସୁକୁମାର ପୁତ୍ର, ବୃଦ୍ଧ ଜନକ ଏମାନଙ୍କୁ ତ୍ୟାଗ କରିବାତ ସାଧାରଣ ମନୁଷ୍ୟମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଆଉ ସେ ତ ରାଜକୁମାର । ତଥାପି କାହିଁକି ସେ ଏ ବ୍ରତ ବରିନେଲେ? ଏ ସବୁ ବିଷୟରେ ଚକ୍ରଧର ଗଭୀର ଗବେଷଣା ଚଳାଇ ଥିଲେ ଓ ବୁଦ୍ଧଙ୍କ ଜନ୍ମଠାରୁ ମୃତ୍ୟୁ ଯାଏଁ ଘଟିଥିବା ଘଟଣାବଳୀକୁ ନେଇ ତାଙ୍କର ଜୀବନୀ ଲେଖିବାକୁ ସ୍ଥିର କରିଥିଲେ ଓ ଲେଖି ଯାଇଛନ୍ତି ମଧ୍ୟ । ମାତ୍ର ତାହା ଲୋକଲୋଚନକୁ ଆସିବା ଆଗରୁ କାଳର କ୍ରୂର ଚକ୍ରାନ୍ତରେ ତାଙ୍କର ଜୀବନ ଦୀପ ଅକାଳରେ ଲିଭିଗଲା । ଆଉ କିଛି ବର୍ଷ ବଞ୍ଚିଥିଲେ ସେ କେତେ ନୂତନ ତଥ୍ୟ ଜନସମାଜକୁ ଦେଖାଇ ଦେଇ ପାରିଥାଆନ୍ତେ ମାତ୍ର ତାହା ସମ୍ଭବ ହେଲନାହିଁ ।



Digitized by srujanika@gmail.com

ସେ ପୁରକୁ ଯିବାକୁ ମାତ୍ର ତିନିଦିନ ଥାଏ । ଘରେ ପୁଅ, ବୋହୂ, ଝିଅ ଜୋଇଁ, ନାତି ନାତୁଣୀ ହେଇ ଅନେକ ଲୋକ । ଚକ୍ରଧର ପିଲାଙ୍କୁ କହିଲେ—"ବୋଉକୁ ଡାକ । ବୋଉ ଆସିବାରୁ କହିଲେ—"କନକ, ତମ ସହିତ ମୋର ବିଶ୍ୱାସ କଥା ଅଛି, ତମେ ଏଠି ବସ, ପିଲାଏ ବାହାରକୁ ଯାଆନ୍ତୁ । କବାଟ ଦେଇଦିଅ । ସ୍ତ୍ରୀ ଚମକି ପଡ଼ିଲେ । ହେଲେ ସ୍ୱାମୀଙ୍କର ଜିଦ୍ । କବାଟ କିଳା ହେଲା । ଆଦରରେ ପ୍ରାଣ ପ୍ରତିମା କନକକୁ ପାଖରେ ବସାଇଲେ ଚକ୍ରଧର । ଆସ୍ତେ ଉଠି ତାଙ୍କ ଗୋଡ଼ ଦି'ଟା ଜାବୁଡ଼ି ଧରି କହିଲେ. "କନକ, ମତେ ଏଥର ବିଦାୟ ଦିଅ, ମୋ'ର ସମୟ ପାଖେଇ ଆସିଲା । ତମଠୁ ବିଦାୟ ନ ନେଲେ ମୁଁ ଶାନ୍ତିରେ ଯାଇ ପାରିବି ନାହିଁ । " କନକଙ୍କ ଆଖିରେ ଲୁହ ବାଧା ମାନୁ ନାହିଁ—ଏ କି କଥା ? ତୁଣ୍ଡ ଖୋଲିଲେ—"ତମେ ଆଗେ ଚାଲିଗଲେ ମୁଁ ବଞ୍ଚିବି କିପରି ?

ଚକ୍ରଧର କହିଲେ———ତମେ ଆଗେ ଗଲେ ମୋ'ଠୁଁ ବଡ଼ ହୋଇଯିବ । ସେଇଥିପାଇଁ ମୁଁ ଆଗ ଯାଇ ତମକୁ ସେଇଠି ଅପେକ୍ଷା କରି ରହିବି । ତୁମକୁ ସାନପୁଅ ପାଇଁ ବଞ୍ଚିବାକୁ ହେବ, ସେ ତ କୂଳରେ ଲାଗି ନାହିଁ । ତମେ ମୋର ଅର୍ଦ୍ଧାଙ୍ଗିନୀ, ମୁଁ ଅଧା ଯିବି, ଅଧା ହୋଇ ତମ ଭିତରେ ରହିବି । ତମେ ବି ମୋ ସହିତ ଅଧା ଯାଇ ଆଉ ଅଧେ ହୋଇ ଏଇଠି ରହିବ । ମୃତ୍ୟୁ ପରେ ଆଉ ଯଦି ମୋର କିଛି ପାଇବାକୁ ଥାଏ ତମରି ମାଧ୍ୟମରେ ମୁଁ ତା'କୁ ପାଇ ପାରିବି, ତେଣୁ ତମକୁ ବଞ୍ଚିବାକୁ ପଡ଼ିବ ।"

କନକ ଧୈର୍ଯ୍ୟହରା ହେଉଥାନ୍ତି । ଚକ୍ରଧର ତାଙ୍କୁ ବୁଝାଇବାରେ ଲାଗିଥାନ୍ତି । "ଆଉ ଗୋଟିଏ କଥା ତମକୁ ମୋର କହିବାର ଅଛି । ମୋ'ମୁଣ୍ଡ ଛୁଇଁ ଶପଥ କର " । କନକଙ୍କର ହିତାହିତ ଜ୍ଞାନ ଆଉ ନାହିଁ, ସ୍ୱାମୀଙ୍କ କଥା ସବୁ ସତେକି ସେ କିଛି ବୁଝି ପାରୁ ନାହାନ୍ତି । ସ୍ତ୍ରୀଙ୍କ ହାତ ନେଇ ଚକ୍ରଧର ନିଜ ମୁଣ୍ଡରେ ରଖିଲେ, କହିଲେ, 'ମୋ ରାଣୀ, ମୋ କଥା ମାନିବ, ମୁଁ ଗଲାପରେ ଦେହରୁ ଖଣ୍ଡେ ହେଲେ ଗହଣା ଆଡ଼େଇବନି, ଯେମିତି ଶାଢ଼ୀ ପିନ୍ଧୁଥିଲ ସେମିତି ଭଲ, ଧଫାଶାଢ଼ୀ ପିନ୍ଧିବ । ଏ ଦେହ ଛାଡ଼ି ଚାଲିଗଲେ ବି ମୋ ଆତ୍ମା ତମରି ଭିତରେ ରହିବ । ତମେ ଯଦି ଅଭେକ ହେବ, ମତେ କେତେ ବାଧିବ କହିଲ ? ମୋ' ସୁନାଟା ପରା, ମୋ'କଥା ରଖିବ"—କହି ଗାଢ଼ ଆଲିଙ୍ଗନ କରି ସ୍ତ୍ରୀଙ୍କୁ ଶେଷ ଚୁମ୍ବନ ଦେଇ ବିଦାୟ ମାଗିଲେ ।

କନକ ମଞ୍ଜରୀ କହନ୍ତି, " ସେ ମତେ ଅତି ଭଲ ପା'ନ୍ତି । ମିନିଟିଏ ପାଖରୁ ଛାଡ଼ନ୍ତି ନାହିଁ । ଯୁବକ ସୁଲଭ ଗୁଣ ତାଙ୍କର ଥିଲା । ସ୍ୱାମୀ ସ୍ତ୍ରୀ ଅଛନ୍ତି, ହେଲେ ମତେ ସେ ଏତେ ଭଲ ପାଆନ୍ତି ଦୁନିଆରେ କେହି କାହାକୁ ଏତେ ଭଲ ପାଉ ନଥିବେ । ମୁଁ ତାଙ୍କ ମନକଥା ସବୁ ଜାଣି ପାରେ ବୋଲି ମତେ କହନ୍ତି—"Thought Reader" । କନକମଞ୍ଜରୀ ଆଉ କିଛି କହି ପାରୁନଥିଲେ । ! କୋହ ସାଙ୍ଗକୁ ଲୁହ ମିଶି ତାଙ୍କ ପାଟି ବାନ୍ଧି ଦେଉଥିଲା ।

ସେହି କବି, ଗାଳ୍ପିକ, ଔପନ୍ୟାସିକ, ଐତିହାସିକ, ସମାଲୋଚକ, ଜାତୀୟତାବାଦୀ, ସଂସ୍କାରକ, ସୌନ୍ଦର୍ଯ୍ୟ-ପ୍ରେମୀ ତଥା ପ୍ରେମିକ ଚକ୍ରଧର ଯେ ଆଜି ଆଉ ନାହାନ୍ତି ସେ କଥା ବିଶ୍ୱାସ କରିବାକୁ ମତେ କଷ୍ଟ ହେଉଥିଲା ।

ମା' କନକମଞ୍ଜରୀଙ୍କୁ ଆଉ ଅଧିକ କିଛି ପଚାରିବାକୁ ମୋ' ତୁଣ୍ଡରେ ଭାଷା ନଥିଲା । ତାଙ୍କ ପାଦଧୂଳି ନେଇ ଫେରିଲି ।



Digitized by srujanika@gmail.com

# ଅମ୍ଳାନ ସ୍ମୃତି

କନକ ମଞ୍ଜରୀ ମହାପାତ୍ର

ଧର୍ମ ସଂସ୍ଥାପନା ପାଇଁ ଯଦି ଭଗବାନ ଯୁଗେ ଯୁଗେ ଅବତାର ଗ୍ରହଣ କରନ୍ତି ତେବେ କାଳଜୟୀ ମହାପୁରୁଷ ମାନଙ୍କର ପୁନର୍ଜନ୍ମ କାହିଁକି ସମ୍ଭବ ନୁହେଁ ? ଏ ପୃଥିବୀରେ ଜନହିତକର କାର୍ଯ୍ୟରେ ଯେଉଁମାନଙ୍କର ଆବଶ୍ୟକତା ରହିଛି ସେମାନଙ୍କର ଆତ୍ମାର ମୃତ୍ୟୁ ହୋଇ ପାରେନା । କାରଣ ତାଙ୍କର ଅସମାପ୍ତ କାର୍ଯ୍ୟ ପୂରଣ କରିବାକୁ ସେମାନେ ପୁନର୍ବାର ନିଶ୍ଚିତ ଭାବେ ଜନ୍ମ ଗ୍ରହଣ କରିବେ ।

ଏହି ବିଶାଳ ପୃଥିବୀରେ କାଳ ନଗଣ୍ୟ ବସ୍ତୁ । ଏମିତି କେତେଥର ଏ ମର ଶରୀର କାଳ କବଳିତ ହେଉଥିବ ମାତ୍ର ତାର ଅମର-ଆତ୍ମାର ମୃତ୍ୟୁ ହୋଇ ପାରେନା । ଯେଉଁମାନଙ୍କର ଆତ୍ମା କଳୁଷିତ ତାଙ୍କର ଜନ୍ମ ପୁନର୍ବାର ନ ଘଟିବା ଉଚିତ, କାରଣ ପୃଥିବୀର ଅମଙ୍ଗଳ ଘଟାଇବା ବ୍ୟକ୍ତିର ଆଉ ଥରେ ଜନ୍ମ ନେବାର କି ଆବଶ୍ୟକତା ଅଛି ? ମାତ୍ର ସେହି ମହାପୁରୁଷମାନଙ୍କର ପୁନଃ ପୁନଃ ଜୀବନ ଧାରଣ ପୃଥିବୀ ପକ୍ଷରେ ନିତାନ୍ତ ଆବଶ୍ୟକ ଯେଉଁ ମାନେ ଦେଶ ଓ ଜାତିର କିଛି ଉନ୍ନତି ଘଟାଇ ପାରିବେ ।

ଏଇଭଳି ଏକ ଅମର ଆତ୍ମାର ଅଧିକାରୀ ଚକ୍ରଧର ମହାପାତ୍ର ଆଜି ଆଉ ନାହାନ୍ତି । ଦେଶ ଗଠନରେ, ଜାତି ନିର୍ମାଣରେ, ଧର୍ମ ରକ୍ଷଣରେ, କୁସଂସ୍କାର ମୂଳ ଉତ୍ପାଟନ କରିବାରେ, ଯେ ନିଜର ସମସ୍ତ ଜୀବନ ବିନିଯୋଗ କରିଥିଲେ ସେ ପରିଣତ ବୟସରେ ଗଲେ ମଧ୍ୟ ଆହୁରି କିଛି ବର୍ଷ ତାଙ୍କର ଏ ପୃଥିବୀରେ ରହିବାର ଥିଲା । କାରଣ ତାଙ୍କ କାର୍ଯ୍ୟ ସମାପ୍ତ ହୋଇ ନ ଥିଲା । ତାଙ୍କ ଗବେଷଣା ସରି ନ ଥିଲା । ତାଙ୍କ ଲେଖନୀ ଅଚଳ ହୋଇ ନ ଥିଲା । ତେବେ ତାଙ୍କର ଏ ପୁରରୁ ଏତେ ଶୀଘ୍ର ଚାଲିଯିବା କଣ ଉଚିତ ଥିଲା ? ତାଙ୍କ ମୃତ୍ୟୁରେ ଓଡ଼ିଶାର ସାହିତ୍ୟ କ୍ଷେତ୍ରରେ ଯେ କେତେ କ୍ଷତି ଘଟିଲା ତାହା ବିଜ୍ଞଜନ ଅନୁଧ୍ୟାନ କରି ପାରିଥିବେ ।

ପୃଥିବୀ ଚାଲିଛି, ଚାଲିଥିବ କିନ୍ତୁ ଇତିହାସ ନୂଆ ନୂଆ ଲେଖା ହେଇ ହେଇ ଯାଉଥିବ । ଆଜିର କଥା କାଲିକୁ ଅତୀତ ହୋଇ ଯାଉଛି । ଚକ୍ରଧର ମଧ୍ୟ ଆଉ କିଛି ବର୍ଷରେ ଅତୀତରେ ରହିଯିବେ, ମାତ୍ର ତାଙ୍କ ମୂଲ୍ୟବାନ ଗବେଷଣା ପ୍ରସୂତ ଗ୍ରନ୍ଥ ସମୂହ ତ ଲୁଚି ଯିବନି । ଯାହା ପାଇଁ ସେ ଏତେ ଆୟାସ ସାଧ୍ୟ ଗବେଷଣା କରି ବୁଦ୍ଧ ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିଲେ ବୋଲି ପ୍ରମାଣ ଦର୍ଶାଇ ଥିଲେ ତାହା ଆଜି ଜନ ସମାଜରେ ଅବହେଳିତ ଅବାଞ୍ଛିତ ହୋଇ ରହିଥିଲେ ମଧ୍ୟ ଯୁଗ ଆସିବ, ତା ଉପରେ ପୁଣି ଗବେଷଣା ଉପରେ ଗବେଷଣା ଚାଲିବ । ଆଉ ତାଙ୍କରି ଭାଷାରେ ସୂର୍ଯ୍ୟ ପୃଥିବୀ ଚାରିପଟେ ବୁଲୁଛି ବୋଲି ଯେପରି ଭ୍ରାନ୍ତ ଧାରଣା ଦିନେ ଦୂରୀଭୂତ ହୋଇଛି ସେପରି ବୁଦ୍ଧ ନେପାଳର କପିଳବାସ୍ତୁରେ ନୁହେଁ ଓଡ଼ିଶାର କପିଳେଶ୍ୱରରେ ଜନ୍ମ ଗ୍ରହଣ କରିଥିଲେ ତାହା ପ୍ରମାଣିତ ହେବ ।

ବୁଦ୍ଧ ଯେ ଜଣେ ମହାନ୍ ବ୍ୟକ୍ତି ଏ କଥା ସମସ୍ତେ ଜାଣନ୍ତି । ରାଜ ଭବନରେ ଭୋଗ ବିଳାସ ତ୍ୟାଗ କରି ନିଜର ସମସ୍ତ ଜୀବନ ପରର ଉପକାର ପାଇଁ ବ୍ୟୟ କରିବା କଣ କମ୍ ତ୍ୟାଗର ବିଷୟ ? ପୁଣି ସେଥିପାଇଁ କେତେ ପ୍ରତି-ବନ୍ଧକ ସୃଷ୍ଟି ହୋଇଥିଲା । ସବୁ ସେ ଆଡ଼େଇ ଦେଇଛନ୍ତି । ସୁନ୍ଦରୀ ସ୍ତ୍ରୀ, ସୁକୁମାର ପୁତ୍ର, ବୃଦ୍ଧ ଜନକ ଏମାନଙ୍କୁ ତ୍ୟାଗ କରିବାତ ସାଧାରଣ ମନୁଷ୍ୟମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଆଉ ସେ ତ ରାଜକୁମାର । ତଥାପି କାହିଁକି ସେ ଏ ବ୍ରତ ବରିନେଲେ? ଏ ସବୁ ବିଷୟରେ ଚକ୍ରଧର ଗଭୀର ଗବେଷଣା ଚଳାଇ ଥିଲେ ଓ ବୁଦ୍ଧଙ୍କ ଜନ୍ମଠାରୁ ମୃତ୍ୟୁ ଯାଏଁ ଘଟିଥିବା ଘଟଣାବଳୀକୁ ନେଇ ତାଙ୍କର ଜୀବନୀ ଲେଖିବାକୁ ସ୍ଥିର କରିଥିଲେ ଓ ଲେଖି ଯାଇଛନ୍ତି ମଧ୍ୟ । ମାତ୍ର ତାହା ଲୋକଲୋଚନକୁ ଆସିବା ଆଗରୁ କାଳର କ୍ରୂର ଚକ୍ରାନ୍ତରେ ତାଙ୍କର ଜୀବନ ଦୀପ ଅକାଳରେ ଲିଭିଗଲା । ଆଉ କିଛି ବର୍ଷ ବଞ୍ଚି ଥିଲେ ସେ କେତେ ନୂତନ ତଥ୍ୟ ଜନସମାଜକୁ ଦେଖାଇ ଦେଇ ପାରିଥାଆନ୍ତେ ମାତ୍ର ତାହା ସମ୍ଭବ ହେଲନାହି ।



Digitized by srujanika@gmail.com

ପୁନର୍ଜନ୍ମ ନ ଘଟିବାକୁ ଅନେକେ କେତେ ତପସ୍ୟା କରିଥାନ୍ତି ମାତ୍ର ଚକ୍ରଧର ପୁର୍ନଜନ୍ମ ପାଇବେ ବୋଲି ଦଢ଼ ନିଶ୍ଚିତ ହୋଇ ଯାଇଛନ୍ତି । ମୃତ୍ୟୁର କିଛି ଦିନ ପୂର୍ବରୁ ସେ କହି ଯାଇଛନ୍ତି– "ମୋର ଅସମାପ୍ତ କାର୍ଯ୍ୟ ସବୁ ରହିଛି, ସେ ସବୁ ଏ ଜନ୍ମରେ ନ ହେଲେ ପୁନର୍ଜନ୍ମରେ ସାରିବି ।" ଅନେକ କିଛି ଏ ଜାତି ପାଇଁ ଦେଶ ପାଇଁ ସେ କରିବେ ବୋଲି ଭାବିଥିଲେ ମାତ୍ର ସମୟ ତାଙ୍କୁ ସେ ସୁଯୋଗ ଦେଲା ନାହିଁ । ତେବେ ପର ଜନ୍ମରେ ପୁଣି ଥରେ ତାହା ତାଙ୍କ ଦ୍ୱାରା ସାଧିତ ହେବ । ଏଥିରୁ ନିଶ୍ଚିତ ଧାରଣା କରିବାକୁ ହୁଏ ଯେ ସେ କିପରି ଦେଶପ୍ରାଣ ଓ ଜାତିପ୍ରାଣ ଥିଲେ । ଭବଭୂତିଙ୍କ କଥାରେ–

ଯେ ନାମ କେଚିଦିହ ନଃ ପ୍ରଥୟନ୍ତ୍ୟବଜ୍ଞା
ଜାନନ୍ତି ତେ କିମପି ତାନ୍ ପ୍ରତି ନୈଷ ଯତ୍ନଃ ।

ଉତ୍ପତ୍ସ୍ୟତେଽସ୍ତି ମମ କୋଽପି ସମାନଧର୍ମା
କାଳୋହ୍ୟୟଂ ନିରବଧି ର୍ବିପୁଳା ଚ ପୃଥ୍ୱୀ ।।

ପୃଥିବୀ ବିପୁଳ ଓ କାଳ ଚିରନ୍ତନ । ଭବିଷ୍ୟତରେ କେହି ଜନ୍ମ ନେବ ଏବଂ ସେ ରଚନାର ମୂଲ୍ୟକୁ ଉପଲବଧି କରିବ । ସାହିତ୍ୟିକ ଓ କବି ଆଦି ଉପେକ୍ଷିତ ହେଲେ ବି ସମାଜର ସମସ୍ତ କାଳରେ ଉପେକ୍ଷିତ ହୋଇ ରହି ପାରିବେ ନାହିଁ ।

ଏ ଜନ୍ମରେ ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିଲା ନାହିଁ ବୋଲି ସେ ଦୁଃଖିତ ହୋଇ ଯାଇଛନ୍ତି, ହୋଇପାରେ, ପରଜନ୍ମରେ ସେ ତାଙ୍କର ଉପଯୁକ୍ତ ପ୍ରାପ୍ୟ ପାଇ ପାରିବେ ।



Digitized by srujanika@gmail.com

# ସାହିତ୍ୟ-ସାଧକ ଚକ୍ରଧର ମହାପାତ୍ର

ଶ୍ରୀମତୀ ମଞ୍ଜୁବାଳା ମହାପାତ୍ର

ଉତ୍କଳର ସ୍ୱନାମଧନ୍ୟ ସାହିତ୍ୟିକ ମାନଙ୍କ ମଧ୍ୟରେ ଚକ୍ରଧର ମହାପାତ୍ର ଅନ୍ୟତମ । ସେଇ କୃତି ସନ୍ତାନଙ୍କର ଜନ୍ମ ୧୯୦୮ ମସିହାରେ କଟକ ଜିଲ୍ଲାର ନରସିଂହପୁର ଗ୍ରାମରେ ଏକ ଅଭିଜାତ ପରିବାରରେ ହୋଇଥିଲା ।

ସ୍ୱର୍ଗତ ମହାପାତ୍ର ଜଣେ ଲବ୍ଧ ପ୍ରତିଷ୍ଠିତ ଲେଖକ ଭାବରେ ସୁପରିଚିତ । ପ୍ରଗତିବାଦୀ ଯୁଗ ସହିତ ତାଳ ମିଳାଇ ତାଙ୍କର ସାହିତ୍ୟ ସ୍ୱଚ୍ଛ ସଲୀଳା-ତଟିନୀ ପରି ଗତିମୁଖର ଥିଲା । ତାଙ୍କ ରଚିତ କାବ୍ୟ, କବିତା, ଉପନ୍ୟାସ, ପ୍ରବନ୍ଧ ଆଦି ଓଡ଼ିଆ ସାହିତ୍ୟ–ଗନ୍ତାଘରର ବହୁମୂଲ୍ୟ ସଂପଦର ସ୍ମାରକୀ । ଜୀବନ ଜଂଜାଳ ମଧ୍ୟରେ ଥାଇ ସେ ସ୍ୱକୀୟ ସାହିତ୍ୟ ସାଧନାରେ ନିଜକୁ ହଜାଇ ଦେଇଥିଲେ । ଆଧୁନିକ ଜୀବନର ନାନା ଜଟିଳତା ମଧ୍ୟରେ ସେ ପ୍ରବେଶ କରିବା ପାଇଁ ଆଶାର ମୀନାର ଗଢି ନ ଥିଲେ ।

ତାଙ୍କର କବି ହୃଦୟ ଜୀବନର ପୂର୍ଣ୍ଣତା ଆଡ଼କୁ ଏକ ନିର୍ବିକାର ପ୍ରଶାନ୍ତି ମଧ୍ୟରେ ସହଜ-ସରଳଭାବରେ ଗତି କରି ଚାଲିଥିଲା । ସେଇ ଦୂରଦର୍ଶୀ ଉଦାରମନା କବିଙ୍କ ଦ୍ୱାରା ରଚିତ ପୁସ୍ତକାବଳୀ ମଧ୍ୟରେ 'କଳା କାଇଁଚ, 'ପାଇକ ଭାଇ' 'କିଶୋରୀ', 'ଗଡ଼ଜାତ କୃଷକ' ପ୍ରଭୃତି ଉଲ୍ଲେଖଯୋଗ୍ୟ । ଉତ୍କଳର ଦରିଦ୍ର ପ୍ରଜା ଗଡ଼ଜାତ ଅଞ୍ଚଳସ୍ଥିତ କୃଷକର ଜୀବନ ତଥା ବିଦ୍ରୋହୀ ଦେଶପ୍ରେମୀ ପାଇକ ଭାଇ ମାନଙ୍କର ରଣ ହୁଙ୍କାର ବର୍ଣ୍ଣନା ତାଙ୍କ ଲେଖନୀର ଗତିକୁ ଦ୍ୱିଗୁଣିତ କରି ଦେଇଛି । ଏତଦ୍‌ବ୍ୟତୀତ ସ୍ୱଦେଶର ପଲ୍ଲୀ ପ୍ରକୃତିର ମନୋରମ ଆଲେଖ୍ୟ ଏବଂ ରାଜନୈତିକ ତଥା ଐତିହାସିକ ପରିବେଶର ନିଖୁଣ ବର୍ଣ୍ଣନାରେ ସେ ଜଣେ ସୁଦକ୍ଷ ଶିଳ୍ପୀ ଥିଲେ ।

ସ୍ୱର୍ଗତ ମହାପାତ୍ରଙ୍କର ବହୁମୁଖୀ ପ୍ରତିଭା ପର୍ଯ୍ୟାଲୋଚନା କଲେ ଆଶ୍ଚର୍ଯ୍ୟ ଲାଗେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟର ଜ୍ଞାନକୋଷ ସଂପାଦନା ଏବଂ ପ୍ରକାଶନ ଦାୟିତ୍ୱରେ ଅନେକ ବର୍ଷ ବିତାଇବା ପରେ ଅବସର ଗ୍ରହଣ କରିଥିଲେ । ୧୯୨୮ ମସିହାରେ ତାଙ୍କଦ୍ୱାରା 'ଲିଖିତ ଗୋବର ଗୋଟେଇ' ଉପନ୍ୟାସ ମାଧ୍ୟମରେ ସେ ତତ୍‌କାଳୀନ ସମାଜରେ ଅସବର୍ଣ୍ଣ ବିବାହ ସଂପର୍କରେ ସ୍ୱରୋତ୍ତଳନ କରିଥିଲେ । ସେ ନୈଷ୍ଠିକ ହିନ୍ଦୁ ଥିବାରୁ ସ୍ୱଧର୍ମ ପ୍ରତି ଖୁବ୍ ସଚେତନ ଥିଲେ ।

ଅନ୍ୟାନ୍ୟ ରଚନା ମଧ୍ୟରୁ 'ଅପୂର୍ଣ୍ଣ ପ୍ରେମ' 'ବଳାଙ୍ଗୀ', 'ରଣ ମାଧୁରୀ', 'ଖଞ୍ଜେଇ ନାହାକାଣୀ', ହସିଲା ଜହ୍ନ' ଆଦି ଉପନ୍ୟାସ ଉତ୍କଳର ଜନ ସମାଜର ପ୍ରେମ, ବିରହ, ବିଚ୍ଛେଦ, ସ୍ୱଦେଶ ପ୍ରୀତି ଇତ୍ୟାଦି ବର୍ଣ୍ଣନାରେ ରଙ୍ଗିମନ୍ତ । ଦେଶରେ ସାଂସ୍କୃତିକ ଜାଗରଣ ଏବଂ ସମାଜ ସଚେତନତା ଆନୟନ ଲେଖକଙ୍କର ମୂଳ ଲକ୍ଷ୍ୟ ଥିଲା ।

ଶୁଷ୍କ ନୀରସ ବୌଦ୍ଧିକତା ଅପେକ୍ଷା ଜୀବନର ଆବେଗ ଅନୁଭୂତିକୁ ସରଳ କୋମଳ ଭାବରେ ରୂପଦାନ କରିବାରେ ତାଙ୍କର ଆଗ୍ରହ ଅପରିସୀମ ମନେହୁଏ । କଳ୍ପନାର ଇନ୍ଦ୍ରଜାଲରେ ପାଠକ ମାନଙ୍କୁ ଛନ୍ଦ ଦେବାକୁ ସେ ଚାହାନ୍ତି ନାହିଁ । ଭାଷାରେ କ୍ଳିଷ୍ଟତା ତାଙ୍କ ରଚନାରେ ପ୍ରାୟ ଦେଖିବାକୁ ମିଳେନା ।

'ଗୋବର ଗୋଟେଇ' ଉପନ୍ୟାସ ପାଇଁ ସେ ଖୁବ୍ ଲୋକପ୍ରିୟ ହୋଇଯାଇଥିଲେ । ସେ ଅସହଯୋଗ ଆନ୍ଦୋଳନରେ ଭାଗନେଇ ସ୍ୱଦେଶ ପ୍ରୀତିର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ସେ ଖୁବ୍ ସ୍ପଷ୍ଟବାଦୀ ଥିଲେ ଓ ନିର୍ଭୀକ ଭାବରେ ନିଜର ଗବେଷଣା ପ୍ରସୂତ ବଚରଧାରାକୁ ପ୍ରକାଶ କରିବାକୁ କୁଣ୍ଠାବୋଧ କରୁ ନ ଥିଲେ ।



Digitized by srujanika@gmail.com

'ଲୋକ ସାହିତ୍ୟ' ର ସଂଗ୍ରାହକ ଭାବରେ ତାଙ୍କର କୃତି ଅବିସ୍ମରଣୀୟ । ଓଡ଼ିଶାର ପୁରପଲ୍ଲୀରେ ଲୁପ୍ତପ୍ରାୟ ଗାଉଁଲୀ-ଗୀତ ଓ ଢଗ ଢମାଳି ସଂଗ୍ରହ କରିବାରେ ସେ ଆଗ୍ରହୀ ଥିଲେ । ସଂଗୃହୀତ ଲୋକଗୀତ 'ଉତ୍କଳ ଗାଉଁଲୀ ଗୀତ' ନାମରେ ପ୍ରକାଶିତ । ଏତଦ୍‌ବ୍ୟତୀତ ଆହୁରି ଅନେକ ଅପ୍ରକାଶିତ ପାଣ୍ଡୁଲିପି ରହିଛି । ତାଙ୍କର ବହୁ ପ୍ରବନ୍ଧ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିଲା । କବି ଜୟଦେବଙ୍କୁ ସେ ଓଡ଼ିଆ ବୋଲି ପ୍ରମାଣିତ କରିବା ପାଇଁ ଏବଂ ବୁଦ୍ଧଦେବଙ୍କୁ ଆଧୁନିକ ଭୁବନେଶ୍ୱର ନିକଟସ୍ଥ କପିଳେଶ୍ୱର ଗ୍ରାମରେ ଜନ୍ମଲାଭ କରିଥିବା ବିଷୟ ପ୍ରମାଣିତ କରିବା ପାଇଁ ଅନେକ ଗବେଷଣାତ୍ମକ ରଚନା ପ୍ରସ୍ତୁତ କରିଯାଇ ଅଛନ୍ତି । 'ରିଏଲ୍ ବାର୍ଥ ପ୍ଲେସ୍ ଅଫ୍ ବୁଦ୍ଧ' ଏହାର ଜ୍ୱଳନ୍ତ ନିଦର୍ଶନ ।

ବିଶିଷ୍ଟ ଗବେଷକ ତଥା ସାହିତ୍ୟ ସାଧକ ଭାବରେ ସେ ଉତ୍କଳରେ ସୁପରିଚିତ ! ସ୍ୱର୍ଗତ ମହାପାତ୍ରଙ୍କ ରଚିତ ବହୁ ଆୟାସସାଧ୍ୟ ଗବେଷଣାଲବ୍ଧ ପୁସ୍ତକ 'ଓଡ଼ିଶା ଇତିହାସର ଏକ ଅଜ୍ଞାତ ଅଧ୍ୟାୟ' ଲେଖକଙ୍କର ଐତିହାସିକ ଗବେଷଣା ମନୋବୃତ୍ତିର ପରିଚୟ ପ୍ରଦାନ କରିଥାଏ । 'ଯଦୁମଣି ଗ୍ରନ୍ଥାବଳୀ' ସଂପାଦନା ମଧ୍ୟ ସେ କରିଥିଲେ । 'କୁନ୍ତଳା କୁମାରୀଙ୍କ ଜୀବନ ଚରିତ' ପୁସ୍ତକ ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ ହେଁ ତାହା ପ୍ରତ୍ୟାଖ୍ୟାନ କରିଥିଲେ ।

୧୯୮୨ ମସିହା ଆଶ୍ୱିନ ଶୁକ୍ଳ ସପ୍ତମୀର ପବିତ୍ର ଅବକାଶରେ ସ୍ୱର୍ଗତ ମହାପାତ୍ର ଇହଲୀଳା ସମ୍ବରଣ କଲେ । ଓଡ଼ିଆ ସାହିତ୍ୟ ଜୀବିତ ଥିବା ପର୍ଯ୍ୟନ୍ତ ତାଙ୍କ ରଚନାବଳୀର ଆଦର ଓ ଗୌରବ ଅକ୍ଷୁନ୍ନ ରହିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ପରିଶେଷରେ ତାଙ୍କର ଶୁଭେଚ୍ଛୁ, ଛାତ୍ର ଛାତ୍ରୀ ତଥା ବନ୍ଧୁମାନଙ୍କ ଗହଣରେ ଆମର ପ୍ରାର୍ଥନା; ଶ୍ରୀ ଜଗନ୍ନାଥ ସେଭଳି ମହାନ୍ ଆତ୍ମାର ସଦ୍‌ଗତି କରନ୍ତୁ ।



Digitized by srujanika@gmail.com

# ସଙ୍ଗେ ଯଦି ନ ଆସେ କେଉ
# ଏକଲା ଚଲରେ

ଶ୍ରୀ ସୁରସୁନ୍ଦର ମହାପାତ୍ର

୧୯୮୨ ମସିହା ଅକ୍ଟୋବର ୨୪ ତାରିଖ ମୋ ଜୀବନର ସବୁଠାରୁ ସ୍ମରଣୀୟ ଦିବସ । ପବିତ୍ର ମହା-ସପ୍ତମୀ ତିଥି ଆମ ପାଇଁ ଚିର ପବିତ୍ର ହୋଇ ରହିବ । ଆଜି ମୁଁ ଯୌବନର ଶେଷ ପାଦରେ । ଠିକ୍ ଏହିଭଳି ଆଉ ଗୋଟିଏ ଦିନ ମୋ ଜୀବନରେ ଆସିଥିଲା । ୧୯୫୩ ମସିହା ଜୁଲାଇ ୫ ତାରିଖ । ମୋର ପ୍ରାଣପ୍ରିୟ ବଡ଼ ଭାଇ ସ୍ୱର୍ଗତ ପ୍ରେମ ସୁନ୍ଦରର ନୌକା ଦୁର୍ଘଟଣା ଜନିତ ମୃତ୍ୟୁ ସମ୍ବାଦରେ । ମାତ୍ର ଭାଇଙ୍କୁ ଦେଖିବାର ସୁଯୋଗ ପାଇ-ନଥିଲି । ସେତେବେଳେ ମୁଁ କିଶୋର । କିନ୍ତୁ ବାପାଙ୍କର ମୃତ୍ୟୁ ମୁଁ ଆଖିରେ ଦେଖିଲି । ଜୀବନରେ ଏହା ଥିଲା ମୋର ପ୍ରଥମ ଅଭିଜ୍ଞତା ।

ମୋର ୩ ବର୍ଷ ବୟସର କଥା ଏବେ ବି ମନେ ପଡ଼େ । ବାପାଙ୍କ ସହ ଅନେକ ଥର ନାନା ସ୍ଥାନକୁ ଯାଇଛି । ମୋର ଜ୍ଞାନ ଆସିବା ଦିନଠାରୁ ଜାଣିଛି ଯେ ସେ ଥିଲେ ଜଣେ ଉଗ୍ର ଜାତୀୟବାଦୀ । ୧୯୪୦ ମସିହାରେ ରାଜଚତ୍ୱର ପରିସର ମଧ୍ୟରେ ଥାଇ ମଧ୍ୟ ସେ ସ୍ୱାଧୀନତାର ସ୍ୱପ୍ନ ଆମ୍ଭମାନଙ୍କ ମନରେ ଉଦ୍ରେକ କରାଇଥିଲେ । ବାପା ଥିଲେ ନରସିଂହପୁର ରାଜ୍ୟର ଦେବୋତ୍ତର ମ୍ୟାନେଜର । ଏଣୁ ଅଧିକାଂଶ ସମୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତକୁ ଗସ୍ତରେ ଯାଆନ୍ତି । ପ୍ରତିଥର ଭାଇ ପ୍ରେମ ସୁନ୍ଦର, ମୁଁ ଏବଂ ସାନଭାଇ ପ୍ରିୟସୁନ୍ଦରକୁ ନେଇଥାନ୍ତି । ଗାଡ଼ିରେ ବସି ବଣ ପାହାଡ଼ ଘେରା ରାସ୍ତାଦେଇ ଗଲାବେଳେ ପ୍ରାତଃ ସମୟରେ ସେ ଆମକୁ ଶିଖାନ୍ତି ଗୀତ କବିଗୁରୁ ରବୀନ୍ଦ୍ରନାଥଙ୍କର ।

"ଜନଗଣମନ ଅଧିନାୟକ ଜୟହେ
ଭାରତ ଭାଗ୍ୟ ବିଧାତା"

ସେହିପରି ବିଦ୍ରୋହୀ କବି ଜନରୁଲ ଇସ୍‌ଲାମ୍‌ଙ୍କର

"ଦୁର୍ଗମ ଗିରି କାନ୍ତାର ମରୁ ଦୁସ୍ତର
ପାରାବାର ହେ
ଲଂଘିତେ ହବେ ରାତ୍ର ନିଶିଥେ
ଯାତ୍ରୀର ହୁସିଆର ହେ ।"

ସେହି ବାଲ୍ୟାବସ୍ଥାରୁହିଁ ଆମେମାନେ ଉଗ୍ର ଜାତୀୟ-ବାଦୀ ହୋଇ ଉଠିଥିଲୁ । ଏବଂ ତାର ଜ୍ୱଳନ୍ତ ପ୍ରମାଣ ଥିଲା ମୋର ସ୍ୱର୍ଗତ ବଡ଼ଭାଇ ପ୍ରେମ ସୁନ୍ଦର । କିନ୍ତୁ ବିଧିର ବିଧାନ ଅଲଗା । ଏଣୁ ମୋ ବାପାଙ୍କୁ ଚିର ଦିନ ପାଇଁ ଶୋକ ସାଗରରେ ଭସାଇ ଦେଇ ସେ ଚାଲିଗଲା ଅମର ଧାମକୁ ।

ମୋ ବାପାଙ୍କର ଜୀବନ ଥିଲା ଏକ ଅଲୌକିକ ଜୀବନ । ଉତ୍କଳର ଏକ ପ୍ରଖ୍ୟାତ ପରିବାରରେ ଜନ୍ମ ହୋଇ ମଧ୍ୟ ଶୈଶବରୁ ସେ ଥିଲେ ପିତୃହରା ଓ ଭ୍ରାତୃ-ହରା । ଏହି କାରଣରୁହିଁ ସେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିଲେ । ମାତ୍ର ତାଙ୍କର ପ୍ରତିଭା ତାଙ୍କୁ ଉଚ୍ଚରୁ ଉଚ୍ଚତର କରିପାରିଥିଲା । ସେ ବଣର ମାଳତୀ ନ ଥିଲେ । ତାଙ୍କୁ କେହି ଅନ୍ଧକାରରୁ ଆଲୋକକୁ ଆଣି ନ ଥିଲା । ସେ ଭଗବାନ ବୁଦ୍ଧଙ୍କର ସେଇ ଚିର ନମସ୍ୟ ବାଣୀ ପରି ନିଜେ ନିଜକୁ ଆଲୋକିତ କରି ପାରିଥିଲେ ।

ସେ ସ୍ୱର୍ଗତ କୁନ୍ତଳା କୁମାରୀଙ୍କ ସହ ଅତି ଘନିଷ୍ଠ ହୋଇ ପାରିଥିଲେ । ମାତ୍ର କଟକର ଖ୍ରୀଷ୍ଟିଆନ୍ ଡାକ୍ତର କୁନ୍ତଳା କୁମାରୀ ନରସିଂହପୁରର ଅଭିଜାତ୍ୟ ବ୍ରାହ୍ମଣ ପରିବାରର ଚକ୍ରଧରଙ୍କୁ ଜାଣିଲେ କିପରି ? ଚକ୍ରଧର ସମ୍ବାଦ ପତ୍ରରୁ କୁନ୍ତଳା କୁମାରୀଙ୍କ ବିଷୟରେ ପଢି ଏବଂ ତାଙ୍କ ରଚନାରେ ମନ୍ତ୍ର-ମୁଗ୍ଧ ହୋଇ କିଶୋରାବସ୍ଥାରେ ଚିନ୍ତା କରିଥିଲେ ଯେ କୁନ୍ତଳା କୁମାରୀଙ୍କ ସାହଚର୍ଯ୍ୟ ଦ୍ୱାରା ସେ ନିଜକୁ ପରିପୁଷ୍ଟ କରି ପାରିବେ । ଏଣୁ ଏଇ ସତ୍ୟ ପ୍ରମାଣିତ କରିବା ପାଇଁ ସେ କୁନ୍ତଳା କୁମାରୀଙ୍କୁ ଏକ ଚିଠି ଲେଖି ସେଥିରେ ଉଲ୍ଲେଖ କରିଥିଲେ "ମୁଁ ଉତ୍କଳର ଏକ ସଂଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମ । ମୋର ମନେହୁଏ ମୁଁ ଆପଣଙ୍କ ସାହଚର୍ଯ୍ୟ ଲାଭ-କଲେ ନିଜର ଉନ୍ନତି କରି ପାରିବି । ମାତ୍ର ମନେ ରଖିବେ ଆପଣଙ୍କ ସାହାଯ୍ୟ ପାଇଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବିନି" । ଏଭଳି ଦାମ୍ଭିକ ଉକ୍ତି ସମ୍ଭବତଃ ପୃଥିବୀ ଇତିହାସରେ ଖୁବ୍ କମ୍ ଦେଖିବାକୁ ମିଳେ । ଆମେ ସ୍କୁଲ ବହିରେ ପଢ଼ିଥିଲୁ କର୍ସିକାର ସେଇ ଗରିବ କୃଷକ ପିଲା ପଇସା ଅଭାବରୁ କୋଳିବାଲାଠାରେ ଲାଞ୍ଛିତ ହେବା ବେଳେ ସହପାଠୀ ମାନେ ଯେତେବେଳେ ଉପହାସ କରୁଥିଲେ, ସେ କହିଥିଲେ ମୁଁ ଯଦି କେବେ ଫ୍ରାନ୍ସର ଭାଗ୍ୟ ବିଧାତା ହେବି ଏହାର ପ୍ରତିଶୋଧ ନେବି ।

୧୯୩୬ ମସିହା ପର୍ଯ୍ୟନ୍ତ ତାଙ୍କର କୁନ୍ତଳା କୁମାରୀଙ୍କ ସହ ବିଶେଷ ସଂପର୍କ ଥିଲା । ମାତ୍ର କୁନ୍ତଳା କୁମାରୀ ଦିଲ୍ଲୀରେ ରହିବା ପରେ ବାପା କାଳଚକ୍ରରେ ରାଜକୀୟ ଚାକିରୀ ମଧ୍ୟରେ ପ୍ରବେଶ କରିଥିଲେ । ୧୯୩୬ରୁ ୧୯୬୦ ପର୍ଯ୍ୟନ୍ତ ସେ ନରସିଂହପୁରର ଦେବୋତ୍ତର ମ୍ୟାନେଜର ଥିଲେ । ମାତ୍ର ୧୯୬୦ରେ ପୁନର୍ବାର ସାହିତ୍ୟ ଆଡ଼କୁ ଆକର୍ଷିତ ହୋଇ କଟକରେ ବସବାସ କଲେ । ଯଦିଓ ବାପାଙ୍କର ଉପଯୁକ୍ତ



Digitized by srujanika@gmail.com

ଦାୟାଦ ଭାବରେ ମୁଁ ନିଜକୁ ଗଢି ପାରିନି ତଥାପି ମୁଁ ସ୍ପଷ୍ଟ ଭାବରେ ଜାଣେ ଯେ ବାପାଙ୍କ ଜୀବନର ପାଥେୟ ଥିଲା କବିଗୁରୁ ରବୀନ୍ଦ୍ରନାଥଙ୍କର ଏହି ପଦଟି । "ସଙ୍ଗେ ଯଦି ନ ଆସେ କେଉ ଏକଲା ଚଲରେ" କାରଣ ନିଃସଙ୍ଗ ଭାବରେ ହିଁ ସେ ଜୀବନ ଆରମ୍ଭ କରିଥିଲେ ଏବଂ ଶେଷ ପର୍ଯ୍ୟନ୍ତ ସେଇ ନିଃସଙ୍ଗ ଭାବରେ ସାହିତ୍ୟ ଚର୍ଚ୍ଚା କରି ସେ ଚାଲିଗଲେ । ଏହାର ଅର୍ଥ ନୁହେଁ ଯେ ସେ ବନ୍ଧୁହୀନ ଥିଲେ ବା ସମାଜରୁ ଅଲଗା ଥିଲେ । କିନ୍ତୁ ତାଙ୍କର ପ୍ରତ୍ୟେକ କାର୍ଯ୍ୟରେ କେହି ତାଙ୍କୁ ସାହାଯ୍ୟ କରି ନଥିଲେ । ଚକ୍ରଧର ମହାପାତ୍ର ଏକାଧାରରେ ଥିଲେ ସାହିତ୍ୟିକ, ଗବେଷକ, ଐତିହାସିକ, ରାଜନୀତିଜ୍ଞ, ସାମ୍ବାଦିକ ଓ ପ୍ରତ୍ନତାତ୍ତ୍ୱିକ । ବାଲ୍ୟକାଳରୁ ୧୯୫୩ ମସିହା ପର୍ଯ୍ୟନ୍ତ ସେ ରାଜନୀତିରେ ସକ୍ରିୟ ଥିଲେ । ମାତ୍ର ବଡପୁଅର ଦୁର୍ଘଟଣା ଜନିତ ମୃତ୍ୟୁପରେ ସେ ରାଜନୀତିରୁ ନିଜକୁ ଅଲଗା କରି ଦେଇଥିଲେ । ନରସିଂହପୁରରେ ଥିଲା ବେଳେ ସେ ପ୍ରତ୍ନତତ୍ତ୍ୱ ପ୍ରତି ଆକର୍ଷିତ ହୋଇଥିଲେ । ଏବଂ ନରସିଂହପୁରର ଅଦୂରରେ ମହାନଦୀ ବକ୍ଷରେ ଥିବା ବାଣେଶ୍ୱର ପାହାଡ଼ରେ ଖନନ କରାଇ ବୁଦ୍ଧଙ୍କର ଅନେକ ଗୁଡ଼ିଏ ପ୍ରାଚୀନ ମୂର୍ତ୍ତି ଉଦ୍ଧାର କରାଇଥିଲେ । ସେହିଭଳି ସାମ୍ବାଦିକତା କ୍ଷେତ୍ରରେ ନରସିଂହପୁରରୁ ସେ "ଭଦ୍ରଲୋକ" ନାମରେ ଏକ ମାସିକ ସମାଲୋଚନା ମୂଳକ ସାହିତ୍ୟ ପତ୍ରିକା ପ୍ରକାଶ କରୁଥିଲେ । ମାତ୍ର ତାଙ୍କର କେତେକ ସାହିତ୍ୟିକ ବନ୍ଧୁଙ୍କର କୁଚକ୍ରାନ୍ତ ଫଳରେ ସେ ପତ୍ରିକାଟି ବେଶୀ ଦିନ ତିଷ୍ଠି ପାରି ନ ଥିଲା ।

ଚକ୍ରଧର ମହାପାତ୍ର ଭାବରେ ସେ ନିଜକୁ ବିଶ୍ୱର ନାନା ସ୍ଥାନରେ ପରିଚତ କରାଇ ପାରିଥଲେ । ଏବେ ମଧ୍ୟ ତାଙ୍କଦ୍ୱାରା- ପ୍ରଥମେ ସଂକଳିତ ଏକ୍‌ସ କଟ୍ରାସ ଅଫ୍ ଓଡ଼ିଆ ଫେକ୍‌ଲର୍ ଯୁକ୍ତରାଷ୍ଟ୍ରର ହାର୍ଭାଡ଼ ବଶ୍ୱବିଦ୍ୟାଳୟ ପୁସ୍ତକାଗାରରେ ଅଛି । ସେ ଜୀବନ ସାରା ଏକାକୀ ଭାବରେ ସବୁ କିଛି କରିଛନ୍ତି । ମୋର ଜ୍ଞାତସାରରେ ଆଜିର ଅନେକ ବିଜ୍ଞ ଓ ବିତ୍ତଶାଳୀ ବ୍ୟକ୍ତି ତାଙ୍କର ସାହାଯ୍ୟ ପାଇଁ ନରସିଂହପୁର ଯାଇଛନ୍ତି । କିନ୍ତୁ ତାଙ୍କର ପରିଣତ ବୟସରେ ସେମାନେ ତାଙ୍କଠାରୁ ଦୂରେଇ ଯାଇଛନ୍ତି ।

ଗୋଟିଏ କ୍ଷୁଦ୍ର ଗଡ଼ଜାତରେ ଜନ୍ମି କୌଣସି ଉଚ୍ଚଶିକ୍ଷା ନପାଇ ସେ ଯେଉଁ ସୃଜନ କରିଯାଇଛନ୍ତି ଆଜି ଯଦି ଓଡ଼ିଶା ତାକୁ ଗ୍ରହଣ ନକରେ ଭବଷ୍ୟତର ବଂଶଧରମାନେ ନିଶ୍ଚୟ କରିବେ । ତାଙ୍କ ଜୀବନର ଅଧିକାଂଶ ଘଟଣାକୁ ଯଦି ମୁଁ ବର୍ଣ୍ଣନା କରିବି ତାହା ଏକ ବିରାଟ ପୁସ୍ତକ ହେବ । କିନ୍ତୁ ତାଙ୍କର ସ୍ମରଣିକାରେ ବହୁ ଉପାଦେୟ ପ୍ରବନ୍ଧ ପ୍ରକାଶ ପାଉଥିବା ବେଳେ ମୁଁ ତାଙ୍କର ଦାୟାଦ ଭାବରେ ଅଧିକ ପ୍ରଚେଷ୍ଟାରୁ ନିବୃତ୍ତ ହେଉଛି ।

କବିଗୁରୁ ରବୀନ୍ଦ୍ରନାଥଙ୍କର ସେଇ ପଦ୍ୟାଂଶକୁ ସେ ଯଥାର୍ଥରେ ପ୍ରତିପାଦିତ କରି ଇହଧାମ ପରିତ୍ୟାଗ କରିଛନ୍ତି । ତାଙ୍କର ମର ଶରୀର ଆଉ ନାହିଁ । କିନ୍ତୁ ସେ ତାଙ୍କର ରଚନାବଳୀ ଦ୍ୱାରା ଓଡ଼ିଆ ପ୍ରାଣରେ ଅମର ହୋଇ ରହିଛନ୍ତି ଏବଂ ରହିବେ ।



Digitized by srujanika@gmail.com

# ଅମର ଆତ୍ମାକୁ

ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱାଇଁ

ଆହେ ବାବୁ ଚକ୍ରଧର ଓଡ଼ିଆ ଜାତି ଠାକୁର
ଭଲ କି ଲାଗିଲା ସ୍ୱର୍ଗ, ତେଜିଗଲ ମର୍ତ୍ତ୍ୟପୁର ।

ମାତୃଭୂମି ମାତୃଭାଷା ସ୍ୱଜାତି ଭରା ମମତା
କେତେଦିନ ପାଇଁ କ'ଣ ଲାଗିଲା ହେ ଏତେ ପିତା ।

ସାହିତ୍ୟର ଦରବାରେ ଥିଲ ପୂଜ୍ୟ ତୁଙ୍ଗ ନେତା
ଲେଖନୀରେ ଦେଉଥିଲ ଭଳି ଭଳି ନୂଆବାର୍ତ୍ତା ।

ତୁମେ ଥିଲ ସତ୍ୟ ଶାନ୍ତି ଦୟା କ୍ଷମା ଅବତାର
ମାନବବାଦର ଶିଳ୍ପୀ ଦିବ୍ୟଦ୍ରଷ୍ଟା ରସବୀର ।

ଓଡ଼ିଶାର ଇତିହାସେ ଆଣିଥିଲ ନୂଆଧାରା
ଓଡ଼ିଆ ପୁଅର ଟେକ ରଖିଥିଲ ଦିନେ ପରା ।

କେତେବଡ଼ ଆଶା ଆମ ଅପୂର୍ଣ୍ଣ ରଖିଲ
ପୁଣ୍ୟବଳେ ତରିଯାଇ ଶୂନ୍ୟକଲ ମା'କୋଳ ।

ରହିଛନ୍ତି କୋଟି କୋଟି ଭାଇ ଓ ଭଉଣୀ ପୂରି
ତଥାପି ଗୋଟିକ ପାଇଁ ମରିଯିବୁ ଝୁରି ଝୁରି ।

ମାଟିଦେହ ଗୋଟି ତୁମ ମାଟିରେ ମିଶିଛି ସତ
ଚିର ଅମର ହେ ଏଠି ତୁମେ ଏ ସୃଷ୍ଟି ସାହିତ୍ୟ ।

ଶେଷ ସୁଦ୍ଧା ଦେଖିଲନି ଶୁଣିଅଛି କାନେକାନେ
ହେ ସଂସ୍କାରକାମୀ ବୀର କ୍ଷମା ଦେବ ମନେମନେ ।

ତୁମ ଯଶ ତୁମ କୀର୍ତ୍ତି ପାଇଁ ମନ ସଦା ଝୁରେ
ହେ ମହାତ୍ମା, କେବେ ପୁଣି ଜନମିବ ଆମ ଗ୍ରାମ ଧୂଳିଘରେ ।

ଆମ ଜାତି କୋଣାରକେ ତୁମେ ହିଁ 'ଧରମା' ହୋଇ
ବାନ୍ଧୁଥାଅ ଚୂଳ ଗୋଟି କଲମେ ମୋ ସଦା ଜୀଇ ।

ଶେଷରେ ହେ ଧର୍ମବୀର କର୍ମବୀର ଚକ୍ରଧର
ଘେନ ତୁମେ ମୋ ତରଫୁ ଆମ ଜାତି ନମସ୍କାର ।



Digitized by srujanika@gmail.com

# ଚକ୍ରଧର ସ୍ମରଣେ

ଶ୍ରୀ କୁଳମଣି ମହାରଣା

ଚରମ ଆଘାତ ଦେଇ ଗ୍ଲିଗଲ 'ହରିପୁତ୍ର' ହରିପୁରେ
କ୍ରବ୍ୟାଦ କାଳର ଆମନ୍ତ୍ରଣ ହେଲ 'ପଞ୍ଚସ୍ତରୀ' ବରଷରେ ।

ଧନଦ ସମାନ ଭାରତୀ ଭଣ୍ଡାରେ ସାଇତି ବହୁ ବିଭବ
ରଚନା ସମ୍ଭାର ଲୋକଗୀତିକାର ସଂଗ୍ରାହକ ମହାଭାବ ।

ମହାନ କୀରତି "ଉତ୍କଳ ଗାଉଁଲି ଗୀତ" ତବ ଅବଦାନ
ହାରିନାହଁ ନିଜ ସ୍ୱାଧୀନ ଚେତନା ହାରିନାହଁ ସ୍ୱାଭିମାନ ।

ପାଠକ ଅନ୍ତରେ "ଗୋବର ଗୋଟେଇ" ନେଖିଚି ଅଲିଭା ଗାର
ତ୍ରସ୍ତହୀନ ମନେ "ବୁଦ୍ଧ, ଜୟଦେବ" ପ୍ରମାଣିଛ ଉତ୍କଳର ।

ତ୍ରପା ଲଗେ ତବ ଅନବଦ୍ୟ ସୃଷ୍ଟି ଲଭିନାହିଁ ସନମାନ
ପାଟବ ପ୍ରକଟ 'ମାନସିଂହ' ସହ 'ଜ୍ଞାନକୋଷ' ସଂକଳନ ।

ହାଟକ ପରାୟେ 'କୁନ୍ତଳା କୁମାରୀ ଜୀବନ ଚରିତ' ଗାଥା
ମଧୁମୟ ତବ ମସୀଧାର ଝରା ଢ଼ଗଢମାଳି କବିତା ।

ରତ୍ନଗର୍ଭା ଗର୍ଭୁଁ ସମ୍ଭୂତ ହୋଇଲ ଗ୍ରାମ 'ନରସିଂହପୁରେ'
ଧରିଲ ଲେଖନୀ ତରୁଣ ବୟସୁ ଉଦ୍‌ଯାପିତ ପ୍ରୟାଣରେ ।

କ୍ରମାନ୍ୱୟେ ଗତି କଲ କାଳଚକ 'କଟକେ' ତ୍ରିଂଶ ବରଷ
ବିଗତ ଚବିଶ ଅକ୍‌ଟୋବରେ ହେଲ ଭବଅଭିନୟ ଶେଷ ।

'ଲୋମ ବିଲୋମିତ ମେଷଯୂଥ' ଛନ୍ଦେ 'ଆଦ୍ୟାକ୍ଷର' ଗୁଣିଗୁଣି
ସଦ୍‌ଗତି ମନାସି ଶ୍ରଦ୍ଧାଞ୍ଜଳି ବାଢ଼େ 'ଚକ୍ରଧରେ' 'କୁଳମଣି ।



Digitized by srujanika@gmail.com

# ହେ ସ୍ୱାଭିମାନୀ ଆତ୍ମା

ଡାକ୍ତର ପି. ପରଜା

ହେ ସ୍ୱାଭିମାନୀ ଆତ୍ମା ! ମୁ ଆପଣଙ୍କୁ ଦେଖି ପାରୁନାହିଁ ମାତ୍ର ଆପଣ ମୋତେ ଦେଖି ପାରୁଛନ୍ତି ଓ ମୋ କଥା ଆପଣ ଶୁଣି ପାରୁଛନ୍ତି ବୋଲି ମୁ ଅନୁଭବ କରୁଚି । ଆପଣ ମୋର ନମସ୍କାର ଗ୍ରହଣ କରନ୍ତୁ ।

କେବଳ ଜଣେ ସାହିତ୍ୟିକ, ଗବେଷକ ଭାବରେ ନୁହେଁ, ଆପଣ ସୁବିଧାବାଦୀ ମତଲବବାଦୀ ନୁହଁନ୍ତି ବୋଲି ନାନା ଭାବରେ ଯାଞ୍ଚ ପରତାଳ କଲାପରେ, ଆପଣଙ୍କୁ ଜଣେ ଭଦ୍ରଲୋକ ବୋଲି ଜାଣିଲି । ସେଥିପାଇଁ ଖବର ପାଇଲାକ୍ଷଣି ଆପଣଙ୍କ ଦୁଆରେ ସଭକ୍ତିରେ ହାଜର ହେଉଥିଲି । ପଡୋଶୀ ଭାବରେ ବହୁବର୍ଷ କଟିଲା । ଗୋଟିଏ ଘାଟିରୁ 'ହୋମିଓପାଥି' ଆପଣଙ୍କୁ ଉଦ୍ଧାର କରିଥିଲା । ହୋମିଓପାଥିର ସ୍ତାବକ ରୂପେ ଔଷଧ ରଖି ଘରେ ଦିଆନିଆ କରୁଥିଲେ । ଶେଷ-ଯାଏ ମଧ୍ୟ ସେଥିରୁ ଆପଣଙ୍କର ମମତା ତୁଟି ନଥିବା ଲକ୍ଷ୍ୟ କରିଚି । ପରାମର୍ଶ ପାଇଁ ଯେତେବେଳେ ଡାକିଛନ୍ତି ମୋ କର୍ତ୍ତବ୍ୟ କରିଚି । ଯଦି କେଉଁଠି ତ୍ରୁଟି ରହିଯାଇଥାଏ, କ୍ଷମା କରନ୍ତୁ ।

କୌଣସି କାମ ନଥାଇ ମଧ୍ୟ ବେଳେବେଳେ ଗପ କରିବାକୁ ମୋ ପାଖକୁ ଚାଲି ଆସନ୍ତି । ଆପଣଙ୍କ କଥାରେ ସ୍ୱଚ୍ଛତା, ସାବଲୀଳ ସ୍ୱତନ୍ତ୍ରଭଙ୍ଗୀ, ସଂସ୍କାରମୁକ୍ତ ମନ, ସ୍ୱାଭିମାନୀ ଜୀବନର କାହାଣୀରେ ମୁଁ ମୁଗ୍ଧ ମାତ୍ର, ମୋ କଥା ଆପଣଙ୍କୁ କଣ ଭଲ ଲାଗେ, ଆପଣ ଜାଣନ୍ତି । ଆପଣଙ୍କ ସହିତ କଥା ହେବା ବେଳେ ଆମ ଦୁହିଁଙ୍କର ପଡୋଶୀ ଗୋଦାବରୀଶ ବାବୁ (ନିଆଁଖୁଣ୍ଟା ପ୍ରତିଷ୍ଠାତା) ମନେ ପଡନ୍ତି । ମୋର ତାଙ୍କ ସହିତ ବୈପ୍ଳବିକ ରାଜନୀତି ସଂପର୍କରେ ଘଣ୍ଟାଘଣ୍ଟା ଧରି ଚର୍ଚ୍ଚା ଚାଲେ । ଯୁକ୍ତିତର୍କ ଚରମ ଅବସ୍ଥାକୁ ଗଲେ ମଧ୍ୟ ସହୃଦୟତା ଅତୁଟ ଥାଏ । ସେ ନମସ୍ୟ, କାହାରିକୁ ନ ଶୁଣାଇ ମଧ୍ୟ ତାଙ୍କ ସହିତ ମୋର କଥାବାର୍ତ୍ତା ଚାଲିଛି । ତାଙ୍କଠାରୁ ଉତ୍ତର ନ ପାଉଥିଲେ ମଧ୍ୟ ମୋର ଯାହା କହିବାର କଥା ତାଙ୍କୁ କହୁଚି !

ଗତାନୁଗତିକ ଜୀବନଧାରାରେ କିଛି ରସ ନାହିଁ, ଗନ୍ଧ ନାହିଁ, ମଜା ନାହିଁ, ନୂତନତା ନାହିଁ ବୋଲି ଯେଉଁମାନେ ଅନୁଭବ କରନ୍ତି ସେମାନେ ଦାରିଦ୍ର୍ୟକୁ ସାଥୀ କରି ନିଅନ୍ତି, ନହେଲେ ବଣ, ଜଙ୍ଗଲ, ପାହାଡ କାଟି ନୂଆ ରାସ୍ତା ଫିଟାଇ ପାରିବେ ନାହିଁ । "ପୁନରପି ଜନମ, ପୁନରପି ମରଣ" ଯଦି ସତ୍ୟ, ତାହାଲେ ଆପଣଙ୍କୁ କେଉଁଠି ସାକ୍ଷାତ କରି କୃତାର୍ଥ ହେବି କହନ୍ତୁ ।



Digitized by srujanika@gmail.com

# ସ୍ମୃତି ଏକ ମହାନ୍ ଆତ୍ମାର

ମନୋଜ ମଞ୍ଜରୀ ମିଶ୍ର

ଶରୀର ନଶ୍ୱର, ଆତ୍ମା ଅମର-ଚିର ସୁନ୍ଦର । ଏ ସଂସାରକୁ ଅନେକ ଆସିଛନ୍ତି ପୁଣି ବାହୁଡି ଯାଇଛନ୍ତି; କିନ୍ତୁ ସମସ୍ତଙ୍କ ସ୍ମୃତି ତ ମନରେ ଗାର କାଟି ଦିଏନି । ଦିଏ କେତେଜଣଙ୍କର—ଯେଉଁମାନେ ସେହିପରି ମହାନ୍ ଆତ୍ମାର ଅଧିକାରୀ ।

ସମୟର ରଥଚକ୍ର ଗଡିଗଡି ଯାଉଥିବ । ଆଜି ତୁମର ପାଳି ପଡିଲା ତ କାଲି ମୋର ପାଳି ବି ପଡିବ । ତେବେ ପାଳି ପଡିବା ଯାଏଁ ସମସ୍ତଙ୍କୁ ଅପେକ୍ଷା କରିବାକୁ ପଡିବ ହିଁ ପଡିବ—ସେ ଅପେକ୍ଷା ଯେତେ ଯନ୍ତ୍ରଣା ଦାୟକ ହେଉ ପଛେ ।

ଜୀବନ—ଯନ୍ତ୍ରଣାର ତ ଏକ ଅନ୍ୟ ନାମ । ତାହା ତ ସମସ୍ତେ ଜାଣନ୍ତି । ତେବେ ସେ ଯନ୍ତ୍ରଣା ହସି ହସି ସହ୍ୟ କରନ୍ତି କେତେଜଣ ? ଜୀବନ ଯୁଦ୍ଧରେ ନ ହାରିବାର ସଂକଳ୍ପ ରଖିଥାନ୍ତି କେତେଜଣ ?

ବାପା ! ତୁମେ ଥିଲ ସେଇ ଅବିନଶ୍ୱର ଆତ୍ମାର ପ୍ରତିନିଧି । ତୁମେ ଜୀବନ ଯନ୍ତ୍ରଣାକୁ ହସି ହସି ବରି ନେଇଥିଲ । ସୁଖ ଦୁଃଖ ତୁମ ନିକଟରେ ସମାନ ଥିଲା । ଜୀବନ ପରି ମୃତ୍ୟୁ ମଧ୍ୟ ଏକାନ୍ତ ସତ୍ୟ ଏହା ତୁମର ଜ୍ଞାତ ଥିଲା । ସେଇଥି ପାଇଁ ତୁମର ଶେଷ ନିଶ୍ୱାସ ଯାଏଁ ତୁମେ ଟିକିଏ ବି ଡ଼ରିଯାଇନ, ହସିହସି ସମସ୍ତଙ୍କଠାରୁ ବିଦାୟ ନେଇଛ । ମୃତ୍ୟୁପରେ ତମ ମୁଖମଣ୍ଡଳରେ ସେଇ ପ୍ରଶାନ୍ତ ଜ୍ୟୋତି ଯେ ଦେଖିଛି ସେ ଆଶ୍ଚର୍ଯ୍ୟ ହୋଇଛି । ତୁମର ସେ ସୁଠାମ ଶରୀର, ସେଇ ଉନ୍ନତ ନାସିକା, ବିରାଟ ଭାଲ ଦେଶ, ପଦ୍ମପଲାଶ ମୁଦ୍ରିତ ନୟନ, ରକ୍ତଜବା ସମ ଓଷ୍ଠ ଯେପରି ଦେବଲୋକର ଦେବତାର ଭ୍ରମ ଆଣି ଦେଉଥିଲା ।

ତୁମେ ଆଉ ଆଜି ଆମ ଭିତରେ ନାହଁ । ତୁମର ରକ୍ତ ମାଂସଧାରୀ ଶରୀର ସିନା ନାହିଁ, ହେଲେ ତୁମର ସେ ମହାନ ଆତ୍ମା ଆମ ଚତୁର୍ଦ୍ଦିଗରେ ବ୍ୟାପ୍ତ ହୋଇ ରହିଛି । ସେଇ ସ୍ମୃତି ଆମକୁ ଯୋଗାଉଛି ପ୍ରେରଣା । ବଞ୍ଚିରହିବା ପାଇଁ ଦେଉଛି ସାହସ ଓ ଦମ୍ଭ । ଜୀବନ ଯୁଦ୍ଧରେ ନ ହାରିବା ପାଇଁ ଦେଉଛି ଦୃଢ଼ ମନୋବଳ । ଅନ୍ଧାର ରାତିରେ ବାଟ ଚାଲିବା ପାଇଁ ଦେଖାଉଛି ଜଳିଲା ଦୀପଶିଖା । ତାକୁ କି ଆମେ ଭୁଲି ପାରିବୁ ?

ଦିନ ଯିବ, ରାତି ଆସିବ । ମାସ ଯିବ, ବର୍ଷ ପୂରିବ । ହେଲେ ତୁମର ସ୍ମୃତି କଣ ଭୁଲି ହେବ ?

ଖରାଦିନ ପୁଣି ଆସିବ । ଆସିବ ସାଥିରେ ଧରି ପ୍ରଚଣ୍ଡ ଗ୍ରୀଷ୍ମର ଉତ୍ତାପକୁ । ଆକାଶରେ ଚେନାଏ ମେଘ ନଥିବ, ପୃଥିବୀ ଉପରେ ଟୋପାଏ ବର୍ଷା ପଡୁନଥିବ, ଗଛପତ୍ର ଶୁଖି ଯାଇଥିବ ସେତିକିବେଳେ ସେଇ ରୌଦ୍ରଦଗ୍ଧ ଦ୍ୱିପ୍ରହର ବେଳେ, ଝାଞ୍ଜିପବନ ପିଟୁଥିବା ବେଳେ, ବିଜୁଳି ପଂଖା ବନ୍ଦ ହୋଇ ଯିବାବେଳେ—ବାପା ତୁମେ ମନେ ପଡିବ । ତୁମେ ଗ୍ରୀଷ୍ମ ସହ୍ୟକରି ପାରୁନଥିଲ । ଲାଇନ କଟିଗଲେ ବଡ ବ୍ୟସ୍ତ ବିବ୍ରତ ହୋଇ ଯାଉଥିଲ । ହାତରେ ବିଞ୍ଚଣା ଖଣ୍ଡିଏ ଧରି ଘର-ସାରା ବୁଲୁଥାଅ । ସେତିକିବେଳେ ପିଲାଦିନ କଥା ମନେ ପଡିବ । ଆମ ନରସିଂହପୁର ଘରେ ପାଳିକରି ଗଣି ଗଣି ଆମେ ଭାଇଭଉଣୀ ଯାକ ତୁମକୁ ପଂଖାରେ ବିଞ୍ଚିବା କଥା ଆଉ ବାଡିଆଡ ପୋଖରୀ କୂଳରେ ଆମ୍ବଗଛ ମୂଳେ ପାଚିଲା ଆମ୍ବ ଖାଇବା କଥା । ପାଚିଲା ଆମ୍ବ ତୁମେ କେତେ ଭଲ ନ ପାଉଥିଲ ? ସାରା ଖରାଦିନ ତୁମ ଖାଇବା ଥାଳି ପାଖେ ଆମ୍ବ ରହୁଥିଲା । କେତେ ଖରାଦିନ ପୁଣି ଆସିବ, ଆମ୍ବ ପାଚିବ ହେଲେ ତୁମ ବିହୁନେ ସେ ଆମ୍ବ କଣ ଆଉ ଖାଇ ହେବ ?



Digitized by srujanika@gmail.com

ପ୍ରାଣକୃଷ୍ଣ ପରିଜାଙ୍କ ସହିତ ବାଣୀବିହାରଠାରେ

ଶେଷ ନିଃଶ୍ୱାସ ପରେ ୧୯୮୨ ମସିହା ଅକ୍ଟୋବର ୨୪ ତାରିଖ

ଆକୁଳ କ୍ରନ୍ଦନ

ଶେଷ ବିସର୍ଜନ ପୂର୍ବରୁ

Digitized by srujanika@gmail.com

ଖରାଦିନ ଯିବ, ପୁଣି ବର୍ଷା ଆସିବ—ବିଜୁଳି ଘଡଘଡି ସାଥିରେ ପ୍ରବଳ ବାରିପାତକୁ ସାଥିରେ ଧରି । ଅଗଣାଯାକ ପାଣି ଭର୍ତ୍ତି ହୋଇଯିବ, ମେଘ ଘଡଘଡି ସାଥିରେ ବେଙ୍ଗ ରଡି ଶୁଭୁଥିବ । ବନ୍ୟା ଆସିବାର ସମ୍ବାଦ ରେଡିଓରୁ ପ୍ରଚାର ହେଉଥିବ—ସେତିକି ବେଳେ କଣ ତୁମ ସ୍ମୃତି ଭୁଲି ହେବ ? ତୁମେ କିପରି ବାରଣ୍ଡା ସାରା ବୁଲୁଥାଅ ଆଉ ଦୂରରେ ଥିବା ସନ୍ତାନମାନଙ୍କ ପାଇଁ ବ୍ୟସ୍ତ ହେଉଥାଅ । ସରୁ ଚାଉଳରେ ମୁଗଡାଲି ପକାଇ ଖେଚେଡି କରିବା ପାଇଁ, ନଡିଆ ବିରି ଚାଉଳ ଚକୁଳି କରିବା ପାଇଁ ବୋଉକୁ ବରାଦ କରୁଥାଅ । ପୁଣି ବର୍ଷା ଦିନ ଆସିବ—କେତେ ଥର ଚକୁଳି ହେବ, ଖେଚେଡି ହେବ, ତୁମେ କଣ ଆଉ ଖାଇବାକୁ ଆସିବ ? ଖେଚେଡି ଥିଲା ତୁମର ଖାଦ୍ୟ ଭିତରେ ଅତି ପ୍ରିୟ । ସେଇଥିପାଇଁ ମୃତ୍ୟୁ ପୂର୍ବରୁ ଥରେ ବିନା ଘିଅରେ ଖେଚେଡି ଖାଇବାକୁ ବରାଦ କରିଥିଲ ଆଉ ମନପୂରାଇ ଖାଇଥିଲ । କିଏ ଜାଣିଥିଲା ଏଇ ତୁମର ଶେଷ ଇଚ୍ଛା ବୋଲି ?

ବର୍ଷା ଯିବ ପୁଣି ଆସିବ ଶୀତ, ସାଥିରେ କୋହଲା ପବନକୁ ନେଇ । ସେତେବେଳେ କଣ ତୁମ ସ୍ମୃତି ଆମ ପ୍ରାଣକୁ ଦଗ୍‌ଧୀଭୂତ କରିବ ନାହିଁ ? ତୁମ ଟ୍ରଙ୍କରେ ସଜାଡ଼ି ରଖିଛି ତୁମର ବ୍ୟବହୃତ ଗରମ କୋର୍ଟ, ସ୍ୱେଟର, ମଙ୍କିକ୍ୟାପ, ମଫଲର ଓ ସାଲ ସବୁ । ସେ ସବୁ ଆଉ କିଏ ବ୍ୟବହାର କରିବ ? ବେଶୀ ଥଣ୍ଡା ପଡ଼ିଲେ ସକାଳବେଳା କାଠି କୁଟାରେ ନିଆଁ କରିବା ଠାରୁ ସଂଧ୍ୟାବେଳା ଘରେ ଉହ୍ନେଇରେ ନିଆଁ କରି ବସିବା ସବୁ ଚଳଚିତ୍ର ଭଳି ଦେଖା ଦେବ । ମନେ ପଡିବ— ତୁମର ହସି ହସି କହିବା ସେଇ କଥା ପଦକ—"ଆଉ ଏବର୍ଷ ଶୀତ ଡେଇଁ ହେବନି" । ୧୯୭୫ ମସିହାର ଶୀତଦିନେ ତୁମର ହାର୍ଟ ଆଟାକ ହୋଇଥିଲା । ସେଇ ଘାଟିରୁ ଉଧୁରିବା ପରେ ତୁମର ଶୀତଦିନକୁ ଭାରି ଭୟ ଥିଲା । ଅଥଚ କେତେ ଶୀତ ତମେ ତ ବିତାଇ ଥିଲ ।

ଏମିତି ଋତୁ ପରେ ଋତୁ ଯିବ । ବର୍ଷ ପରେ ବର୍ଷ ବିତିବ । କେତେ ଦଶରା ଆସିବ, ଦେବୀ ପୂଜା ଘରେ ଘରେ ହେବ, ହେଲେ ଆମ ଘରେ ଆଉ କିଏ ନବମୀ ପୂଜା କରିବ ? ଦୀପାବଳୀ ବି ଆସିବ, ସମସ୍ତଙ୍କ ଘରେ ଦୀପ ଜଳିବ— ଆଉ ଆମ ଘର ଅନ୍ଧକାର ରହିବ । ଏ ଘରର ମହାଦୀପ ତ ଲିଭିଗଲା, ଆଉ ଦୀପ ଜଳିବ କିଆଁ ?

ବାପା, ତୁମେ ସିନା ସ୍ମୃତି ହୋଇଗଲ । ଏ ସ୍ମୃତିକୁ ଆମେ ଭୁଲିବୁ କିପରି ?

ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର<br>
ଫିଙ୍ଗି ପାରିଲେ ବା ଲଭନ୍ତି ନିସ୍ତାର ।



Digitized by srujanika@gmail.com

# ମୁଁ ଅଜାଙ୍କୁ ଯେପରି ଜାଣେ

କୁମାରୀ ମଧୁମିତା ମିଶ୍ର

ମୋ ଅଜା ଥିଲେ ଜଣେ ଦେବତା । ତାଙ୍କ ଭଳି ସ୍ନେହୀ, ସରଳ, ମମତା-ବତ୍ସଳ ଲୋକ ମୁଁ ଦ୍ୱିତୀୟ ଦେଖିନି । ମୋର ଜେଜେ ଥିଲେ, ଅଛନ୍ତି ମଧ୍ୟ ଦଦେଇମାନେ, ପିଉସା, ମଉସା, ମାମୁଁ ଆଦି ଅନେକ ଆତ୍ମୀୟ ସ୍ୱଜନ; କିନ୍ତୁ ଅଜା ଥିଲେ ସମସ୍ତଙ୍କଠାରୁ ଊର୍ଦ୍ଧ୍ୱରେ । ତାଙ୍କର ଅନେକ ସଦ୍‌ଗୁଣ ଥିଲା ।

ସେ ଥିଲେ ଜଣେ ସ୍ନେହୀ ମଣିଷ । ବହିପତ୍ରରେ ପଢିଛି ଓ ଶୁଣିଛି ନେହେରୁ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ ମାତ୍ର ଆଖିରେ ଦେଖିଛି ଅଜା ଛୋଟ ଛୁଆମାନଙ୍କୁ କେତେ ଭଲ ପାଆନ୍ତି–"ଯେଉଁଘରେ ପିଲା ନାହାନ୍ତି ସେ ଘର କଣ ଘର ?" ଏଇଆ ଥିଲା ଅଜାଙ୍କ ମନର କଥା । ସେଇଥିପାଇଁ ଆମେ ନାତିନାତୁଣୀମାନେ କେତେବେଳେ ଅନ୍ତର ହୋଇଗଲେ ତାଙ୍କ ମନରେ ଭୀଷଣ କଷ୍ଟ ହେଉଥିଲା । ପିଲାମାନଙ୍କୁ ଗପ କହିବା ଛଳରେ ନାନା ଉପଦେଶ ଦେବା, ଗୀତଗାଇ ନାନା ଶ୍ଳୋକ ଓ ବଡ଼ ବଡ଼ କବିଙ୍କ ଗୀତ ଶୁଣାଇବାକୁ ସେ ଭଲ ପାଉଥିଲେ । ସେ ଚାହୁଁଥିଲେ ଆମେ ସମସ୍ତେ ସବୁବେଳେ ତାଙ୍କ ପାଖରେ ରହିଥାନ୍ତୁ । ଶେଷବେଳେ କିନ୍ତୁ ତାଙ୍କ ଆଶା ସଫଳ ହେଲା । ସେ ଆମ ସମସ୍ତଙ୍କ ଗହଣରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

ଆଉ ଗୋଟିଏ ମହାନ୍ ଗୁଣ ତାଙ୍କର ନିର୍ଲୋଭ ଆତ୍ମା । ସେ ଜମାରୁ ଲୋଭୀ ନଥିଲେ । ଖାଦ୍ୟ,ପେୟ, ବସନ ଭୂଷଣ କେଉଁଥିରେ ନୁହେଁ । କାହାର ଦୋମହଲା କୋଠା ଅଛି କି ଗାଡ଼ି ମଟର ଅଛି, କିଏ ନିତି ମାଛ ମାଉଁସ ପଲଉ ଖିରି ଖାଉଛି, କି ପାଟ ପଟନୀ ପିନ୍ଧୁଛି ଏଥିପାଇଁ ତାଙ୍କର ତିଳେ ହେଲେ ପରଶ୍ରୀକାତରତା ମନୋଭାବ ନଥିଲା, ବରଂ ସମସ୍ତେ ସୁଖରେ ରହନ୍ତୁ ଏଇଆ ତାଙ୍କର କାମନା ଥିଲା ।

ସେ ଥିଲେ ଅତ୍ୟନ୍ତ ଦୟାବାନ ପୁରୁଷ । କାହାର ଦୁଃଖ ସେ ସହି ପାରୁନଥିଲେ । କିଏ ବେମାର ପଡ଼ିଲେ ତାଙ୍କର ଯେଉଁ ବ୍ୟସ୍ତତା । ନିଜେ ଡ଼ାକ୍ତର ପାଖକୁ ଦଉଡ଼ିବେ, ଔଷଧ ଆଣିବେ, ଫଳମୂଳ ଆଣିବେ, ରାତିଦିନ ହଜାରଥର ପଚାରୁଥିବେ, ଏ ଭାବ ତାଙ୍କର ପରଆପଣା ପ୍ରତି ନ ଥିଲା । ପୁଅବୋହୂ ହୁଅନ୍ତୁ କି ଝିଅ ଜୋଇଁ, କି ନାତି ନାତୁଣୀ ହୁଅନ୍ତୁ କି ସାଇ ପଡ଼ିଶା ହୁଅନ୍ତୁ, ସମସ୍ତଙ୍କ ପ୍ରତି ଏ ଭାବ ତାଙ୍କର ଥିଲା ।

ଆଉ ଗୋଟିଏ ଗୁଣ ତାଙ୍କର ସରଳତା । ସେ ନିଷ୍ଠୁର ନଥିଲେ । ସମସ୍ତଙ୍କୁ ହସି ହସି କଥା କହୁଥିଲେ କାହା ମନରେ ଆଘାତ ଦେଉ ନଥିଲେ । ଶତ୍ରୁମିତ୍ର ଭେଦ ଭାବ ରଖି ନଥିଲେ ।

ସେ ଥିଲେ ଅତ୍ୟନ୍ତ ପରିଶ୍ରମୀ । ଆଳସ୍ୟ କଣ ସେ ଜାଣି ନଥିଲେ । ପାହାନ୍ତାରୁ ଉଠିବା ତାଙ୍କର ଏକ ସୁଅଭ୍ୟାସ ଥିଲା । ତାଙ୍କର ଶେଷ ମୁହୂର୍ତ୍ତ ଯାଏଁ ସେ ଏଇ ଅଭ୍ୟାସ ରଖିଥିଲେ । ବାଡ଼ି ବଗିଚା କରିବା, ନାନା ପ୍ରକାର ଫୁଲ ଓ ଫଳଗଛ ଲଗାଇବା ଘାସ ଉପାଡ଼ିବା ଇତ୍ୟାଦି କରିବା ସାଥେ ସାଥେ ତାଙ୍କର ଲେଖାଲେଖି ଅବ୍ୟାହତ ରହିଥିଲା । ପୁଣି ନିଜେ ବଜାର କରିବାକୁ ମଧ୍ୟ ସେ ସୁଖ ପାଉଥିଲେ ।

ସେ ନାନା ପ୍ରକାର ଆଚାର କରିବାରେ ସିଦ୍ଧହସ୍ତ ଥିଲେ । ତାଙ୍କ ଆଚାର ଯିଏ ଥରେ ଖାଇଛି ସେ ଜୀବନ ବ୍ୟାପୀ ତାଙ୍କୁ ଭୁଲି ପାରିବ ନାହିଁ । ଆମ୍ବ, ଲେମ୍ବୁ, କୋଳି କଥା ତ ଅଲଗା, ବାଇଗଣ, କଲରା, ଛୁଇଁ ଇତ୍ୟାଦିରୁ ସେ ଏପରି ବଢିଆ ଆଚାର କରି ପାରୁଥିଲେ ଯାହା କଳ୍ପନାତୀତ । ଏବେ ବି କେଉଁ ୫, ୧୦ ବର୍ଷ ତଳର ଅଁଳା ଆଚାର ସେ ସାଇତି ରଖିଛନ୍ତି ।

ଶେଷରେ ମୋ ଅଜା ଥିଲେ ସର୍ବଗୁଣ ସଂପନ୍ନ । କେବଳ ଲେଖକ ବା ସାହିତ୍ୟିକ ନୁହନ୍ତି, ଜଣେ ମଣିଷ ଭଳି ମଣିଷ ସେ ଥିଲେ । ଅତୀତ, ଭବିଷ୍ୟତ, ବର୍ତ୍ତମାନ ସବୁ କାଳକୁ ମନରେ ରଖି ସେ ଜୀବନ କଟାଉଥିଲେ । ଆମ ସମସ୍ତଙ୍କ ସୁଖ ଆନନ୍ଦ ଦେଖି, ଆମକୁ କନ୍ଦାଇ କନ୍ଦାଇ ସେ ହସି ହସି ଚାଲିଗଲେ । ତାଙ୍କର ପବିତ୍ର ସ୍ମୃତିକୁ ମୁଁ ଚିରକାଳ ମନରେ ରଖିବି । ସେହି ସ୍ମୃତି ମୋତେ ବଡ଼ ହେବାକୁ, ଭଲ ମଣିଷ ହେବାକୁ ପ୍ରେରଣା ଯୋଗାଉଥିବ ।



Digitized by srujanika@gmail.com

# ବାପାଙ୍କ ବାହୁଡ଼ା

ଡଃ ଭରତେନ୍ଦୁ ସୁନ୍ଦର ରାଜଗୁରୁ ମହାପାତ୍ର

ନନାଙ୍କର ତ ବାହୁଡ଼ା ହେଲା ୨୪ ତାରିଖ ଅକ୍ଟୋବର ସକାଳ ସାଢ଼େ ଗ୍ୟରିଟା ବେଳେ—କିନ୍ତୁ ଆମେ ତାଙ୍କୁ 'ବାପା' ବୋଲି ଡାକୁଥିଲୁ—ନନା ନୁହେଁ । ସମୟ କାହାରିକୁ ଅପେକ୍ଷା କରେ ନାହିଁ । – ବାପା ଯିବାର ଥିଲା ଗଲେ—ଆଉ ଆମେ ସବୁ ତାଙ୍କର ସୃଷ୍ଟି । କେବଳ ଆଖିର ଲୁହ ଓ ହୃଦୟର ଗ୍ଳାନିରେ ତାଙ୍କର ସ୍ମୃତି ତର୍ପଣ କରୁଛୁ ମାତ୍ର ।

ଦେଢ଼ମାସ ଧରି ସେ ମୃତ୍ୟୁସହ ଯୁଦ୍ଧ କରୁଥିଲେ । ଶେଷ ଦଶ ଦିନର ସ୍ମୃତି ମୋର ଜୀବନର ଶେଷ ଦିନ ପର୍ଯ୍ୟନ୍ତ ମନେ ରହିବ—ଏକପଟେ ମୃତ୍ୟୁ ଓ ଅପର ପଟେ ଡ଼ାକ୍ତର ରମାକାନ୍ତ ଦାଶ ଓ ହତଭାଗା ଏଇ ମୁହିଁ ତାଙ୍କର ଡ଼ାକ୍ତର ପୁତ୍ର—କେତେବେଳେ ମୃତ୍ୟୁ ଟାଣିନେଉଥିଲା—ପୁଣି ଆମେ ଫେରାଇ ଆଣୁଥିଲୁଁ—ମାତ୍ର ଶେଷରେ ମୃତ୍ୟୁର ବିଜୟ ହେଲା । କିନ୍ତୁ ଏତ ପାର୍ଥିବ ଶରୀରର ଅବସାନ ହେଲା । କିନ୍ତୁ ଓଡ଼ିଆ ପ୍ରାଣ ସଂସ୍କାରକ, ସାହିତ୍ୟିକ, ଗବେଷକ, ଐତିହାସିକ, ପ୍ରତ୍ନତାତ୍ତ୍ୱିକ, ପ୍ରଥମ ପଲ୍ଲୀଗୀତ ସଂଗ୍ରାହକ ଚକ୍ରଧରଙ୍କର ମୃତ୍ୟୁ ନାହିଁ—ସେ ପ୍ରତି ଓଡ଼ିଆ ପ୍ରାଣରେ ଚିରଦିନ ପ୍ରତିଷ୍ଠିତ ହୋଇ ରହିବେ—ଅମର ହୋଇ ରହିବେ ।

ମୁଁ ଗତ ୧୧ବର୍ଷ ଧରି ଓଡ଼ିଶା ବାହାରେ—ତାଙ୍କର ଇଚ୍ଛାଥିଲା ମୁଁ ତାଙ୍କ ପାଖରେ ରହେ—ତାଙ୍କ ସାହିତ୍ୟ ସୃଷ୍ଟି ଓ ଗବେଷଣାରେ ସହାୟକ ହୁଏ ମାତ୍ର ବିଧିର ବିଧାନ ଥିଲା ଭିନ୍ନ । ବୋଉ କହୁଥିଲା, ସବୁବେଳେ କହନ୍ତି—'ମୋ ହାତ ବାରିଶି' ଗ୍ୟଲିଗଲା ନାଗାଭୂମିକୁ, ମୁଁ କାମ କରିବି କିପରି ? ଆଜି 'ହାତ ବାରିଶି' ଶେଷ ଅବସ୍ଥାରେ ପହଞ୍ଚିଲା କେବଳ ଦେଖିବାକୁ ତାର 'ବଢ଼େଇ' ଚିରଦିନ ପାଇଁ ନିଜର କାମ ଶେଷ କରିଦେଇଛି । ଆଉ 'ହାତ ବାରିଶିର ଦରକାର ନାହିଁ—"ହେ ପିତା, ପାରିଲେ ଆର ପାରିରୁ କ୍ଷମାକର ତୁମର ଏ ସନ୍ତାନକୁ ।

ଚକ୍ରଧର ଥିଲେ ସ୍ରଷ୍ଟାଙ୍କର ଏକ ଅପୂର୍ବ ସୃଷ୍ଟି । କୌଣସି ବିଶ୍ୱବିଦ୍ୟାଳୟ ଡ଼ିଗ୍ରୀ ନ ଥାଇ ଏ ମହାନ ସାହିତ୍ୟିକ କେବଳ ନିଜର ପ୍ରତିଭା ବଳରେ ଓଡ଼ିଶାର ସାହିତ୍ୟାକାଶରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କର ରୂପ ଧାରଣ କରିଥିଲେ । ଗ୍ରନ୍ଥ ମନ୍ଦିରର ଶ୍ରୀଧର ମହାପାତ୍ର କହିଲେ—ଏ ଓଡ଼ିଶାର ଜୀବନ୍ତ 'ଜ୍ଞାନକୋଷ' । ପଡ଼ୋଶୀ ନିଆଁଖୁଣ୍ଟା ସଂପାଦକ କିଶୋରଚନ୍ଦ୍ର ମିଶ୍ର ଅଶ୍ରୁସ୍ନାତ ନୟନରେ କହିଲେ—ସେ ଥିଲେ ମୋର ଅଭିଧାନ । କାଳିନ୍ଦୀଚରଣ ପାଣିଗ୍ରାହୀ କହିଲେ—ଏଭଳି ସତ୍ ମଣିଷ ଭଳି ମଣିଷ ସେ ଦେଖି ନାହାନ୍ତି । କବି ମାୟାଧର ମୃତ୍ୟୁ ପୂର୍ବରୁ କେତେ ଯେ ବିଶେଷଣରେ ତାଙ୍କୁ ସମ୍ମାନିତ କରିଛନ୍ତି ତାର କଳନା ନାହିଁ । ଅଷ୍ଟ୍ରେଲିଆର କାନ୍‌ବେରା ବିଶ୍ୱବିଦ୍ୟାଳୟ ଏସୀୟ ସଭ୍ୟତାର ମୁଖ୍ୟ ଅଧ୍ୟାପକ ଏ. ଏଲ୍. ବାସାମ୍‌ଙ୍କ ମତରେ ଚକ୍ରଧର ପୃଥିବୀର ଏକ ସାଧାରଣ ଗବେଷକ—ଏପରି ଆଉ ଅନେକ ।

ବୁଦ୍ଧ ଗବେଷଣା ଉପରେ ତାଙ୍କର ଅବଶୋଷ ରହିଗଲା । ସେ ଗ୍ରହୁଁ ନଥିଲେ ସମସ୍ତେ ମାନି ଯାଆନ୍ତୁ ତାଙ୍କର ନତନ ସତ୍ୟକୁ । ମାତ୍ର ତାଙ୍କର ଯେଉଁ ୩୦, ୩୫, ବର୍ଷର ଗବେଷଣା ପ୍ରକୃତ ସମାନ ଲାଭକରୁ । ମାତ୍ର କେତେକ ଚକ୍ରାନ୍ତ ଫଳରେ ତାହା ସମ୍ଭବପର ହେଲା ନାହିଁ—ବଣମଲ୍ଲୀପରି ଚକ୍ରଧର ହଜିଗଲେ ।

ମୁଁ ଜଣେ ଚିକିତ୍ସକ । ଆଖି ଆଗରେ ଅନେକ ମୃତ୍ୟୁ ଦେଖିଛି । ଜୀବନରେ ନିଜର ଜଣେ 'ପ୍ରିୟତମ' ଜନଙ୍କର ମୃତ୍ୟୁ ପ୍ରଥମେ ଦେଖିଲି । ମୃତ୍ୟୁ ଅନିବାର୍ଯ୍ୟ—ଚକ୍ରଧର ଗଲେ—ସମସ୍ତେ ଯିବେ—କିନ୍ତୁ କଥା କାଳକାଳକୁ ରହିବ—ଚକ୍ରଧରଙ୍କର 'ରଚନା' ଓ 'ଗବେଷଣା' ତାଙ୍କୁ ଓଡ଼ିଆ ପ୍ରାଣରେ ଚିରଦିନ ପାଇଁ ଅମର କରି ରଖିବ ।



Digitized by srujanika@gmail.com

# ଚକ୍ରଧର ମହାପାତ୍ର

ଡାକ୍ତର ସରସ୍ୱତୀ ଦେବୀ

ଉତ୍କଳର ଯୋଗ୍ୟ ନନ୍ଦନ
ପୂଜ୍ୟ ହେ ଚକ୍ରଧର ।
ଭାରତୀ ସେବାରେ ସଦାହିଁ
ଢ଼ାଳିଥିଲ ଅନ୍ତର ।।

ସାହିତ୍ୟକ ରାଜ୍ୟେ ସୁଖ୍ୟାତି
କରିଥିଲ ଅର୍ଜନ ।
ଗବେଷକ ବୋଲି ଦେଶରେ
ଉଡୁଅଛି କେତନ ।।

ସଂସ୍କୃତ ଭାଷା ଗବେଷଣା
କରି ନିଜ ବଳରେ ।
ବଢାଇଯାଇ ହୋଇ ଥିଲଟି
ଜ୍ଞାନ କୋଷାଗାରରେ ।।

ଗୋବର ଗୋଟେଇ ଗାଉଁଲି
ଗୀତର ଜନ୍ମଦାତା ।
ଚତୁର୍ଭୁଜା ଅଷ୍ଟଭୁଜାର
ତୁମ୍ଭେ ଥିଲ କରତା ।।

କୁନ୍ତଳା କୁମାରୀ ଜୀବନୀ
ସବୁ କରି ରଚନ ।
ପୁରସ୍କୃତ ହୋଇ ତାହାକୁ
କରିଥିଲ ବର୍ଦ୍ଧନ ।।

ଗବେଷଣା ଭାବ ପୁସ୍ତକମାନ
ରଚନା କରି ।
ରଖିଯାଇଅଛ ଦେଶରେ
ତହିଁରେ ପ୍ରାଣ ଭରି ।।

ମାତୃଭୂମି ମାତୃଭାଷାକୁ
ଜୀବନର ସଂଖାଳି ।
କରିଥିଲ ସୁଧୀ ନାୟକ
ସ୍ନେହ ମମତା ଢାଳି ।।



Digitized by srujanika@gmail.com

ଲୋକ ଗୀତ ଢ଼ଗଢ଼ମାଳି
ହେବ ନାହିଁ ପାଶୋର ।
ବାଣୀ ଭବନରେ ବିରାଜୁ
ଅଛି ହେ ସୁଧୀ ବର ।।

ଉଚ୍ଚ ଶିକ୍ଷା ପାଇଁ ତିଳେ ହେଁ
ଆଶା ନକରି ମନେ ।
ସାରସ୍ୱତ ପୀଠ ଆଦରି
ପୂଜୁଥିଲେ ଯତନେ ।।

ସ୍ୱାଭିମାନୀ ସ୍ୱାଧୀନଚେତା
ଥିଲଟି ଜୀବନରେ ।
କରଯୋଡ଼ି ଶ୍ରଦ୍ଧାଞ୍ଜଳି ମୁଁ
ଜଣାଉଛି ପୟରେ ।।

Digitized by srujanika@gmail.com

ଲେଖକଙ୍କର ଶେଷ ଲେଖା--

# ବୁଦ୍ଧ ଓଡ଼ିଶାରେ ଜନ୍ମ ନେଇଥିଲେ କି ?

ସ୍ବ. ଚକ୍ରଧର ମହାପାତ୍ର

ବୁଦ୍ଧଦେବଙ୍କ ଜନ୍ମଫଳକ ନେପାଳ ଅନ୍ତର୍ଗତ ତରାଇ ଅଞ୍ଚଳରୁ ଆବିଷ୍କୃତ ହେବା ପରେ ସେହି ଅଞ୍ଚଳ ତାଙ୍କ ଜନ୍ମସ୍ଥାନ ବୋଲି ସମଗ୍ର ବିଶ୍ୱରେ ବିଖ୍ୟାତ ହୋଇଅଛି । ଏହା ଘଟିଛି ୧୮୯୬ରେ । କିନ୍ତୁ ଇତିହାସ ଏବଂ ଐତିହାସିକ ଗୋଲକ ଧନ୍ଦାରେ ପଡ଼ିଛନ୍ତି ୧୯୨୮ରେ ପୂର୍ବ ଫଳକ ପରି ଫଳକଟିଏ ଭୁବନେଶ୍ୱର ସନ୍ନିକଟ କପିଳେଶ୍ୱର ଜନପଦରୁ ଆବିଷ୍କୃତ ହେବାରୁ । ସତର୍କତାର ସହିତ ଧ୍ୟାନଦେବା ସମୀଚୀନ ଯେ, ପ୍ରସିଦ୍ଧ ଭୂଗୋଳବିତ୍ ଡଃ କନିଂହାମ୍ ତାଙ୍କ ଲିଖିତ ଆନ୍‌ସିଏଣ୍ଟ ଜ୍ୟୋଗ୍ରାଫି ଅଫ୍ ଏଣ୍ଡିଆ ବହିରେ ସୂଚୀତ କରିଥିଲେ ନେପାଳର ହିମାଳୟ ତଳେ ଏପର୍ଯ୍ୟନ୍ତ କପିଳ ନାମ ଘେନି କୌଣସି ସ୍ଥାନ ସ୍ଥିର ହୋଇନାହିଁ । ଏବେ ୨୦ ବର୍ଷ ହେଲା କପିଳବାସ୍ତୁ ଜିଲ୍ଲା ଗଠନ କରାଯାଇଛି । କିନ୍ତୁ ବୁଦ୍ଧଙ୍କ ଜନ୍ମଭୂମି ଲୁମ୍ବିନୀ ଏବଂ ରାଜଧାନୀ ଥିଲା କପିଳବାସ୍ତୁ ନଗର । ବୁଦ୍ଧ ନିଜେ କହିଛନ୍ତି–

"ଏତ ରହି ଶୁଦ୍ଧୋଦନୋ, ନାମ ରାଜା ପିତା
ମାୟା ନାମ ଦେବୀ ମାତା ଜନେତି ଅହୋସି
କପିଳବସ୍ତୁ ନାମ ନଗର ରାଜଧାନୀ ଇତି"

(ମହାପ୍ରଦାନ ସୂତ୍ର)

ପୁନଶ୍ଚ ପ୍ରସିଦ୍ଧ ଐତିହାସକ ଡଃ ସ୍ମିଥ ମଧ୍ୟ ତାଙ୍କ ଗ୍ରନ୍ଥରେ ସୂଚାଇ ଅଛନ୍ତି ଯେ ଯେଉଁଠୁ ତରାଇ ଶିଳାଲିପି ଆବିଷ୍କୃତ ହେଲା ତାହା କେବେହେଲେ ରୁମିନ୍ଦେଇ ବୋଲି କଥିତ ନଥିଲା । ଏହା ଏକ ଜାଲ ନାମ । ଯାହାକି ପ୍ରତ୍ନତତ୍ତ୍ୱବିତ୍ ଫ୍ୟୁରୋନଙ୍କ ଦ୍ୱାରା ଦଆଯାଇଥିଲା । ସେ ମଧ୍ୟ ତାଙ୍କ ମନୋଗ୍ରାଫରେ ଭବିଷ୍ୟତକୁ ଲୁମ୍ବିନୀ ନାମ ଆସିବା ଲକ୍ଷ୍ୟରେ ଏ ନାମଟି ନିଜ ଆଡୁ ଦେଇଛନ୍ତି ବୋଲି ସ୍ୱୀକାର କରି ଯାଇଛନ୍ତି ।

ତରାଇ ଉପତ୍ୟକାରେ ଯେଉଁ ସ୍ତମ୍ଭ ଆବିଷ୍କୃତ ହୋଇଅଛି ତାହା ଗଠନ ଏବଂ ଉଚ୍ଚତାରେ ଅଶୋକୀୟ ନୁହେ ଏହା ପ୍ରମାଣିତ । ବିଶେଷରେ ଉକ୍ତ ସ୍ତମ୍ଭରେ ଆମଳକୀ ବା ବେଲ୍‌କାପିଟାଲ ନାହିଁ କି ନଥିଲା । ସିଂହ ମଧ୍ୟ ନାହିଁ କି ନଥିଲା । ଯେଉଁ ଭୂମିରୁ ଶୁଦ୍ଧୋଦନ, ଅମିତୋଦନ, ଧୌତୋଦୋନ ଆଦି ଜନ୍ମିଥିଲେ, ସେ ଜମି ତ୍ରିପିଟକ ବର୍ଣ୍ଣନା ଅନୁସାରେ କେବଳ ଧାନଜମି । ସୃଷ୍ଟି ଆରମ୍ଭରୁ ଅକର୍ଷିତ କଙ୍କରିଳ ଭୂମିକୁ ଲୁମ୍ବିନୀ ପ୍ରମାଦ କ୍ରମେ କୁହାଯାଉଛି । ବିଶୁଦ୍ଧ ଅନ୍ନଭୋଜୀ ଶୁଦ୍ଧୋଦନ, କ୍ଷାଳିତ ବା ଧୌତ ପଖାଳଭାତ ଖିଆ ଧୌତୋଦନ ଯେ କି ବୁଦ୍ଧଙ୍କର ପିତା, କନିଷ୍ଠ ପିତୃବ୍ୟ, ସେ ସେଠି ବା ଜନ୍ମିବେ କିପରି ? ଯେଉଁ ଲିପି ଯୋଗୁ ଏହା କୁହାଯାଉଛି ତାହା ଅଶୋକୀୟ ଲିପ ମଧ୍ୟ ନୁହେ । ତାହା ଦ୍ୱିତୀୟ ଲିପି । କାରଣ ଧର୍ମ ବିପ୍ଲବରେ ମୌଳିକ ସ୍ତମ୍ଭ ଭାଙ୍ଗିଗଲା । ନିରାଶ ବୌଦ୍ଧମାନେ ବୁଦ୍ଧଙ୍କ ସ୍ମୃତି ସ୍ମୃତିରୁ ପ୍ରଧାନ ସ୍ମୃତି ତାଙ୍କ ଜନ୍ମ ସ୍ଥାନକୁ ଜିଆଇ ରଖିବାକୁ ନେପାଳ ତରାଇ ଅଞ୍ଚଳରେ ଏଇ ଲିପି ସହିତ ଦ୍ୱିତୀୟ ସ୍ତମ୍ଭ ସ୍ଥାପନ କଲେ । ବିଶେଷରେ ଏଇ ଲିପିଟି ମୂଳ ଲିପିର ନକଲ ବୋଲି ମଧ୍ୟ ପ୍ରମାଣିତ । ତେଣୁ ଏଥିରେ ମୂଳଲିପି ପରି ବୌଦ୍ଧ ତିରୋଧାନ ଅବ୍ଦ ବା ଲିପିକର ନାମ ଖୋଦିତ ହୋଇନାହିଁ । ତା'ହେଲେ ମୌଳିକ ଲିପି ଚିହ୍ନଟ ହେବାର ବାଟ ନଥାନ୍ତା ।

ଅଶୋକ କଳିଙ୍ଗ ଯୁଦ୍ଧ ପରେ ବୌଦ୍ଧ ହେଲେ ଏବଂ ଯୁଦ୍ଧର ବାରବର୍ଷ ପରେ ଆସି ବୁଦ୍ଧଙ୍କ ଜନ୍ମସ୍ଥାନରେ ପୂଜା କଲେ । ଏହା କଳିଙ୍ଗ ବା ଓଡ଼ିଶାର କପିଳେଶ୍ୱର ଯେ ବୁଦ୍ଧଙ୍କ ଜନ୍ମସ୍ଥାନ ତା ସପକ୍ଷରେ ସଂପୂର୍ଣ୍ଣ ଯାଉ ନାହି କି ? କଳିଙ୍ଗ ଯୁଦ୍ଧ ସହିତ ଯେବେ ଅଶୋକଙ୍କର ବୌଦ୍ଧ ହେବା ପ୍ରମାଣିତ ଏବଂ ହିମାଳୟ ତଳେ ଯେଉଁ କପିଳବାସ୍ତୁ, ତାହାହେଲେ ବାରବର୍ଷ ପରେ ବୁଦ୍ଧଙ୍କ ଉପାସନା ଅଶୋକ କଲେ କପିଳବାସ୍ତୁରେ କାହିଁକି ?

ଧାନଜମି ବହୁଳ ଲେମ୍ବାଇ ମଧ୍ୟରେ ଶତାବ୍ଦୀ ଶତାବ୍ଦୀର ପୁରାତନ ଜନପଦ କପିଳେଶ୍ୱରର କପିଳବାସ୍ତୁ ସହିତ ଯେପରି ନାମଗତ ସାମଞ୍ଜସ୍ୟ ରହିଛି, ସେପରି ଲେମ୍ବାଇ ସହିତ ଲୁମ୍ବିନୀର ମଧ୍ୟ ସାମଞ୍ଜସ୍ୟ ଅଛି । ଭୁବନେଶ୍ୱରରେ ଅଶୋକଙ୍କ ସ୍ତମ୍ଭ ସହିତ ବେଲ୍‌କାପିଟାଲ



Digitized by srujanika@gmail.com

ଏବଂ ସିଂହ ଅକ୍ଷୁନ୍ନ ବର୍ତ୍ତମାନ ସୁଦ୍ଧା ରହିଛି । କେବଳ ଲିପିଟି ଘଟଣା ଚକ୍ରରେ କଲିକତା ଆଶୁତୋଷ ମ୍ୟୁଜିଅମକୁ ଗ୍ଲଲିଯାଇଛି । ଅଦ୍ୟାପି ବୁଦ୍ଧଙ୍କର ଆଦିତ୍ୟା ନାମ ଗୋତ୍ୟେନ, ଏଥିରୁ ଆଦିତ୍ୟ ଗୋତ୍ରର କ୍ଷତ୍ରିୟ, ଶାକିୟା ନାମ ଜାତିୟା, ଶାକ୍ୟଜାତି ଓଡ଼ିଶାରେ ବହୁଳ ପରିମାଣରେ ବିଦ୍ୟମାନ ଅଛନ୍ତି । ଏମିତିକି ତାଙ୍କ ମାତୁଳବଂଶର ଯେ କୁଳଜାତି ମଧ୍ୟ ସମଗ୍ର ଓଡ଼ିଶାରେ ଏବେ ମଧ୍ୟ କୋଲୟ, କଲତୁଆ ନାମରେ ବ୍ୟାପି ଅଛନ୍ତି । ମନିଅର ଉଇଲିୟମଙ୍କ ଅଭିଧାନରେ କୋଳ ଅର୍ଥ ପିପୁଲସ ଅଫ୍ ଦି ଏନିସିଏଣ୍ଟ କଳିଙ୍ଗ । ସେଇ ସଂପର୍କରେ ଗତ ଦଶବର୍ଷର ଗବେଷଣା ଫଳରେ 'ଦି ରିଅଲ ବାର୍ଥ ପ୍ଲେସ ଅଫ୍ ବୁଦ୍ଧ ' ବହିଟି ଓଡ଼ିଶାରୁ ପ୍ରକାଶିତ ହୋଇଥିଲେ ହେଁ ତହିଁରେ ଥିବା ପ୍ରତ୍ୟକ୍ଷ ପ୍ରମାଣ ଗୁଡ଼ିକ ଦୃଷ୍ଟିକୁ ନେଇ ତହିଁର ସତ୍ୟମିଥ୍ୟା ସମୀକ୍ଷା ଏପର୍ଯ୍ୟନ୍ତ କରାଯାଇନାହିଁ । ଏହା କ୍ଷୋଭର ବିଷୟ ଯେ କୌଣସି ଇତିହାସର ପ୍ରତ୍ୟେକ୍ଷ ପ୍ରମାଣକୁ ଅନୁଦାର ହେବା ଜାତୀୟ ନ୍ୟୁନତା ପ୍ରତିପାଦକ ଅଟେ । ଏ ସଂପର୍କରେ ଏକ ପ୍ରତ୍ୟେକ୍ଷ ପ୍ରମାଣ ହେଲା—କପିଳେଶ୍ୱରରେ ତୃତୀୟ କପିଳେଶ୍ୱରଲିଙ୍ଗ ଯାହାକୁ କୁହାଯାଉଛି, ତାହା ବୁଦ୍ଧଦେବଙ୍କ ଅସ୍ଥି ଭସ୍ମ ପୂର୍ଣ୍ଣ କୁମ୍ଭ, ଯାହା ବୌଦ୍ଧ ସଂସ୍କୃତିରେ ସଲୀଳ ନିଧାନ ତାରି ଗର୍ଭକୁ ଆଚ୍ଛାଦିତ କରିଥିବା ଶକ୍ତି ସହିତ ଶିବଲିଙ୍ଗର ଏକ ଘୋଡ଼ଣି ମାତ୍ର ।

ଧର୍ମ ବିପ୍ଳବରେ ଗୋପନୀୟ କୁମ୍ଭକୁ କୌଶଳରେ ତରାଇ ଅରଣ୍ୟକୁ ନେଇ ନିଆ ଯାଇଥିଲା ଯାହା ୧୮୯୮ରେ ଡ୍ବଲ୍ୟୁ. ବେ. ମି. ଆବିଷ୍କାର କରିଛନ୍ତି । ଲିଙ୍ଗ ଆକୃତିର ଖୋଳ ବା ଘୋଡ଼ଣିରେ ଏକ ରନ୍ଧ୍ର ରଖାଯାଇଛି, । ଉକ୍ତ ପୁଣ୍ୟପୀଠର ବାୟୁ ସଂଗ୍ଳନ ଲାଗି ଉପାସକ ଯାହାକୁ ଲିଙ୍ଗର ନାସା କହନ୍ତି । ଲକ୍ଷ୍ୟ କରିବା କଥା ଯେ ଘୋଡ଼ଣି ନଷ୍ଟ ହେଲେ ବ୍ୟବହାର ପାଇଁ ମଧ୍ୟ ଗୋପନରେ ସେ ପରିସରରେ କେଉଁକାଳରୁ ନୂତନ ଘୋଡ଼ଣି ମଧ୍ୟ ରଖାଯାଇଛି । ପ୍ରତ୍ନତତ୍ତ୍ୱବିଭାଗ ସତ୍ୟପ୍ରତି ଦୃଷ୍ଟିଦେଇ ଉଦାରତା ପ୍ରଯୁକ୍ତ ଏହି ଗୋଟିକ ପ୍ରତ୍ୟୋକ୍ଷ ପ୍ରମାଣ ନେଲେ, ଅର୍ଥାତ୍ ଏ ଘୋଡ଼ଣିଟି କାଢି ଦେଖିନେଲେ ଉକ୍ତ ପୁସ୍ତକର ଅନ୍ୟାନ୍ୟ ପ୍ରମାଣ ଆପେ ଆପେ ସୁଗମ ହେବା ଆଶା କରାଯାଏ । ଐତିହାସିକ ପ୍ରଫେସର ଏ, ଏଲ. ବାସାମ୍‌ଙ୍କ ମତରେ ଏ ପୁସ୍ତକର ବିଗ୍ଳର ଏବଂ ପ୍ରମାଣମାନ ଅତ୍ୟନ୍ତ ଯତ୍ନ ସହକାରେ ଯଥା ସମ୍ଭବ ସମସ୍ତ ପ୍ରକାର ବିରୋଧ-ଚିନ୍ତାକୁ ତ୍ୟାଗକରି ପାଠକରିବା ଉଚିତ ।

ବୁଦ୍ଧଙ୍କ ଜନ୍ମସ୍ଥାନ ତରାଇ ସ୍ତମ୍ଭ ନିକଟରେ ବୋଲି ବିଶ୍ୱାସ ଥିଲେ ହେଁ ଏହାକୁ ପ୍ରାମାଣିକ ସତ୍ୟବୋଲି ଗ୍ରହଣ କରାଯାଇ ନପାରେ । କାରଣ ସମୟ ଥିଲା ଯେତେବେଳେ ବିଜ୍ଞଜନଙ୍କ ଅଭ୍ରାନ୍ତ-ଧାରଣା ଦୃଢ଼ଭାବରେ ମୂଲ୍ୟାୟନ କରିଥିଲା ଯେ ସୂର୍ଯ୍ୟ ପୃଥିବୀ ଗ୍ରରିପାଖେ ବୁଲୁଛି ।

---

ଏହା ତାଙ୍କର ଲିଖିତ ଶେଷ ପ୍ରବନ୍ଧ ଯାହା ପ୍ରକାଶିତ ହେବା ପୂର୍ବରୁ ସେ ନିଜେ ଟେପ୍‌କରି ରଖି ଯାଇଛନ୍ତି । ତା ୨୦।୬।୧୯୮୨ ।



Digitized by srujanika@gmail.com

# ସ୍ୱର୍ଗତଃ ଚକ୍ରଧର ମହାପାତ୍ରଙ୍କର
# ପ୍ରକାଶିତ ରଚନାବଳୀ

୧ । ଯଦୁମଣି ଗ୍ରନ୍ଥାବଳୀ ଓ ଜୀବନ ଚରିତ—ପ୍ରକାଶକ—ଦାସବ୍ରଦର୍ସ, କଟକ, ୧୯୬୫ ।

୨ । ଉତ୍କଳ ଗାଉଁଲି ଗୀତ—ପ୍ରକାଶିକା—ଶ୍ରୀମତୀ ସୁରମା ମହାନ୍ତି, ୧୯୫୯ ।

୩ । ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧ୍ୟାୟ—(ଇତିହାସ) ପ୍ରକାଶକ—ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୬୯ ।

୪ । କୁନ୍ତଳାକୁମାରୀ ଜୀବନ ଚରିତ—(ଜୀବନୀ)—ପ୍ରକାଶକ—ଗ୍ରନ୍ଥମନ୍ଦିର, କଟକ, ୧୯୭୨

୫ । ଦି ରିଏଲ୍ ବାର୍ଥ ପ୍ଲେସ୍ ଅଫ୍ ବୁଦ୍ଧ—ପ୍ରକାଶକ—ଗ୍ରନ୍ଥମନ୍ଦିର, କଟକ, ୧୯୭୭ ।

୬ । ଖଞ୍ଜେଇ ନାହାକାଣୀ—(ଉପନ୍ୟାସ)—ପ୍ରକାଶକ—କଟକ ପବ୍ଲିଶିଙ୍ଗ ହାଉସ୍, କଟକ, ୧୯୭୨ ।

୭ । ଶ୍ରୀଜୟଦେବ—(ଜୀବନୀ)—ପ୍ରକାଶକ—ଗ୍ରନ୍ଥମନ୍ଦିର, କଟକ, ୧୯୮୦ ।

୮ । ହସିଲନନ୍ଦ—(ଉପନ୍ୟାସ)—ପ୍ରକାଶକ— ଗ୍ରନ୍ଥମନ୍ଦିର କଟକ, ୧୯୮୦ ।

୯ । ବାଣେଶ୍ୱର—(କାବ୍ୟ)—ପ୍ରକାଶକ — ପ୍ରେମସୁନ୍ଦର ପ୍ରକାଶନ, କଟକ ୧୯୫୭ ।

୧୦ । ସୁନାଝିଅ—(ଗଳ୍ପ)—ପ୍ରକାଶକ—ବୃନ୍ଦାବନ ସାହୁ, ପୁରୀ ନାସନାଲ୍ ଷ୍ଟୋର, ୧୯୩୦ ।

୧୧ । ଗୋବର ଗୋଟେଇ—(ଉପନ୍ୟାସ)—୧ମ ସଂସ୍କରଣ—ପ୍ରକାଶକ—ଭାରତୀ ତପୋବନ ସଂଘ, ଦିଲ୍ଲୀ ୧୯୩୦ ୪ର୍ଥ ସଂସ୍କରଣ—କଟକ ପବ୍ଲିଶିଙ୍ଗ ହାଉସ୍ ।

୧୨ । ସାନଙ୍କ ରାମାୟଣ, (ଗଳ୍ପ)

୧୩ । ଅପୂର୍ଣ୍ଣ ପ୍ରେମ, (ଉପନ୍ୟାସ)

୧୪ । ରଣ ମାଧୁରୀ— (ଉପନ୍ୟାସ) —ପ୍ରକାଶକ—ସାରସ୍ୱତ ପ୍ରେସ୍, କଟକ, ୧୯୩୪ ।

୧୫ । ବଳାଙ୍ଗୀ—(ଉପନ୍ୟାସ)— ୧ମ ସଂସ୍କରଣ—ପ୍ରକାଶକ——ସାରସ୍ୱତ ପ୍ରେସ୍, କଟକ, ୧୯୩୪ ୨ୟ ସଂସ୍କରଣ—ପ୍ରକାଶକ—ପ୍ରେମସୁନ୍ଦର ପ୍ରକାଶନ, କଟକ, ୧୯୫୭ ।

୧୬ । ଓଡ଼ିଆ ଗ୍ରାମ୍ୟଗୀତି—ପ୍ରକାଶକ—ଓଡ଼ିଶା ସାହିତ୍ୟ ଏକାଡେମୀ, ୧୯୫୮ ।

୧୭ । ସାବିତ୍ରୀ—( କାବ୍ୟ )—ପ୍ରକାଶକ—ଲକ୍ଷ୍ମୀନାରାୟଣ ପୁସ୍ତକାଳୟ, କାଜି ବଜାର, କଟକ ।

୧୮ । ସିନେମା ରାଇଜ—(ଗଳ୍ପ)—ପ୍ରକାଶକ—ଭାରତୀ ଭଣ୍ଡାର, କଟକ, ୧୯୩୦ ।

୧୯ । ମିଶନ ବାଳିକା—( ଗଳ୍ପ )—ପ୍ରକାଶକ—ଲକ୍ଷ୍ମୀନାରାୟଣ ପ୍ରେସ୍, କଟକ, ୧୯୩୦ ।

୨୦ । ପ୍ରଜାମେଳି—ପ୍ରକାଶକ—ଗୋପବନ୍ଧୁ ସାହିତ୍ୟ ମନ୍ଦିର, କଟକ, ୧୯୬୨

୨୧ । ଗଡ଼ଜାତ କୃଷକ—(କବିତା)—ପ୍ରକାଶକ—ଭାରତୀ ପବ୍ଲିଶିଙ୍ଗ ହାଉସ୍ ।

୨୨ । ସରୋଜ ନଳିନୀ—( ଜୀବନୀ )—ପ୍ରକାଶକ—ଲକ୍ଷ୍ମୀନାରାୟଣ ପ୍ରେସ୍, କଟକ ।

୨୩ । ରୋଡ଼ଙ୍ଗ ବକ୍‌ସି—(ଉପନ୍ୟାସ)—୧ମ ସଂସ୍କରଣ, ପ୍ରକାଶକ—ପ୍ରେମସୁନ୍ଦର ପ୍ରକାଶନ, କଟକ, ୧୯୪୮ ୨ୟ ସଂସ୍କରଣ ପ୍ରକାଶକ—ପ୍ରେମସୁନ୍ଦର ପ୍ରକାଶନ, କଟକ, ୧୯୫୭ ।

୨୪ । ଅନ୍ଧାରି ମୁଲକ—(ଗଳ୍ପ)—ପ୍ରକାଶକ—ପ୍ରେମସୁନ୍ଦର ପ୍ରକାଶନ, କଟକ, ୧୯୫୫ ।

୨୫ । କିଶୋରୀ—(କବିତା)—ପ୍ରକାଶକ—ପ୍ରାଚୀ ପ୍ରେସ୍, ୧୯୩୦ ।

୨୬ । କପିଳେଶ୍ୱର ପ୍ରକୃତ କପିଳବାସ୍ତୁ, (ଗବେଷଣା) (କପିଳେଶ୍ୱରରେ ବୌଦ୍ଧସମାଗମର ପ୍ରଥମ ଅଧିବେଶନରେ ପଠିତ) ୧୯୭୦ ।

୨୭ । ବୋହୂଙ୍କ ସୁଖ ଦୁଃଖ ଗୀତିକା, ୧୯୪୬

୨୮ । ବାଳରବି—(ଜୀବନୀ)

୨୯ । ପାଇକ ଭାଇ—(କବିତା)

୩୦ । ଉତ୍କଳ ଗାଉଁଲି ଗୀତ ଚୁମ୍ବକ

୩୧ । ନରସିଂହପୁର ଦେବୋତ୍ତର-ନରସିଂହପୁର ଦେବୋତ୍ତର ବିଭାଗ ଦ୍ୱାରା ପ୍ରକାଶିତ, ୧୯୪୮ ।

୩୨ । ଭଦ୍ରଲୋକ—ସମାଲୋଚନା ମୂଳକ ମାସିକ ପତ୍ରିକା ୧୯୪୮ରେ ପ୍ରଥମ ସଂଖ୍ୟା ପ୍ରକାଶିତ (୧୨ଶ ସଂଖ୍ୟା ଯାଏଁ ପ୍ରକାଶିତ ହୋଇଥିଲା ।)



Digitized by srujanika@gmail.com

# ସ୍ୱର୍ଗତଃ ଚକ୍ରଧର ମହାପାତ୍ରଙ୍କର

# ଅପ୍ରକାଶିତ ରଚନାବଳୀ

୧ । ଉତ୍କଳ ଗାଉଁଲି ଗୀତର ୨ୟ ଭାଗ (ଧରିତ୍ରୀ ଦେବୀର ଗାଥା ଓ କଥା) ।

୨ । କଥା ମାଳିକା (ଉତ୍କଳ ଗାଉଁଲି ସାହିତ୍ୟ)

୩ । ଗ୍ରାମ୍ୟ କଥା ଓ ଗ୍ରାମ୍ୟଗୀତି ଆଲୋଚନା

୪ । ମେହେର କବିଙ୍କୁ ରାଧାନାଥଙ୍କ ପତ୍ରାବଳୀ (ସଂଗୃହୀତ)

୫ । ସମ୍ବଲପୁର ଇତିହାସ କଥା (ଇତିହାସ)

୬ । ନରସିଂହପୁର ପ୍ରାଚୀନ ଇତିହାସ (ଇତିହାସ)

୭ । ଲେଖା ମଞ୍ଜରୀ (ପ୍ରବନ୍ଧ ସମୂହ) ବିଭିନ୍ନ ପତ୍ରପତ୍ରିକାରେ ଲୋକଙ୍କର ପ୍ରକାଶିତ ହୋଇଥିବା-ଅସଂଖ୍ୟ ରଚନା) ।

୮ । ଉତ୍କଳୀୟ ଦୁର୍ଗୋତ୍ସବ, ଦୁର୍ଗୋତ୍ସବ ବିଧି ଓ ଦୁର୍ଗୋତ୍ସବ ଚନ୍ଦ୍ରିକା ।

୧୦ । ଗାଉଁଲି ବ୍ୟାସ ମହାଭାରତ (ମୂଳ ସଂସ୍କୃତ-ମହାଭାରତର ସରଳ ଅନୁବାଦ) ।

୧୦ । ଓଡ଼ିଶାର ପର୍ବପର୍ବାଣୀ (ଅସମ୍ପୂର୍ଣ୍ଣ ଲେଖା)

୧୧ । ବୁଦ୍ଧଙ୍କ ଜୀବନ ଚରିତ (ଜୀବନୀ, ଉପନ୍ୟାସ-ଶୈଳୀରେ ଲିଖିତ) ।

୧୨ । ଉତ୍କଳର ରାନ୍ଧଣା

୧୩ । ଓଡ଼ିଶା ବୁଦ୍ଧଙ୍କ ଜନ୍ମସ୍ଥାନ (ଦି ରିଏଲ୍ ବାର୍ଥ ପ୍ଲେସ୍ ଅଫ୍ ବୁଦ୍ଧ ର ଓଡ଼ିଆ ସଂସ୍କରଣ) ।

୧୪ । ଓଡ଼ିଆ ଗାଉଁଲିଗୀତର ଇଂରାଜୀ ଅନୁବାଦ

୧୫ । ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଗ୍ରନ୍ଥାବଳୀ (ଅଭିମନ୍ୟୁଙ୍କ ସମସ୍ତ ରଚନା ଓ ମୁଖବନ୍ଧ ସହ ସଂଗୃହୀତ) ।

୧୬ । ଚନ୍ଦ୍ରିକା (ଉପନ୍ୟାସ)

୧୭ । କନ୍ଧ ମାରେଣୀ (ଉପନ୍ୟାସ)

୧୮ । ବୀରା ଶକୁନ୍ତଳା (ଉପନ୍ୟାସ)

୧୯ । ପଞ୍ଚଚତ୍ର (ଗଳ୍ପ)

୨୦ । ଗୀତଗୋବିନ୍ଦ ସମୀକ୍ଷା

୨୧ । ଗୀତଗୋବିନ୍ଦ ନିର୍ଯ୍ୟାସ

୨୨ । ଗୀତଗୋବିନ୍ଦ (ଗଦ୍ୟ)

୨୩ । ଗୀତଗୋବିନ୍ଦ (ସଂପୂର୍ଣ୍ଣ ବିଶୁଦ୍ଧ ସଂସ୍କରଣ କବିତାର ଯଥାର୍ଥ ଉତ୍କଳୀୟ ଅନୁବାଦ) ।

୨୪ । ଗୀତଗୋବିନ୍ଦ ଓ ଜୟଦେବ (୨ୟ ଭାଗ)

୨୫ । ଶବର କେମା (ନାଟକ)

୨୬ । ଶକୁନ୍ତଳା ( " )

୨୭ । ମାଳବିକା (ନାଟକ)

୨୮ । ବଡ଼ଠାକୁର ( " )

୨୯ । ଦେବକ୍ଷାଦେବୀ ( " )

୩୦ । ଚଣ୍ଡକୌଶିକ ( " )

୩୧ । ଲଳିତା ସୁନ୍ଦରୀ ( " )



Digitized by srujanika@gmail.com